# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 23/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 61 | ମୂଲ୍ୟ₹୭/-





# ସରକାରଙ୍କ ଭାଷଣ ପଢ଼ିଲେନି କର୍ଣ୍ଣାଟକ ରାଜ୍ୟପାଳ

■ ୨ ଧାଡ଼ିରେ ସାରିଦେଇ କକ୍ଷତ୍ୟାଗ କଲେ
■ ସୁପ୍ରିମକୋର୍ଟ ଯାଇପାରନ୍ତି ସିଦ୍ଧାରାମାୟା ସରକାର

ବେଙ୍ଗାଲୁରୁ,୨୨।୧

କେରଳ ଓ ତାମିଲନାଡୁ ପରେ କର୍ଣ୍ଣାଟକରେ ରାଜ୍ୟ ସରକାରଙ୍କ ସହ ମୁହାଁମୁହିଁ ହୋଇଛନ୍ତି ରାଜ୍ୟପାଳ। କର୍ଣ୍ଣାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍ ଗୁରୁବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ସମ୍ବୋଧିତ କରିବାବେଳେ କଂଗ୍ରେସ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଅଭିଭାଷଣ ପଢ଼ିବାକୁ ମନା କରିଦେଇଛନ୍ତି। ସେ ମାତ୍ର ୨ ଧାଡ଼ି ପଢ଼ିବା ପରେ କକ୍ଷତ୍ୟାଗ କରିଛନ୍ତି, ଯାହାକୁ ନେଇ ବିବାଦୀୟ ସ୍ଥିତି ଉପୁଜିଛି। ରାଜ୍ୟପାଳ ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ଭାଷଣକୁ ନ ପଢ଼ି ନିଜେ ଭାଷଣ ଦେଇଥିଲେ। ଗେହଲଟ୍ କେନ୍ଦ୍ର ସରକାରଙ୍କ ଜଣେ 'କ୍ରୀଡ଼ନକ' ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାଜପା ରାଜ୍ୟପାଳଙ୍କୁ ସମର୍ଥନ କରିବା ସହ କଂଗ୍ରେସ ବିଧାନସଭାକୁ ବିଭ୍ରାନ୍ତ କରୁଥିବା ଅଭିଯୋଗ ଆଣିଛି।

୨ ଦିନ ଭିତରେ ଦକ୍ଷିଣ ଭାରତର ୩ ଅଣଭାଜପା ଶାସିତ ରାଜ୍ୟରେ ସରକାର ଓ ରାଜ୍ୟପାଳ ମୁହାଁମୁହିଁ ହେବାର ଏହା ହେଉଛି ତୃତୀୟ ଘଟଣା। କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ମଙ୍ଗଳବାର ବିଧାନସଭା ସଦସ୍ୟଙ୍କୁ ସମ୍ବୋଧନ ବେଳେ କ୍ୟାବିନେଟ ଅନୁମୋଦିତ ଭାଷଣରୁ କିଛି ଅଂଶକୁ ବାଦ୍ ଦେଇଥିବା ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ଅଭିଯୋଗ ଆଣିଥିଲେ। ସେହିପରି ତାମିଲନାଡୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ରାଜ୍ୟପାଳ ଏନ୍. ରବି ନ ପଢ଼ି ଅଧିବେଶନ ମଝିରୁ ଗୃହ ଛାଡ଼ି ଚାଲିଯାଇଥିଲେ। ଏହିକ୍ରମେ କର୍ଣ୍ଣାଟକ ରାଜ୍ୟପାଳ ଗେହଲଟ୍ ଗୁରୁବାର ବିଧାନସଭା ଓ ବିଧାନ ପରିଷଦକୁ ସମ୍ବୋଧନ ବେଳେ ନିଜ ଅଭିଭାଷଣକୁ ସଂକ୍ଷିପ୍ତ କରିଦେଇଥିଲେ। ଫଳରେ ଶାସକ କଂଗ୍ରେସ ସଦସ୍ୟମାନେ ତାଙ୍କୁ ଘେରାଉ ଉଦ୍ୟମ କରିଥିଲେ।


ଥାୱରଚନ୍ଦ ଗେହଲଟ୍

ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ବାଚସ୍ପତି ୟୁ.ଟି. ଖଦେର, କାଉନ୍ସିଲ ଚେୟାରମ୍ୟାନ୍ ବାସବରାଜ ହୋରାଟ୍ଟି, ବିରୋଧୀ ଦଳ ନେତା, ମନ୍ତ୍ରୀ ଓ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ ଅଭିଭାଷଣ ଆରମ୍ଭ କରିଥିଲେ। ଗେହଲଟ୍ କହିଥିଲେ, ତାଙ୍କ ସରକାର ରାଜ୍ୟର ଆର୍ଥିକ, ସାମାଜିକ ଓ ଭୌତିକ ଅଭିବୃଦ୍ଧିର ଗତିକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ହିନ୍ଦୀରେ କହିଥିଲେ। ଏହା ପରେ ସରକାରଙ୍କ ପ୍ରସ୍ତୁତ ଭାଷଣକୁ ସେ ଅଧିକ ନ ପଢ଼ି କକ୍ଷତ୍ୟାଗ କରିଥିଲେ।

କଂଗ୍ରେସ ସଦସ୍ୟମାନେ ଗୃହରେ 'ଲଜ୍ଜା ଲଜ୍ଜା' ସ୍ଲୋଗାନ ଦେଇ ତାଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ଭାଜପା ସଦସ୍ୟମାନେ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେଇ ରାଜ୍ୟପାଳଙ୍କୁ ସମର୍ଥନ କରିଥିଲେ। ରାଜ୍ୟପାଳ ନିଜ ସାମ୍ବିଧାନିକ ଉତ୍ତରଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ସମାଲୋଚନା କରିଛନ୍ତି। ସିଦ୍ଧାରାମାୟା ଆହୁରି କହିଛନ୍ତି, ରାଜ୍ୟପାଳ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ସମ୍ପୂର୍ଣ୍ଣ ରୂପେ ନ ପଢ଼ି ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ କଣ୍ଢେଇ ଭଳି କାର୍ଯ୍ୟ କରିଛନ୍ତି। ପ୍ରତି ନୂଆବର୍ଷରେ ରାଜ୍ୟପାଳ କ୍ୟାବିନେଟ୍ ପ୍ରସ୍ତୁତ ଅଭିଭାଷଣ ପଢ଼ି ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପରମ୍ପରା ରହିଛି। ଏହା ସାମ୍ବିଧାନିକ। କାରଣ, ସମ୍ବିଧାନର ଅନୁଚ୍ଛେଦ ୧୭୬ ଓ ୧୬୩ ଅନୁସାରେ ସରକାର କିମ୍ବା କ୍ୟାବିନେଟ ଅଭିଭାଷଣ ପ୍ରସ୍ତୁତ କରିଥାଏ ଏବଂ ରାଜ୍ୟପାଳ ତାକୁ ପଢ଼ିଥାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରି କି ରାଜ୍ୟପାଳଙ୍କ ଏଭଳି ଚିନ୍ତାଧାରା ବିରୋଧରେ ବିକ୍ଷୋଭ କରାଯିବ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ କି ନାହିଁ ତାହା ଆମେ ଅନୁଧ୍ୟାନ କରୁଛୁ ବୋଲି ସିଦ୍ଧାରାମାୟା କହିଛନ୍ତି। ଉପା ଅମଳର ଏମ୍‌ଜିଏନ୍‌ଆର୍‌ଇଜିଏକୁ କେନ୍ଦ୍ର ସରକାର ହଟାଇ ବିଭି ଜି ରାମଜି ନାମରେ ନୂଆ ଯୋଜନା ଆଣିଥିବାବେଳେ କର୍ଣ୍ଣାଟକର କଂଗ୍ରେସ ସରକାର ୧୧ ପାରା ବିଶିଷ୍ଟ ଉକ୍ତ ଆଲେଖ୍ୟରେ ଏହାକୁ ସମାଲୋଚନା କରିଥିଲେ। ଏହା ରାଜ୍ୟ ସରକାରଙ୍କ ପାଇଁ ଗ୍ରହଣୀୟ ନୁହେଁ ବୋଲି ସେଥିରେ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କେନ୍ଦ୍ରକୁ ସମାଲୋଚନା କରିବାକୁ ନ ଚାହିଁ ଏପରି କରିଥିବା କୁହାଯାଉଛି। ଗେହଲଟ୍ ବିଧାନସଭା ଛାଡ଼ି ଚାଲିଯାଉଥିବାବେଳେ କେତେଜଣ ଏମ୍‌ଏଲ୍‌ସି ବି.କେ. ହରିପ୍ରସାଦଙ୍କ ସମେତ କଂଗ୍ରେସ ସଦସ୍ୟ ତାଙ୍କୁ ଘେରାଉ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା କର୍ମଚାରୀ ସେମାନଙ୍କୁ ହଟାଇଦେଇଥିଲେ।


ଆମେରିକାର ମିନେସୋଟାରେ ଆପ୍ରବାସନ ବିରୋଧୀ ବିକ୍ଷୋଭ ବେଳେ ଜଣେ ବ୍ୟକ୍ତିଙ୍କୁ ଫେଡେରାଲ ଏଜେଣ୍ଟମାନେ ଉଠାଇ ନେଉଛନ୍ତି।

## 'ବିଜୟନ୍ ଏନ୍‌ଡିଏରେ ମିଶିଲେ କେରଳକୁ ବଡ଼ ପ୍ୟାକେଜ୍ ଦେବେ ମୋଦି'

ନୂଆଦିଲ୍ଲୀ,୨୨।୧

କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହେବା ଉଚିତ। ସେ କେନ୍ଦ୍ରର ଶାସକ ମେଣ୍ଟରେ ମିଶିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳକୁ ବଡ଼ ପ୍ୟାକେଜ୍ ଦେବେ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱଲେ କହିଛନ୍ତି। ଆଠୱଲେଙ୍କ ଏଭଳି ମନ୍ତବ୍ୟକୁ କେରଳର ଶାସକ ସିପିଆଇଏମ୍ କଡ଼ା ସମାଲୋଚନା କରିଛି।


ରାମଦାସ ଆଠୱଲେ

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଆଠୱଲେ କହିଛନ୍ତି, ବିଜୟନ୍ ଏନ୍‌ଡିଏରେ ସାମିଲ ହେଲେ ତାହା ଏକ ବୈପ୍ଳବିକ ପଦକ୍ଷେପ ହେବ ଏବଂ ନିଶ୍ଚିତ ଭାବେ କେରଳକୁ ଅଧିକ ଟଙ୍କା ଆସିବ। ସେହି ଟଙ୍କାକୁ ରାଜ୍ୟର ବିକାଶ ପାଇଁ ଖର୍ଚ୍ଚ କରାଯାଇପାରିବ। ମୋଦି ମଧ୍ୟ କେରଳକୁ ବଡ଼ ପ୍ୟାକେଜ୍ ପ୍ରଦାନ କରିବେ।

## ଆରାବଲୀର ଅପୂରଣୀୟ କ୍ଷତି କରିପାରେ ବେଆଇନ ଖନନ



ନୂଆଦିଲ୍ଲୀ,୨୨।୧

ଆରାବଲୀ ପର୍ବତମାଳାରେ ବେଆଇନ ଖନନ ଯୋଗୁ ଏହାର ପରିବେଶ ପାଇଁ ଅପୂରଣୀୟ କ୍ଷତି ହୋଇପାରେ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତାସମ୍ପନ୍ନ ବ୍ୟକ୍ତିମାନଙ୍କୁ ନେଇ ବିଶେଷଜ୍ଞ କମିଟି ଗଠନ କରାଯିବ। ଉକ୍ତ କମିଟି ଆରାବଲୀରେ ଖନନ ଓ ଏ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକରେ ଅନୁଧ୍ୟାନ କରିବ। ଏକ୍ସପର୍ଟ କମିଟି ଗଠନ ପାଇଁ ୪ ସପ୍ତାହ ମଧ୍ୟରେ ପରିବେଶବିତ୍ ଓ ବୈଜ୍ଞାନିକମାନଙ୍କ ନାମ ସୁପାରିସ କରିବାକୁ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଉକ୍ତ କମିଟି କାର୍ଯ୍ୟ କରିବ। ସୁପ୍ରିମକୋର୍ଟ ଆରାବଲୀର ସଂଜ୍ଞା ସମ୍ପର୍କିତ ନଭେମ୍ବର ୨୦ ରାୟ ଉପରେ ରଖିଥିବା ସ୍ଥଗିତାଦେଶକୁ ବଳବତ୍ତର ରଖିଛନ୍ତି। ଆରାବଲୀରେ ବେଆଇନ ଖନନ ଯୋଗୁ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ନେଇ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ନିଜ ଆଡୁ ଶୁଣାଣି କରୁଛନ୍ତି।

## ଆମେରିକା, ରୁଷିଆ ସହ ତ୍ରିପାକ୍ଷିକ ବୈଠକ ଘୋଷଣାକଲେ ୟୁକ୍ରେନ୍ ରାଷ୍ଟ୍ରପତି


ଭୋଲୋଡିମିର ଜେଲେନ୍‌ସ୍କି

ଡାଭୋସ୍,୨୨।୧

ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନ୍ତର୍ଜାତୀୟ 'ବୋର୍ଡ ଅଫ୍ ପିସ୍' ଗଠନ ନେଇ ଘୋଷଣା କରିଥିବାବେଳେ ତାଙ୍କୁ ଅନେକ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟ୍ରମ୍ପ୍‌ଙ୍କ ସହ ଆଲୋଚନା ପରେ ବିଶ୍ୱନେତାମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଟ୍ରମ୍ପ୍‌ଙ୍କ ସହ ସାକ୍ଷାତ୍ ଫଳପ୍ରଦ ହୋଇଛି। ମସ୍କୋ ଯାତ୍ରା କରିବା ପାଇଁ ଆମେରିକୀୟ ପ୍ରତିନିଧି ଦଳକୁ ସେ ଅପେକ୍ଷା କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଚଳିତ ସପ୍ତାହାନ୍ତରେ ଆମେରିକା, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ୨୦୨୨ରୁ ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଦିଗରେ ଏହା ସହାୟକ ହେବ ବୋଲି ଜେଲେନ୍‌ସ୍କି ଆଶାବାଦୀ ଥିବା କହିଛନ୍ତି।



# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୩/୨୦୨୬ | Bhubaneswar, Friday, January 23/2026 | ପୃଷ୍ଠା-୧




### ଜୋକୋଭିଚ୍ ୩ୟ ରାଉଣ୍ଡରେ

ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବୀୟ ଟେନିସ ତାରକା ନୋଭାକ୍ ଜୋକୋଭିଚ୍।

**୧୨ ୦୨**

### ମୁଁ ବିବାହିତ

ପ୍ରେମିକା ଗୌରୀ ସ୍ପ୍ରେଟଙ୍କୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ଆମିର ଖାନ୍ ତାଙ୍କୁ ହୃଦୟରୁ ବିବାହ କରିସାରିଛନ୍ତି ବୋଲି କହିଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।



ସାଧାରଣତନ୍ତ୍ର ଦିବସର ରାଜ୍ୟସ୍ତରୀୟ ସମାରୋହ ପାଇଁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଗୁରୁବାର ପିଲାମାନେ ସ୍କେଟିଂ ରିହର୍ସାଲ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

## ୩୧ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର,୨୨।୧(ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାନୁଆରୀ ୩୧ରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୭ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବକୁ ମୋହର ବାଜିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଆସିବାର ରହିଛି। ଏହାକୁ ନେଇ ବିଭିନ୍ନ ବିଭାଗ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ନୂତନ ଯୋଜନା ଆସିବାକୁ ରହିଛି। ସେଥିମଧ୍ୟରେ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟସେବାରେ ଉନ୍ନତୀକରଣ ପାଇଁ ବିଭାଗ ସ୍ୱତନ୍ତ୍ର ପ୍ରସ୍ତାବ ଆଣିବାକୁ ରହିଥିବାବେଳେ ରାଜ୍ୟବାସୀଙ୍କୁ ରାଜସ୍ୱ ସେବା ନିକଟତର କରିବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଜମିଜମା ସଂକ୍ରାନ୍ତୀୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ବାଜିବ ବୋଲି ଜଣାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗ, ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ସାଧାରଣ ପ୍ରଶାସନ, ସଂସଦୀୟ ବ୍ୟାପାର ଓ ଅର୍ଥ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ଜଣାଯାଇଛି।

# ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ପାକିସ୍ତାନ, ଦ୍ୱନ୍ଦ୍ୱରେ ଭାରତ

**ଇସ୍ରାଏଲ ସହ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଗାଜାର ପୁନରୁଦ୍ଧାର ଓ ବିକାଶ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଏକ ସଙ୍ଗଠନ 'ବୋର୍ଡ ଅଫ୍ ପିସ୍' ଗଠନ ହୋଇଛି। ଏହା ମିଳିତ ଜାତିସଂଘ (ୟୁଏନ୍) ବିକଳ୍ପ ଭାବେ ମୁଣ୍ଡ ଟେକିଛି, ଯାହା ଶୀଘ୍ର ନିଷ୍ପତ୍ତି ନେଇ କାର୍ଯ୍ୟ କରିପାରିବ। ଟ୍ରମ୍ପ ଏହି ଶାନ୍ତି ବୋର୍ଡର ଆଜୀବନ ଅଧ୍ୟକ୍ଷ ଥିବାବେଳେ ଏଥିରେ କେତେଜଣ ପ୍ରଭାବଶାଳୀ ନେତା ଓ ବ୍ୟବସାୟୀ ସାମିଲ ଅଛନ୍ତି। କର୍ପୋରେଟ ଷ୍ଟାଇଲ୍‌ରେ ଗଠିତ ଏହି ବୋର୍ଡରେ ସ୍ଥାୟୀ ସଦସ୍ୟ ହେବା ପାଇଁ ୧ ବିଲିୟନ ଡଲାର ଦେବାକୁ ସର୍ତ୍ତ ରହିଛି, ଯାହାଫଳରେ ସେହି ସଦସ୍ୟଙ୍କ ଭିଟୋ ପାୱାର ରହିପାରିବ। ସେହିପରି ୩ ବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ବୋର୍ଡରେ ସାମିଲ ହେବାକୁ ଟ୍ରମ୍ପଙ୍କ ପକ୍ଷରୁ ଭାରତ ଓ ପାକିସ୍ତାନକୁ ନିମନ୍ତ୍ରଣ ମିଳିଥିଲା। ଇସ୍ରାଏଲର ପ୍ରବଳ ବିରୋଧ ସତ୍ତ୍ୱେ ପାକିସ୍ତାନ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଭାରତ ନୀରବ ରହିଛି, ଯାହାକି ଅନ୍ତର୍ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି। ଭାରତ ପାଇଁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି। ଗୋଟିଏ ପଟେ ଭାରତ କେବେ ଚାହିଁବ ନାହିଁ ଯେ ୟୁଏନ୍ ବାହାରେ ଏପରି କୌଣସି ଶକ୍ତିଶାଳୀ ଗୋଷ୍ଠୀରେ ସାମିଲ ହେବାକୁ, ଯାହା ଭବିଷ୍ୟତରେ କଶ୍ମୀର ପରି ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବାହ୍ୟ ହସ୍ତକ୍ଷେପର ବାଟ ଫିଟାଇବ। ଅନ୍ୟପଟେ ପାକିସ୍ତାନ ଏଥିରେ ସାମିଲହେବା ପରେ ଭାରତ ଉପରେ ଏକ ପ୍ରକାର କୂଟନୈତିକ ଚାପ ସୃଷ୍ଟି ହୋଇଛି। ପାକିସ୍ତାନ ଏହା ମାଧ୍ୟମରେ ଅନ୍ତର୍ଜାତୀୟ ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଥିବାବେଳେ ଭାରତର କୂଟନୈତିକ ବୁଦ୍ଧି ଚାଲୁ ନ ଥିବା ଭଳି ମନେହେଉଛି।**



ଡାଭୋସ୍/ନୂଆଦିଲ୍ଲୀ,୨୨।୧(ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ବୋର୍ଡ ଅଫ୍ ପିସ୍'ର ପ୍ରଥମ ଚାର୍ଟର ସମ୍ପର୍କରେ ଗୁରୁବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ସଂଘର୍ଷର ସମାଧାନ ପାଇଁ କାର୍ଯ୍ୟ କରିବାକୁ ଥିବା ଏହି ସଂସ୍ଥାର ସ୍ଥାୟୀ ସଦସ୍ୟ ହେବା ସକାଶେ ଦେଶ ପିଛା ୧ ବିଲିୟନ ଆମେରିକୀୟ ଡଲାର ଚାନ୍ଦା ରଖାଯାଇଛି। ଗାଜାରେ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ପରବର୍ତ୍ତୀ ସମୟରେ ପୁନଃ ନିର୍ମାଣ ଓ ଶାସନର ଦେଖାଶୁଣା ଲାଗି ପ୍ରଥମେ ଏହି ବୋର୍ଡର ପରିକଳ୍ପନା କରାଯାଇଥିଲା। ତେବେ ବିଶ୍ୱରେ ଯୁଦ୍ଧର ପରିସର ବୃଦ୍ଧିକୁ ଦେଖି ଟ୍ରମ୍ପ ଉକ୍ତ ବୋର୍ଡକୁ ଆଉ ଗାଜାରେ ସୀମିତ ନ ରଖି ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୧ ଡଜନାଧିକ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଶୀର୍ଷ କୂଟନୀତିଜ୍ଞଙ୍କୁ ସାମିଲ କରାଯାଇଥିବା ନେଇ ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍) ବାର୍ଷିକ ସମ୍ମିଳନୀରେ ଟ୍ରମ୍ପ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଅର୍ ମିଲେଇ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ, ପାରାଗୁଏର କଞ୍ଜରଭେଟିଭ୍ ପ୍ରେସିଡେଣ୍ଟ ସାଣ୍ଟିଆଗୋ ପେନା, ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କଟ ମିର୍ଜିଅୟୋୟେଭ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ୍ ପାଶିନ୍ୟାନ୍ ଓ ଆଜରବୈଜାନ ରାଷ୍ଟ୍ରପତି ଇଲ୍‌ହାମ୍ ଆଲିୟେଭ୍ ରହିଛନ୍ତି।

ଟ୍ରମ୍ପ ନିଜ ଭାଷଣ ଆରମ୍ଭ କରି କହିଛନ୍ତି, ଶାନ୍ତି ବୋର୍ଡର ଅଂଶବିଶେଷ ହେବାକୁ ସମସ୍ତେ ଚାହାନ୍ତି। ତେବେ ସେ ଜାତିସଂଘ ସମେତ ଅନ୍ୟମାନଙ୍କ ସହ କାର୍ଯ୍ୟ କରିବା ଜାରି ରଖିବେ। ବୋର୍ଡ ଅଫ୍ ପିସ୍ ପ୍ରଥମେ ଗାଜା ଉପରେ ଫୋକସ୍ ☞ପୃଷ୍ଠା-୨

## ମା'ବାପା ହେଲେ ସବ୍ୟର୍ଚ୍ଚିତା



ଭୁବନେଶ୍ୱର,୨୨।୧(ବନ୍ଦନା ସେଠୀ)

ମା'ବାପା ହେଲେ ଓଡ଼ିଆ ଚଳଚ୍ଚିତ୍ରର ସୁପରହିଟ୍ ଯୋଡ଼ି ସବ୍ୟର୍ଚ୍ଚିତା। ଅଭିନେତ୍ରୀ ଅର୍ଚ୍ଚିତା ସାହୁ ବୁଧବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ଅଭିନେତା ସବ୍ୟସାଚୀ ମିଶ୍ର ସୂଚନା ଦେଇଛନ୍ତି। ଶିଶୁପୁତ୍ର ବୁଧବାର ଜନ୍ମ ହୋଇଥିବାବେଳେ ଗୁରୁବାର ଏନେଇ ସବ୍ୟସାଚୀ ସୂଚନା ଦେବା ସହ ତାଙ୍କ ଫ୍ୟାନ୍‌ସଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

**ଆଜିର ସମ୍ପାଦକୀୟ**

**କ୍ଷୁଧା ଚିନ୍ତା**

## ୧୮୦୦ ବଦଳରେ ୨୫୦୦ ଟଙ୍କା ଭତ୍ତା ପାଇବେ ଗ୍ରାମରକ୍ଷୀ

ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଥିବା ମାସିକ ଭତ୍ତାକୁ ବୃଦ୍ଧି କରିଛନ୍ତି। ଆଗରୁ ଗ୍ରାମରକ୍ଷୀମାନଙ୍କୁ ୧୮୦୦ ଟଙ୍କା ଲେଖା ମିଳୁଥିଲା। ଏବେ ସେହି ଟଙ୍କାକୁ ବଢାଇ ୨୫୦୦ ଟଙ୍କା କରିଦିଆଯାଇଛି। ଏହାଛଡା ସେମାନେ ସପ୍ତାହକୁ ଥରେ ଯେଉଁ ଥାନା ଅଧୀନରେ କାମ କରୁଥିବେ ସେଠାକୁ ଯାଇ ନିଜର ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘଦିନ ହେବ ଗ୍ରାମରକ୍ଷୀମାନେ ବିଭିନ୍ନ ଦାବି ନେଇ ଅନେକ ସମୟରେ ଆନ୍ଦୋଳନ କରୁଛନ୍ତି।

# ଏଥର ବଜେଟ ୩ ଲକ୍ଷ କୋଟି ଟପିବ

### ଫେବୃଆରୀ ୧୭ରୁ ରାଜ୍ୟ ବଜେଟ ଅଧିବେଶନ

ଭୁବନେଶ୍ୱର,୨୨।୧(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ଆସନ୍ତା ଫେବୃଆରୀ ୧୭ରୁ ବିଧାନସଭାରେ ରାଜ୍ୟ ବଜେଟ ଅଧିବେଶନ ଆରମ୍ଭ ହେବାକୁ ରହିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଅନୁମୋଦନ ଲାଗି ଏକପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଏହାକୁ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିବା ପରେ ବିଧାନସଭା ପକ୍ଷରୁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବ ବୋଲି ସଂସଦୀୟ ବ୍ୟାପାର ପକ୍ଷରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ବଜେଟର ବ୍ୟୟ ଅଟକଳ ପ୍ରାୟ ୩ଲକ୍ଷ କୋଟି ଟପିବ ବୋଲି ଆକଳନ କରାଯାଉଛି। ଏହାକୁ ନେଇ ଆସନ୍ତା ଫେବୃଆରୀରୁ ହେବାକୁ ଥିବା ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ୧୭ରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ମାର୍ଚ୍ଚରେ ହେବ। ଉଭୟ ପର୍ଯ୍ୟାୟରେ ପ୍ରାୟ ୩୦ଦିନ କାର୍ଯ୍ୟ ଦିବସ ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଜାନୁଆରୀ ୧୭ ଏବଂ ୧୯ରେ ଦୁଇଟି ପର୍ଯ୍ୟାୟରେ ବିଭାଗସ୍ତରୀୟ ପ୍ରାକ୍ ବଜେଟ ଆଲୋଚନା ହୋଇସାରିଛି। ୨୦୨୪-୨୫ ଆର୍ଥିକ ☞ପୃଷ୍ଠା-୨

### ୨୦୦ ଫୁଟ୍ ଖସିଲା ସେନା ଗାଡ଼ି

# ୧୦ ଯବାନ ମୃତ, ୧୧ ଆହତ

ଜମ୍ମୁ,୨୨।୧(ପି.ଟି.)

ଜମ୍ମୁ-କଶ୍ମୀର ଡୋଡା ଜିଲାରେ ଭାରତୀୟ ସେନାର ଏକ ଗାଡ଼ି ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯବାନମାନଙ୍କୁ ନେଇ ଯାଉଥିବା ଟ୍ରକ୍‌ଟି ରାସ୍ତାରୁ ୨୦୦ ଫୁଟ୍ ତଳେ ଥିବା ଏକ ଖାତକୁ ଖସିପଡ଼ିଛି। ଏଥିରେ ୧୦ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ ଆହତ ହୋଇଛନ୍ତି। ୯,୦୦୦ ଫୁଟ୍ ଉଚ୍ଚତାରେ ଥିବା ଭଦେରୱାହ-ଚାମ୍ବା ଆନ୍ତଃ ରାଜ୍ୟ ସଡ଼କ ସଂଲଗ୍ନ ଖନିରେ ସେନାର ବୁଲେଟପ୍ରୁଫ୍ ଗାଡ଼ି ଡ୍ରାଇଭର ଏକ ଅତ୍ୟୁଚ୍ଚ ଶିବିରକୁ ଯାଉଥିବାବେଳେ ଭାରସାମ୍ୟ ହରାଇଦେଇଥିଲେ। ଫଳରେ ଗାଡ଼ି ୨୦୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ଯବାନମାନଙ୍କୁ ଉଦ୍ଧାର କରିବା ପାଇଁ ସେନା ଓ ପୋଲିସର ମିଳିତ ରେସ୍କ୍ୟୁ ଅପରେଶନ୍ କରାଯାଇଥିବାବେଳେ ଘଟଣାସ୍ଥଳରେ ୪ ଯବାନଙ୍କ ମୃତଦେହ ଠାବ ହୋଇଥିଲା। ଅନ୍ୟ ୧୧ ଆହତ ଯବାନଙ୍କୁ ଉଦ୍ଧାରକରି ହସ୍ପିଟାଲକୁ ନିଆଯାଇଥିଲା। ପରେ ଆଉ ୪ ଯବାନଙ୍କ ମୃତଦେହ ଠାବ ହୋଇଛି। ଜଣେ ଆହତଙ୍କୁ ଭଦେରୱାହ ସବ୍‌ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୧୦ ଜଣଙ୍କୁ ଏୟାରଲିଫ୍ଟ କରି ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ଉଧମପୁର କମାଣ୍ଡ ହସ୍ପିଟାଲକୁ ନିଆଯାଇଛି। ଏହି ଦୁର୍ଭାଗ୍ୟଜନକ ଦୁର୍ଘଟଣାରେ ଆମେ ୧୦ ଯବାନଙ୍କୁ ହରାଇଛୁ ବୋଲି ଭଦେରୱାହ ଅତିରିକ୍ତ ଡେପୁଟି କମିଶନର ସୁମିତ୍ କୁମାର ଭୁତ୍ୟାଲ କହିଛନ୍ତି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ମୃତ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ସେ ତ୍ୱରିତ ଉଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ଆଉ ସାଢ଼େ ୪ଲକ୍ଷ ହିତାଧିକାରୀ ପାଇଲେ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)

### କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲାଣି ୧୫ହଜାର କୋଟିରୁ ଅଧିକ ଟଙ୍କା




'ସୁଭଦ୍ରା' ଯୋଜନାରେ ଆଉ ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି। ଏମାନଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣ, ଅଭିଯୋଗ ଶୁଣାଣି ମାଧ୍ୟମରେ ଯୋଡ଼ି ହୋଇଥିବା ୨୪ ହଜାର ୧୮ ଜଣ ଓ ନୂଆ ହିତାଧିକାରୀ ୧ ଲକ୍ଷ ୭୮ ହଜାର ୩୯୮ ଜଣ ରହିଛନ୍ତି। ଗୁରୁବାର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବାର ପ୍ରଥମ ଦିନରେ ହିଁ ସୁଭଦ୍ରା ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିଲେ। ୧୭ ସେପ୍ଟେମ୍ବର ୨୦୨୪ରେ ପ୍ରଥମ କିସ୍ତି ହିତାଧିକାରୀଙ୍କ ଖାତାକୁ ଯାଇଥିଲା। ଏଯାବତ୍ ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତିବର୍ଷ ଦୁଇଟି କିସ୍ତି ରାଖୀପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଲେଖାଏ ଏପରି ମୋଟ ୫ ବର୍ଷରେ ୫୦ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ☞ପୃଷ୍ଠା-୨

### ସରଣ୍ଡା ଜଙ୍ଗଲରେ ଗୁଳି ବିନିମୟ

# ୧୫ ମାଓବାଦୀ ନିହତ

ରାଉରକେଲା,୨୨।୧(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ସକାଳୁ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହୋଇଛି। ଏହି ଘଟଣାରେ ଟପ୍ ମାଓବାଦୀ ନେତା ଅନଳ ତୁଫାନଙ୍କ ସମେତ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ୧୧ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ଅନଳ ତୁଫାନ, ଅନ୍‌ମୋଲ, ଅମିତ ମୁଣ୍ଡା, ପିଣ୍ଟୁ ଲୋହରା, ଲଲଜିତ, ରାଜେଶ ମୁଣ୍ଡା, ବୁଲବୁଲ ଅଲଦା, ବବିତା, ପୂର୍ଣ୍ଣିମା, ସୁରଜମୁନି ଏବଂ ଯୋଙ୍ଗା ପ୍ରମୁଖ। ଅନ୍ୟ ୪ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ହାଇଆଲର୍ଟ ଜାରି ହୋଇଛି। ଘଟଣାସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ସେହିପରି ସୀମାନ୍ତରେ ରାଉରକେଲା ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ରା ଜରେଇକେଲା ଅଞ୍ଚଳରେ ସୀମା ସିଲ୍ କରାଯାଇଛି। ଝାଡ଼ଖଣ୍ଡରେ ଏତେ ସଂଖ୍ୟାରେ ମାଓବାଦୀ କେବେ ମଧ୍ୟ ଏକକାଳୀନ ନିହତ ହୋଇନାହାନ୍ତି। ଏହା ସୁରକ୍ଷାବାହିନୀ ପାଇଁ ଏକ ବଡ଼ ସଫଳତା ବୋଲି ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ମାଓବାଦୀ ନେତା ଅନଳ ଗିରିଡିହ ଜିଲା ପିରଟାଣ୍ଡବ ଥାନା ଝରାବାଲୋ ଗ୍ରାମର ବାସିନ୍ଦା ତରୁ ମାରାଣ୍ଡିଙ୍କ ପୁଅ। ସେ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ଥିବାବେଳେ ସୁରକ୍ଷାବାହିନୀର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ। ଅନଳ ନିଜେ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ, ସ୍ଥାନ: ବାଖରାବାଦ, ଗୁପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଳେଶ୍ୱର, ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାପୀଠ ପରିସର, ମଙ୍ଗଳପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: କଚେରୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଳେଶ୍ୱର, ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ନେତାଜୀ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଜିଲା ସ୍କୁଲ ପରିସର, ଭଦ୍ରକ, ସମୟ: ସକାଳ ୮ଟା ୩୦।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିତ୍ୟ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଘାଟନ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା, ସ୍ଥାନ: ସରମରା, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ଅଷ୍ଟମ ପ୍ରହର ନାମଯଜ୍ଞ, ନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୬ ଟା।
- ଦେବୀ ମା' ସରସ୍ୱତୀଙ୍କ ପୂଜା, ସ୍ଥାନ: ଜାଭିୟର ସ୍କୁଲ ଚଣ୍ଡିଆବିରଞ୍ଚିପୁର, ଛେନାପଦି, ସମୟ: ସକାଳ ୯ ଟା।

**ମୟୂରଭଞ୍ଜ**
- ସରସ୍ୱତୀ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ପୂଜା, ସ୍ଥାନ:ଉଦଳା ସରସ୍ୱତୀ ମନ୍ଦିର,ସମୟ:ସକାଳ ୭ଟା୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭଲିବଲ ଟୁର୍ନାମେଣ୍ଟ 'ମୁସ୍କାନ', ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ଢେଙ୍କାନାଳ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ସରସ୍ୱତୀ ପୂଜା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା ୩୦।
- ବାଗଦେବୀ ମା' ସରସ୍ୱତୀ ଦେବୀଙ୍କ ପୂଜା, ସ୍ଥାନ: ଆଠମଲ୍ଲିକ ପି.ଏମ୍. ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ପାଳନ, ସ୍ଥାନ : ଆଠମଲ୍ଲିକ ପୁରୁଣା ମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- କାନମାସ୍ ନାଟ୍ୟ ଅନୁଷ୍ଠାନର ରଜତ ଜୟନ୍ତୀ ଉପଲକ୍ଷେ ୩ ଦିନିଆ ନାଟକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ନେତାଜୀ କ୍ଲବ ପକ୍ଷରୁ ମିନି ମାରାଥାନ, ସ୍ଥାନ: ନେତାଜୀ ଚୌକ, ତରାସ, ରାଜକନିକା, ସମୟ: ସକାଳ ୬ଟା।
- ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଗରଜଙ୍ଗା, ମାର୍ଶାଘାଇ, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: କୋଟିଳା ବେଲାରୀ, ବଟିଘର, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଅଷ୍ଟପ୍ରହର ନାମଯଜ୍ଞ ନାମଯଜ୍ଞ, ସ୍ଥାନ: କୋରେଇ ବ୍ଲକ, ସାନପାଟୁଳି, ସମୟ: ସକାଳ ୬ଟା।
- ନେତାଜୀ ଜୟନ୍ତୀ ଉପଲକ୍ଷେ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଗଣଦୌଡ଼, ସ୍ଥାନ: ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ବ୍ୟାସଦେବ ଟାଉନ ହଲ,ସମୟ: ସକାଳ ୯ଟା।
- ସରସ୍ୱତୀ ପୂଜା, ସ୍ଥାନ: ବ୍ୟାସନଗର ମୁଣ୍ଡୋମାଳ ସ୍ୱରସ୍ୱତୀ ବିଦ୍ୟା ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଧର୍ମଶାଳା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟର ଭୂମିପୂଜନ ଉତ୍ସବ, ସ୍ଥାନ: ଆରୁହା ମୌଜା, ସମୟ: ପୂର୍ବାହ୍ନ ୧୧ଟା।
- ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ଡୋଲୀପୁର, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳା ପ୍ରେସ୍‌କ୍ଲବର ପୂର୍ବତନ ସଭାପତିଙ୍କ ୧୭ତମ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ପ୍ରେସ୍‌କ୍ଲବ ପରିସର, ସମୟ: ଅପରାହ୍ନ ୩ଟା।
- କେଜିଆଇ ସ୍ପୋର୍ଟସ ଏକାଡେମୀର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କୋରେଇ ବ୍ଲକ ତାରାପୁର କେଜିଆଇ ପରିସର, ସମୟ: ଅପରାହ୍ନ ୩ଟା୩୦।
- ସରସ୍ୱତୀ ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଚୋରଦା ଗ୍ରାମର ୱାର୍ଡ ନଂ.୧୪, ବ୍ୟାସନଗର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଜାମାଲାଗି ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ ମ୍ୟାଚ ବିସିସି ବାଣପୁର ବନାମ କଣ୍ଟିଲୋର ମା' ବରୁଣେଇ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଦ୍ୱାଦଶ ଦିବସର ୨ୟ ସେମି ଫାଇନାଲ ମ୍ୟାଚରେ ଭୋଗରା ବନାମ ଢ଼ୋଲମରା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବ ଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୫ମ ଦିବସରେ ଉତ୍କଳ ସ୍ପୋର୍ଟିଂ କ୍ଲବ ଖୋର୍ଦ୍ଧା ରୋଡ (ଜଟଣୀ) ବନାମ ମଙ୍ଗଳା ଫୁଟ୍‌ବଲ କ୍ଲବ କଟକ, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ସାମନ୍ତ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଣ୍ଡପଡା, ବାଇପାସ୍ ନିକଟସ୍ଥ ବାଉରୀ ଠାକୁରାଣୀ ପୀଠ, ସମୟ: ଅପରାହ୍ନ ୪ଟା।
- ମାଧବଙ୍କ ହଳଦି ଫଗୁ ଖେଳ ଓ ଦୟଣାଚୋରି ବଗିଚାକୁ ବିଜେ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ନେତାଜୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଚିନାସାରି, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବିକଶିତ ଭାରତ ୨୦୪୭ ଗଠନରେ ଉଚ୍ଚ ଶିକ୍ଷାର ଭୂମିକାକୁ ନେଇ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଜିଆଇଇଟି ବିଶ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ସ୍ଥାନ: ନବରଙ୍ଗପୁର ନେତାଜୀ ପାର୍କ, ଉମରକୋଟ ଡଙ୍ଗରୀଗୁଡ଼ା, ସମୟ: ସକାଳ ୮ଟା।
- ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ, ସମୟ: ସକାଳ ୯ଟା।
- ସପ୍ତଦିବସୀୟ ଭାଗବତ କଥା, ସ୍ଥାନ: ଉମରକୋଟ କୋଣ୍ଡାଗାଁ ରୋଡ଼ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ ଛକ, କୋରାପୁଟ, ସମୟ : ସକାଳ ୯ଟା ୩୦।
- ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା, ସ୍ଥାନ: ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନେତାଜୀ ପାର୍କ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱନିଧି ଉଦ୍‌ଘାଟନୀ ଉତ୍ସବ ସିଧାପ୍ରସାରଣ, ସ୍ଥାନ:ପୌର କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ କୋଠା ଉଦ୍‌ଘାଟିତ, ସ୍ଥାନ: ଜିଲା କୋର୍ଟ ପରିସର, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଣ୍ଡାରି ସମ୍ପ୍ରଦାୟର ସାଂଗଠନିକ ବୈଠକ, ସ୍ଥାନ: ହନୁମାନ ମନ୍ଦିର ପ୍ରାଙ୍ଗଣ, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜଙ୍କ ମୋକ୍ଷ କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ସମଲେଇ ଘାଟ, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜେଲ ଛକ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ସକାଳ ୮ଟା ୩୦।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା ୩୦।
- ବୀର ବିର୍ସା ମୁଣ୍ଡା ଦ୍ୱିଦିସୀୟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମହାବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଓ ଜିଲା ପ୍ରଶାସନ ମିଳିତ ଆୟୋଜନରେ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତି କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।


**ରାଉରକେଲା**
- ସରସ୍ୱତୀ ପୂଜା, ସ୍ଥାନ: ପ୍ରଗତି ସ୍କୁଲ, ଜଗଦା, ସମୟ: ସକାଳ ୯ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ସାଇ ଟିୟୁଟୋରିଆଲ୍ସ, ଶକ୍ତିନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟା ଷ୍ଟଡିପଏଣ୍ଟ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ଫର୍ଟିଲାଇଜର ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ଶ୍ରୀ ଶ୍ରୀ ସୋମନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ: ସକାଳ ୮ଟା।

## ମୁଁ ବିବାହିତ

**ମୁମ୍ବାଇ:** ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଆମିର ଖାନ ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଖବରର ଶିରୋନାମା ପାଲଟିଛନ୍ତି। ସେ ନିକଟରେ ତାଙ୍କ ପ୍ରେମିକା ଗୌରୀ ସ୍ପ୍ରେଟଙ୍କ ପ୍ରତି ତାଙ୍କର ଭାବନା ପ୍ରକାଶ କରିଛନ୍ତି। ଆମିର ଖାନ୍ କହିଛନ୍ତି, ହୃଦୟରୁ ମୁଁ ପୂର୍ବରୁ ଗୌରୀଙ୍କୁ ବିବାହ କରିସାରିଛି। ଆମିର ଏବଂ ତାଙ୍କ ପ୍ରେମିକା ଗୌରୀ ବର୍ତ୍ତମାନ ମୁମ୍ବାଇର ଏକ ବିଳାସମୟ ଆପାର୍ଟମେଣ୍ଟରେ ଏକାଠି ରହୁଛନ୍ତି। ୨୦୨୫ରେ ଆମିର ତାଙ୍କ ୬୦ତମ ଜନ୍ମଦିନ ପାଳନ ଅବସରରେ ଗୌରୀଙ୍କୁ ତାଙ୍କ ପ୍ରେମିକା ଭାବରେ ସର୍ବସାଧାରଣଙ୍କ ସମ୍ମୁଖରେ ପରିଚିତ କରାଇଥିଲେ।

ଆମିର ଖାନ୍ ଏକ ସାକ୍ଷାତ୍‌କାରରେ ଗୌରୀଙ୍କୁ ବିବାହ କରିବାକୁ ତାଙ୍କର ହୃଦୟର ଇଚ୍ଛା ବୋଲି କହିଥିଲେ। ଏହା ତାଙ୍କ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏଥିସହ ଆମିର ଏହା ମଧ୍ୟ କହିଥିଲେ, ସେମାନେ ଆଇନଗତ ଦୃଷ୍ଟିରୁ ବିବାହ କରିବେ କି ନାହିଁ ପରେ ନିଷ୍ପତ୍ତି ନିଆଯିବ। ତେବେ ସେମାନେ ପରସ୍ପରକୁ ବହୁତ ଭଲ ପାଆନ୍ତି। ଆଉ ସେମାନଙ୍କର ସମ୍ପର୍କ ବହୁତ ମଜଭୁତ ବୋଲି ଆମିର କହିଥିଲେ।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଦ୍ୱିଜା ନକ୍ଷତ୍ର ସାମାଜିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇପାରିବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** କାମର ଚାପ ବୃଦ୍ଧି ପାଇବା ହେତୁ ମାନସିକ ସ୍ତରରେ ଅଶାନ୍ତି ରହିପାରନ୍ତି। କାର୍ଯ୍ୟବ୍ୟସ୍ତତା ହେତୁକ ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବା କଷ୍ଟକର ହୋଇପାରେ। ରୋହିଣୀ ନକ୍ଷତ୍ରର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ଆଶଙ୍କା ରହିଛି। ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚାରେ ନିଜକୁ ନିୟୋଜିତ କରିପାରନ୍ତି।

**ମିଥୁନ** ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସମ୍ପର୍କୀୟଙ୍କ ସହ ବିରୁଦ୍ଧାଚରଣ କରିପାରନ୍ତି। ଆଜି ପ୍ରତ୍ୟେକ କାମରେ ଟେନ୍‌ସନ ଲାଗିରହିବ। ଆର୍ଥିକ ଅନଟନକୁ ପଡ଼ୋଶୀ ଦୂରେଇ ଦେଇପାରନ୍ତି। ଆଜିର ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**କର୍କଟ** ଆଜି ପୁଷ୍ୟା ନକ୍ଷତ୍ର ଅନ୍ୟମାନଙ୍କ ପାଇଁ ଯାହା ସହଜରେ କରାଇ ଦେଇପାରିବେ ତାହା ନିଜ ପାଇଁ କରିବା ଦୁରୂହ ହୋଇପଡିବ। ଶିଳ୍ପପତି, ଉଦ୍ୟୋଗୀ ତଥା ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରିବାରିକ ସମସ୍ୟା ସୁଧାରିବା ପାଇଁ ଚେଷ୍ଟା ନ କଲେ ସମସ୍ୟା ବଢି ବଢି ଯିବାର ସୂଚନା ରହିଛି।

**ସିଂହ** ମାନସିକ ଦୁଶ୍ଚିନ୍ତା କାରଣରୁ କିମ୍ବା ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହେବ। ପୂର୍ବାଫାଲ୍‌ଗୁନୀର ଆନୁଷ୍ଠାନିକ କାମରେ, ବନ୍ଧୁମାନଙ୍କ ଅସହଯୋଗ କାରଣରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବ। ଆଜିର ଯିବାଆସିବା ବାଟରେ କୌଣସି ବନ୍ଧୁଙ୍କ ସହ ବନ୍ଧୁତ୍ୱ ସୃଷ୍ଟି କରିପାରନ୍ତି। ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ଚେଷ୍ଟିତ ହେବେ।

**କନ୍ୟା** ଆଜିର ଯୋଜନା ସକାଶେ ଅର୍ଥ ଅଭାବ ହୋଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ବନ୍ଧୁଙ୍କ କାର୍ଯ୍ୟାବଳୀର ସମୀକ୍ଷା କରି ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। ଚିତ୍ରା ନକ୍ଷତ୍ର ସକାଶେ ଯାତ୍ରା, ବାଣିଜ୍ୟ ଏବଂ ରାଜନୈତିକ ସ୍ଥିତି ଭଲ ରହିବ।

**ତୁଳା** ସମସ୍ୟା ମଧ୍ୟରେ ଗତି କରି ମଧ୍ୟ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଆଜି କ୍ରୀଡ଼ା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରି ପାରନ୍ତି। ବିଶାଖା ନକ୍ଷତ୍ର ସଭାସମିତିରେ, ସାଂସ୍କୃତିକ କାର୍ଯ୍ୟକ୍ରମରେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସମୟ କଟାଇବେ। ଗବେଷଣା, କୃଷି, ବାଣିଜ୍ୟରେ ପ୍ରତିବନ୍ଧକ ରହିବ ନାହିଁ।

**ବିଛା** ଆଜିର ଯାତ୍ରାରେ ଲକ୍ଷ୍ୟହାସଲ ସାଙ୍ଗକୁ ପ୍ରତ୍ୟେକ କାମ ଠିକ୍ ଠିକ୍ ହୋଇଯିବ। କୌଣସି ବ୍ୟକ୍ତିଙ୍କଠାରୁ ଅଯାଚିତ ଭାବରେ ଯଥେଷ୍ଟ ସହାୟତା ପାଇବାର ସମ୍ଭାବନା ରହିଛି। ସ୍ତ୍ରୀଙ୍କ ସହ ମତାନ୍ତରର ଆଶଙ୍କା ଦେଖା ଦେଇପାରେ। ଜ୍ୟେଷ୍ଠା ନକ୍ଷତ୍ରର ନିଜ ପରିସରର କୌଣସି ବ୍ୟକ୍ତି ବିଶେଷଙ୍କ ସହ ଯୁକ୍ତିତର୍କ ହୋଇପାରେ।

**ଧନୁ** ଆଜି ଯାହା ମନକୁ ଆସିଲା ତାହା କହି ପକାଇବାରୁ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ହସର ଝଲକ ସୃଷ୍ଟି ହେବ। କୌଣସି ବନ୍ଧୁଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହେବାର ଆଶଙ୍କା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ମକର** ଆଜିର ଯାତ୍ରାରେ ସମସ୍ୟା, ବନ୍ଧୁରେ କଳହ ସାଙ୍ଗକୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର ନିଜ ପରିସରର ବ୍ୟକ୍ତି ବିଶେଷଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିକ୍ଷା, ବାଣିଜ୍ୟ ଓ ସଭାସମିତି କ୍ଷେତ୍ର ପ୍ରାୟତଃ ଭଲ ରହିବ। ପରିବାରରେ ବୟସ୍କ ଗୁରୁଜନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ** ନିଜର ପ୍ରକାଶଭଙ୍ଗୀ ହିଁ ସମସ୍ତ ଅନର୍ଥର କାରଣ ହୋଇଯିବ। ସବୁ ଠିକ୍ ଥିଲେ ମଧ୍ୟ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଶିକ୍ଷା, ସାକ୍ଷାତ୍‌କାର ତଥା ବାଣିଜ୍ୟରେ ସମସ୍ୟା ଆଶଙ୍କା ରହିଛି। ଶତଭିଷା ନକ୍ଷତ୍ରର ଅର୍ଥସମ୍ପର୍କ, ଯାନବାହନ, ଜମିଜମା ଓ କଚେରି ମାମଲା କ୍ଷେତ୍ରରୁ ସନ୍ତୋଷଜନକ ଫଳ ମିଳିବ।

**ମୀନ** ଆଜି ରେବତୀ ନକ୍ଷତ୍ର ସକାଶେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କଲେ ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆଜିର ଯାତ୍ରା କାଳରେ ସମଶ୍ରେଣୀୟ ବ୍ୟକ୍ତଙ୍କ ସହ ବାଦାନୁବାଦ ହୋଇପାରେ। ଦୀର୍ଘଦିନରୁ ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଶୁଭଖବର ପାଇପାରନ୍ତି।

ଆଜି ଜାନୁଆରୀ ୨୩ ତାରିଖ, ଶୁକ୍ରବାର, ମାଘମାସ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ରଥକାଠ ଅନୁକୂଳ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ସକାଳ ଘ.୦୮।୩୩ ମି. ଗତେ ମୀନଚନ୍ଦ୍ର ଏବଂ ଦିବା ଘ. ୦୨।୩୨ମି. ଗତେ ଉତ୍ତରଭାଦ୍ରପଦ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ ମି. ଗତେ ଘ.୦୭।୧୧ମି. ମଧ୍ୟେ, ଘ.୦୭।୫୫ମି. ଗତେ ଘ.୦୯.୧୩ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୩୫ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ...

କରିବ। କିନ୍ତୁ ପରେ ବିଶ୍ୱରେ ଯୁଦ୍ଧ ଓ ସଂଘର୍ଷର ସମାଧାନ ପାଇଁ ଉଦ୍ୟମ କରିବ। ଗାଜାରେ ଯେପରି ସଫଳତା ମିଳିଲା, ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ସେପରି ସଫଳତା ମିଳିବ। ବୋର୍ଡ ସମ୍ପୂର୍ଣ୍ଣ ଗଠନ ହୋଇସାରିଲେ ଆମେ ଯାହା ଚାହିଁବୁ ତାହା କରିପାରିବୁ। ଟ୍ରମ୍ପ ଆହୁରି କହିଛନ୍ତି, ସେ ପୂର୍ବରୁ ୮ଟି ଯୁଦ୍ଧର ସମାଧାନ କରିଥିବାବେଳେ ଖୁବ୍‌ଶୀଘ୍ର ଆଉ ଏକ ସଂଘର୍ଷ (ୟୁକ୍ରେନ୍ ଯୁଦ୍ଧ) ରେ ବିରାମ ଦେବାକୁ ଯାଉଛନ୍ତି।

ବୋର୍ଡ ଅଫ୍ ପିସ୍‌ରେ ସାମିଲ ହେବା ପାଇଁ ଟ୍ରମ୍ପ ରବିବାର ପାକିସ୍ତାନ ସହ ଭାରତକୁ ମଧ୍ୟ ନିମନ୍ତ୍ରଣ କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏପରିକି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇଥିବା ନିମନ୍ତ୍ରଣ ପତ୍ରକୁ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ Xରେ ଶେୟାର କରିଥିଲେ। କିନ୍ତୁ ଗୁରୁବାର ଉକ୍ତ ମଞ୍ଚରେ ଭାରତର ଅନୁପସ୍ଥିତି ଅନେକ ପ୍ରଶ୍ନ ଛିଡ଼ା କରାଇଛି। ନୂଆଦିଲ୍ଲୀ ଆନୁଷ୍ଠାନିକ ଭାବେ ସେଥିରେ ଯୋଗଦେବା କିମ୍ବା ନ ଦେବା ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତେଣୁ ଭାରତ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଛି ନା ପ୍ରତ୍ୟାଖ୍ୟାନ କରିଛି, ତାହା ଜଣାପଡୁନାହିଁ। ନୂଆଦିଲ୍ଲୀର ଆଭିମୁଖ୍ୟ ଦ୍ୱନ୍ଦ୍ୱାତ୍ମକ ରହିଛି। ଅନ୍ୟପକ୍ଷେ ଉକ୍ତ ବୋର୍ଡରେ ସାମିଲ ହେବା ପାଇଁ ଅନୁଷ୍ଠିତ ସ୍ୱାକ୍ଷର କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଯୋଗଦେଇଛନ୍ତି। ଟ୍ରମ୍ପ ନିମନ୍ତ୍ରଣ କରିଥିବା ଦେଶଗୁଡ଼ିକ ମଧ୍ୟରୁ ଅନେକ ରାଷ୍ଟ୍ର ଏଥିରେ ସାମିଲ ହୋଇନାହାନ୍ତି। ବିଶେଷକରି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଏଥିରୁ ଦୂରେଇ ରହିଛନ୍ତି। ଇତିମଧ୍ୟରେ ଭାରତ ବୋର୍ଡ ଅଫ୍ ପିସ୍‌ରେ ସାମିଲ ନ ହେଉ ବୋଲି ବାମପନ୍ଥୀ ଦଳଗୁଡ଼ିକ ଦାବି କରିଛନ୍ତି।

### ଏଥର ବଜେଟ...

ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ ଆଣିଥିଲେ। ସେଥିରେ ପ୍ରଶାସନିକ ବ୍ୟୟ ବାବଦକୁ ୧୭ହଜାର ୭୨୫କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବାବଦକୁ ୧ଲକ୍ଷ ୫୫ହଜାର କୋଟି ଟଙ୍କା ରହିଥିଲା। ଏହାସହିତ ୩ହଜାର ୯୦୦କୋଟି ଟଙ୍କା ବିପର୍ଯ୍ୟୟ ପ୍ରଶମନ ପାଇଁ ରହିଥିବାବେଳେ ୮ହଜାର ୩୭୫କୋଟି ଅନ୍ୟାନ୍ୟ ବ୍ୟୟ ବାବଦକୁ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୧ଲକ୍ଷ ୮ହଜାର କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବ୍ୟୟବାବଦକୁ ୧ଲକ୍ଷ ୭୦ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୪ହଜାର କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ଲାଗି ୮ହଜାର କୋଟି ଟଙ୍କା ରହିଥିଲା।

ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ ପକ୍ଷରୁ ୨୦୨୬-୨୭ ବର୍ଷ ଲାଗି ବଜେଟରେ ଅଧିକ ବ୍ୟୟବରାଦ କରାଯିବାକୁ ଲକ୍ଷ୍ୟ ରହିଛି। ଓଡ଼ିଶାକୁ ୨୦୨୬ ସୁଦ୍ଧା ବିକଶିତ ରାଜ୍ୟରେ ପରିଣତ କରିବାପାଇଁ ରାଜ୍ୟ ସରକାର ପୂର୍ବବର୍ଷ ତୁଳନାରେ ଅତି କମ୍‌ରେ ୮ପ୍ରତିଶତ ଅଧିକ ବ୍ୟୟବରାଦ କରିପାରନ୍ତି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ୧୫ ମାଓବାଦୀ...

ପତିରାମ, ରମେଶ ଭଳି ୧୨ଟି ନାମରେ ଆପରାଧିକ କାର୍ଯ୍ୟ କରିଆସୁଥିଲେ। ତାଙ୍କ ନାଁରେ ବିଭିନ୍ନ ଥାନାରେ ହତ୍ୟା, ବୋମା ବିସ୍ଫୋରଣ, ଅସ୍ତ୍ରଶସ୍ତ୍ର ରଖିବା, ଡକାୟତି ଆଦି ସଙ୍ଗୀନ ଅପରାଧ ମାମଲା ରୁଜୁ ହୋଇଛି। ଅନଳ କୋମ୍ବିଂ ଅପରେଶନ ବେଳେ ଖସିଯିବାରେ ସଫଳ ହେଉଥିଲେ। ତାଙ୍କ ମୁଣ୍ଡ ଉପରେ ଓଡ଼ିଶା ସରକାର ୧ କୋଟି ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସରଣ୍ଡା ଜଙ୍ଗଲରେ ତାଙ୍କ ନେତୃତ୍ୱରେ ମାଓବାଦୀମାନଙ୍କ ଉପସ୍ଥିତି ସୂଚନା ପାଇ ସୁରକ୍ଷାବଳ ପକ୍ଷରୁ ଏକ ବଡ଼ଧରଣର କୋମ୍ବିଂ ଅପରେଶନ କରାଯାଇଥିଲା। କୋମ୍ବିଂ ବେଳେ ଗୁରୁବାର ସକାଳ ପ୍ରାୟ ୬ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ଏଥିରେ ୧୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଅପରପେକ୍ଷ, ଏହି ସମ୍ବେଦନଶୀଳ ମାମଲାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ପଶ୍ଚିମ ସିଂଭୂମ ସରଣ୍ଡା ଜଙ୍ଗଲରେ ଏନ୍‌କାଉଣ୍ଟର ହୋଇଥିବା ସୂଚନା ମିଳିଛି। ତେବେ ରାଉରକେଲା ପୋଲିସ ଜିଲା ସାମାନ୍ତ ସଂଲଗ୍ନ ହୋଇଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ସୀମାକୁ ସିଲ୍ କରାଯାଇଛି। ଏସ୍‌ପିଜିଓମାନଙ୍କୁ ଅନୁସନ୍ଧାନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ତେବେ ଗତ ୬/୭ ବର୍ଷ ମଧ୍ୟରେ ରାଉରକେଲା ଅଞ୍ଚଳରେ ମାଓବାଦୀ ପଶିଥିବା କୌଣସିନଜିର ନାହିଁବୋଲିଡିଆଇଜିରାୟ କହିଥିଲେ।

#### ସବୁଠୁ ବଡ଼ କୋମ୍ବିଂ ଅପରେଶନ

ଝାଡ଼ଖଣ୍ଡରେ ଏଭଳି ମାଓବାଦୀ ଦମନ ଅଭିଯାନ ବଡ଼ ଅପରେଶନ ବୋଲି କୁହାଯାଇଛି। ଏତେ ପରିମାଣରେ ପୁରସ୍କାର ରାଶି ଘୋଷିତ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଥିବା ପୂର୍ବରୁ ଦୃଷ୍ଟାନ୍ତ ନାହିଁ। ପୂର୍ବରୁ ୧ କୋଟି ଟଙ୍କାର ପୁରସ୍କାର ରାଶି ମୁଣ୍ଡ ଉପରେ ଥିବା ମାଓବାଦୀ ପଲିଟବ୍ୟୁରୋ ସଦସ୍ୟ ପ୍ରଶାନ୍ତ ବୋଷ ସରେଇକେଲା ଖରସୁଆଁରୁ ଧରାପଡ଼ିଥିଲେ। ସେହିପରି ମୁଣ୍ଡ ଉପରେ ୧କୋଟି ଟଙ୍କାର ପୁରସ୍କାର ରାଶି ଥିବା କେନ୍ଦ୍ରୀୟ କମିଟି ସଦସ୍ୟ ସୁଧାକର ଝାଡ଼ଖଣ୍ଡରୁ ପଳାଇ ତେଲଙ୍ଗାନା ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ୨୦୨୫ ଏପ୍ରିଲରେ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରୟାଗ ମାଝୀ ଓରଫ ବିବେକ (୧କୋଟି ପୁରସ୍କାର ରାଶି) ଫେରାର ହୋଇଯାଇଥିଲେ। ଅନ୍ୟତମ ମାଓବାଦୀ (୧କୋଟି ପୁରସ୍କାର ରାଶି) ଅନୁଜ ଓରଫ ସହଦେବ ସୋରେନ୍ ଓରଫ ପ୍ରବେଶ ଓରଫ ଅମଲେଶ ୨୦୨୫ ସେପ୍ଟେମ୍ବରରେ ହଜାରିବାଗରେ ଏକ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ।

### ଆଉ ସାଢ଼େ ୪ଲକ୍ଷ...

ଏହି ଯୋଜନା ମାଧ୍ୟମରେ ସରକାର ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରଖିଛନ୍ତି, ଯାହା କ୍ରମଶଃ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଲେ, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ। ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ସମାଜ ଓ ପରିବାରରେ ତା'ର ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ। ସେ ନିଜ ଭବିଷ୍ୟତ ପାଇଁ ନିଷ୍ପତ୍ତି ନେବା ସହିତ ସାହସର ସହ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଗ୍ରାମାଞ୍ଚଳ, ଆଦିବାସୀ ସମ୍ପ୍ରଦାୟ, ସହରାଞ୍ଚଳ ଗରିବ ପରିବାର ଏବଂ ସାହାଯ୍ୟ ଆବଶ୍ୟକତା ଥିବା ସମସ୍ତ ମହିଳା ଓ ସେମାନଙ୍କ ପରିବାରଙ୍କୁ ସମର୍ଥନ କରିବା ଉପରେ ଧ୍ୟାନ ଦିଏ। ଆମର ଲକ୍ଷ୍ୟ, ବିକାଶ ଯାତ୍ରାରେ କେହି ପଛରେ ରହିବା ଉଚିତ ନୁହେଁ। ଆମ ସରକାର କେବଳ ସୁଭଦ୍ରା ଯୋଜନାରେ ସୀମାବଦ୍ଧ ହୋଇ ରହିନାହାନ୍ତି। ଚଳିତ ବଜେଟର ପ୍ରାୟ ୩୦% ଅର୍ଥାତ୍ ରେକର୍ଡ ପରିମାଣର ୮୯ ହଜାର ୮୬୨ କୋଟି ଟଙ୍କା କେବଳ ମା'ମାନଙ୍କ ପାଇଁ ପ୍ରାବଧାନ କରାଯାଇଛି। ସୁଭଦ୍ରା ଯୋଜନାରେ ଦିଆଯାଉଥିବା ୩ଟି କିସ୍ତିର ସହାୟତା ରାଶି ରାଜ୍ୟର ମହିଳାମାନଙ୍କ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରିବା ସହ ମହିଳାଙ୍କ ବିକାଶକୁ ଏକ ବଳ ଯୋଗାଇଛି। ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ୍ୟ ଦୂର କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳାଟିଏ ନିଜ ବଳରେ ନିଜ ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ 'ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା' ଗଠନ କରିପାରିବା। ଆଜି ପାଖାପାଖି ୮୫ ହଜାର ମହିଳା ଏକକାଳୀନ ୧୫ ହଜାର ଟଙ୍କା ପାଇଥିବେ ବୋଲି ପ୍ରଭାତୀ କହିବା ସହ ନୂଆ କରି ଯୋଡ଼ି ହୋଇଥିବା ହିତାଧିକାରୀଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ୫ ସଫଳ ସୁଭଦ୍ରା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରି ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


କହି ଜାଣିଲେ କଥା ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର।

କଥାର ସୌନ୍ଦର୍ଯ୍ୟ ପ୍ରକାଶ ଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ। କଥାକୁ ବଖାଣିବାର ଢଙ୍ଗ ମନ କିଣି ନିଏ। ଯିଏ ବନେଇ ଚୁନେଇ, ରସେଇ ମଜେଇ କଥା କହି ଜାଣେ, ସିଏ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି ଈପ୍ସିତ କାର୍ଯ୍ୟ ହାସଲ କରିପାରେ। ସେହିପରି କେଶ ବିନ୍ୟାସର ଶୈଳୀ ଆଖିକୁ ମୋହିନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କଦମ୍ବ ଗଛ ମହାବୃରୁଖ
ବାଟକୁ ପଡ଼ିଛି ଛାଇ,
ବଡ଼ ଲୋକ ସଙ୍ଗେ ପୀରତି କଲେ
ଉତ୍ତମ ପଦାର୍ଥ ପାଇ।

ସାଧାରଣତଃ ଗଛ ଯେତେ ବଡ଼ ଓ ଶାଖା ପ୍ରଶାଖା ସମନ୍ୱିତ ହୋଇଥାଏ ତା'ଠାରୁ ସେତେ ଅଧିକ ଛାଇ ମିଳିଥାଏ। ସେହିପରି ବଡ଼ ବା ମହତ୍ ଲୋକ ସଙ୍ଗେ ମିତ୍ରତା କଲେ ଲାଭାନ୍ୱିତ ହେବାର ଅଧିକ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପାଟଣାଗଡ଼ ଏନ୍ଏସି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୨୨।୧(ସୁନିତ୍ ମିଶ୍ର)**

ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର ବିଜେଡିରୁ ନିଲମ୍ବନ ହୋଇଛନ୍ତି। ଦଳର ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ମେହେରଙ୍କୁ ଦଳରୁ ନିଲମ୍ବନ କରାଯାଇଛି। କିଛିଦିନ ହେବ ଲକ୍ଷ୍ୟ କରାଯାଉଛି, ଅଧିକାଂଶ କ୍ଷେତ୍ରରେ ଯେଉଁ ନେତାମାନେ ବିଜେଡି ଛାଡ଼ି ଭାଜପାକୁ ଯିବାକୁ ପ୍ରସ୍ତୁତି କରୁଛନ୍ତି ସେମାନଙ୍କୁ ଦଳ ଛାଡ଼ିବା ଆଗରୁ ନିଲମ୍ବନ କରିଦିଆଯାଉଛି। କିଛିଦିନ ତଳେ ଯାଜପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଦଳ ଛାଡ଼ିବା ଜଣାପଡ଼ିବା ପରେ ସେମାନେ ଭାଜପାରେ ଯୋଗଦେବା ଆଗରୁ ବିଜେଡି ସେମାନଙ୍କୁ ନିଲମ୍ବନ କରିଥିଲା।




# ଯାତ୍ରୀ ଭିଡ଼: ବହୁ ପୂର୍ବରୁ ଏୟାରପୋର୍ଟରେ ପହଞ୍ଚ

**ଭୁବନେଶ୍ୱର, ୨୨।୧ (ବନ୍ଦନା ସେଠୀ)**

### ବିଜୁ ପଟ୍ଟନାୟକ ବିମାନବନ୍ଦର ପକ୍ଷରୁ ଆଡ୍‌ଭାଇଜରି ଜାରି

ଦୀର୍ଘ ସପ୍ତାହାନ୍ତ ଛୁଟି ପରିପ୍ରେକ୍ଷୀରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସଂଖ୍ୟାରେ ଆଶାତୀତ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଅସୁବିଧାକୁ ଏଡାଇବା ଲାଗି ବିମାନବନ୍ଦର କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ସେହିପରି ଗଣତନ୍ତ୍ର ଦିବସ ପାଇଁ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଗୁରୁବାର ବିମାନବନ୍ଦର ପକ୍ଷରୁ ଯାତ୍ରୀଙ୍କ ପାଇଁ ଆଡ୍‌ଭାଇଜରୀ ଜାରି କରାଯାଇଛି। ଏୟାରପୋର୍ଟରେ ବହୁ ପୂର୍ବରୁ ପହଞ୍ଚିବା, ଚେକ୍-ଇନ୍ ଓ ସୁରକ୍ଷା ପ୍ରକ୍ରିୟା ପାଇଁ ପର୍ଯ୍ୟାପ୍ତ ସମୟ ଦେବା, ବିମାନବନ୍ଦର ଏବଂ ସୁରକ୍ଷା କର୍ମଚାରୀଙ୍କ ସହିତ ସହଯୋଗ ରକ୍ଷା କରିବା ଏବଂ ଉଡ଼ାଣ ସମ୍ବନ୍ଧୀୟ ସୂଚନା ପାଇଁ ଯାତ୍ରୀମାନେ ସେମାନଙ୍କ ବିମାନ କମ୍ପାନୀ ବା ଏୟାରଲାଇନ୍ ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ 'ଏକ୍ସ' ଆକାଉଣ୍ଟରେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୪ ତାରିଖ ମାସର ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ରହିଛି। ତା' ପରଦିନ ରବିବାର ସାପ୍ତାହିକୀ ଛୁଟି ଓ ୨୬ ତାରିଖ ସୋମବାର ସାଧାରଣତନ୍ତ୍ର ଦିବସ ପଡୁଥିବାରୁ ସରକାରୀ ଛୁଟି ଘୋଷଣା ହୋଇଛି। ତେଣୁ ଏହି ସମୟରେ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟାତ କରିବାର ଆଶା କରାଯାଇ ଏଭଳି ଆଡ୍‌ଭାଇଜରୀ ଜାରି କରାଯାଇଥିବା ସୂଚନା ଦିଆଯାଇଛି।







# ଏନ୍ଏଲ୍‌ସିଆଇ କମ୍ପାନୀକୁ ଜମି ଛଡ଼ାଯିବ ନାହିଁ

### ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତବାସୀଙ୍କ ନିଷ୍ପତ୍ତି

**ଛେଣ୍ଡିପଦା, ୨୨।୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଶିମିଳିପାଳ ପଞ୍ଚାୟତରେ କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିଆ ଆରମ୍ଭ କରିବାକୁ ଯାଉଥିବା ନୈଭାଲି ଲିଗ୍‌ନାଇଟ କର୍ପୋରେଶନ ଇଣ୍ଡିଆ (ଏନ୍ଏଲ୍‌ସିଆଇ) ଲିମିଟେଡକୁ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭାରେ ବିରୋଧ କରାଯାଇଛି। କମ୍ପାନୀକୁ ଜମି ଛଡ଼ାଯିବ ନାହିଁ ବୋଲି ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇଛି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା, ଶିମିଳିପାଳ, ବାଗଡ଼ିଆ, ମାଛକୁଟା, ବାସନ୍ତପୁର ଓ ଟି. କୋଡ଼ାସାହି ପଞ୍ଚାୟତ ଅଞ୍ଚଳରେ କୋଇଲା ଖଣି କରିବା ପାଇଁ ଏନ୍ଏଲ୍‌ସିଆଇ ପ୍ରକ୍ରିୟା ଆରମ୍ଭ କରିଛି। ଏହି କୋଇଲା ଖଣି ପାଇଁ ଗ୍ରାମସଭା କରିବାକୁ ଏନ୍ଏଲ୍‌ସିଆଇ ପକ୍ଷରୁ ଚିଠି କରାଯାଇଥିବା ବେଳେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷ୍ପିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସରକାରୀ ନିୟମ ଅନୁଯାୟୀ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ପରିଚାଳନା କରିବା ପାଇଁ ସଭାପତି ଭାବେ ମହାଦେବ ସାହୁଙ୍କୁ ମନୋନୀତ କରାଯାଇଥିଲା। ଏହି ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ଥିବା ଶିମିଳିପାଳ ପଞ୍ଚାୟତର ୧୨ଟି ୱାର୍ଡର ବାସିନ୍ଦା କମ୍ପାନୀକୁ ଜମି ଦେବୁନାହିଁ କି ଭିଟାମାଟି ଛଡ଼ାଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ କମ୍ପାନୀର ସମସ୍ତ କାର୍ଯ୍ୟକଳାପ ଏବଂ ଜମି ଅଧିଗ୍ରହଣକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଥିବା ସଭାପତି ସାହୁ ଘୋଷଣା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ କହିଛନ୍ତି, ଗ୍ରାମସଭା ଶୃଙ୍ଖଳାର ସହ ସମାପନ ହୋଇଛି। କମ୍ପାନୀକୁ ଜମି ଦେବେ ନାହିଁ ବୋଲି ପଞ୍ଚାୟତବାସୀ ମତ ଦେଇଥିଲେ। ସରପଞ୍ଚ ପ୍ରଧାନ କହିଛନ୍ତି, କମ୍ପାନୀର ଚିଠି ଆଧାରରେ ଗ୍ରାମସଭା କରାଯାଇଥିଲା। କମ୍ପାନୀକୁ ଜମି ଦିଆଯିବ ନାହିଁ ବୋଲି ପଞ୍ଚାୟତବାସୀ ନିଷ୍ପତ୍ତି ନେଇଥିବାରୁ ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ।

# ହାଇକୋର୍ଟରେ ସତ୍ୟପାଠ ଦାଖଲ କଲେ ଉଚ୍ଚଶିକ୍ଷା, ଗଣଶିକ୍ଷା ସଚିବ

### ଆଦେଶ ଅବମାନନା ମାମଲାର ଅନ୍ତ

**କଟକ, ୨୨।୧(କାର୍ତ୍ତିକ ସାହୁ)**

ହାଇକୋର୍ଟଙ୍କ ଆଦେଶ ଅବମାନନା ମାମଲାରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଓ ରାଜ୍ୟ ଗଣଶିକ୍ଷା ସଚିବ ଡ. ଏମ୍. ଥିରୁମାଲ୍ଲା ନାଏକ ହାଇକୋର୍ଟଙ୍କ ଆଦେଶ ପାଳନ କରିଥିବା ନେଇ ସତ୍ୟପାଠ ଦାଖଲ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

# ବାସ୍ତବରୂପ ନେବ ତ ଆନ୍ଦୋଳନ

### ପିଏସି ବସିଲା, ୧୦ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଭେଟିଲେ ନବୀନ

**ଭୁବନେଶ୍ୱର, ୨୨।୧ (ସୁନିତ୍ ମିଶ୍ର)**

ବିଜେଡି ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ନବୀନଙ୍କ ସମେତ ମୋଟ୍ ୧୦ ଜଣ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ପିଏସିର ଏହି ୬ଷ୍ଠ ତମ ବୈଠକରେ ସମୁଦାୟ ୬ଟି ପ୍ରସ୍ତାବ ଉପରେ ଆଲୋଚନା କରାଯିବା ସହ ଖୁବ୍‌ଶୀଘ୍ର ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ପ୍ରବଳ ସମାଲୋଚନା ହେବାପରେ ନବୀନ ଏକାଧିକ ବୈଠକ ଡାକି ନେତାମାନଙ୍କୁ ଭେଟିବା ସହ ଦଳ ଆନ୍ଦୋଳନ କରିବାକୁ ଯାହା କହିଛି, ତାହା ବାସ୍ତବରୂପ ନେବ ନା ନାହିଁ ତାହାକୁ ନେଇ ଦଳର ଅନେକ ନେତା ଓ କର୍ମୀ ଏବେ ବି ଦ୍ୱନ୍ଦ୍ୱରେ ରହିଛନ୍ତି। ବିଗତ ଦିନରେ ଲୋୟର ପିଏମ୍‌ଜି ଛକରେ ଏକ ବିରାଟ ଆନ୍ଦୋଳନ ପାଇଁ ଡାକରା ଦେଇଥିବା ବିଜେଡିର ଉପରୁ ଆରମ୍ଭକରି ତଳସ୍ତର ନେତା ଯେଉଁମାନେ ସେଠାରେ ମଞ୍ଚ ଉପରେ ଥିଲେ କେହି ଜଣେ କେନ୍ଦ୍ର ସରକାରଙ୍କ ଶୀର୍ଷ ନେତୃତ୍ୱ ବିରୋଧରେ ମୁହଁ ଖୋଲିଲେ ନାହିଁ। ସେମିତି ଲୋକଦେଖାଣିଆ ଆନ୍ଦୋଳନ ଯଦି ହୁଏ, ତେବେ ବହୁ କିଛି କଥା ଜଣାପଡ଼ିଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ବୈଠକ ସରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା କହିଛନ୍ତି, ଚାଷୀଙ୍କଠାରୁ ୩,୧୦୦ ଟଙ୍କାରେ ଧାନ କିଣିବାକୁ ସରକାରକୁ ଆସିବା ପୂର୍ବରୁ ଓ ପରେ ଭାଜପା ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେ ଚାଷୀମାନେ ମଣ୍ଡିରେ ସେମିତି ଧାନ ଗଦେଇ ରଖିଛନ୍ତି। ସରକାର ଧାନ ଉଠାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ସଂଖ୍ୟାଲଘୁ ଓ ଦଳିତଙ୍କ ପ୍ରତି ଅତ୍ୟାଚାର, ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଲୋକଙ୍କଠାରୁ ଜିଜିଆ କର ଆଦାୟ, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ସ୍କାମ୍‌କୁ ନେଇ ଆଲୋଚନା ହୋଇଛି। ମହାନଦୀ ପ୍ରସଙ୍ଗରେ ବିଜେଡି ସାଲିସ କରିବ ନାହିଁ। ଭାଜପା ନିର୍ବାଚନ ସମୟରେ ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ସେହି ସବୁ ପ୍ରତିଶ୍ରୁତି ପାଳନରେ ଭାଜପା କିପରି ଦୋମୁହାଁ ନୀତି ଆପଣାଇଛି ସେନେଇ ଲୋକଙ୍କ ପାଖକୁ ଦଳ ଯିବ। ଏହିସବୁ କଥାକୁ ନେଇ ବିଜେଡି ତୃଣମୂଳସ୍ତରରୁ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାର୍ଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ପ୍ରଣବ ପ୍ରକାଶ ଦାସ, ସସ୍ମିତ୍ ପାତ୍ର, ଦେବୀପ୍ରସାଦ ମିଶ୍ର ଏବଂ ସନ୍ତୃପ୍ତ ମିଶ୍ର ଉପସ୍ଥିତ ଥିଲେ।

ଅନ୍ୟପଟେ ରାଜ୍ୟର ସବୁ ଜିଲାରେ ବିଜେଡି ଗତ ପଞ୍ଚାୟତ ନିର୍ବାଚନ ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ କରିବାରେ ସଫଳ ହୋଇଥିଲା। କିଛିଦିନ ହେଲା ବିଜେଡିର ବହୁ ନେତା ଓ କର୍ମୀ ତୃଣମୂଳସ୍ତରରୁ ଦଳ ଛାଡି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଗତ ସପ୍ତାହରେ ବିଜେଡିର ଗଡ଼ କୁହାଯାଉଥିବା ଯାଜପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ସମେତ ବହୁ ଜିଲା ପରିଷଦ ସଦସ୍ୟ ଏକକାଳୀନ ଭାଜପାରେ ମିଶିଗଲେ। ଏହି ଘଟଣା ପରେ ନବୀନ ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଭେଟିବା ଆରମ୍ଭ କରିଛନ୍ତି। ବାଲେଶ୍ୱର, କଟକ, ବଲାଙ୍ଗୀର, ବରଗଡ଼, ମାଲକାନଗିରି, ଅନୁଗୋଳ, ଗଞ୍ଜାମ, ଜଗତ୍‌ସିଂହପୁର, ନୟାଗଡ଼ ଓ ନବରଙ୍ଗପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଦଳ ତରଫରୁ ମିଳିଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ନବୀନ ସେମାନଙ୍କୁ କହିଛନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ହୁଅ। ରାଜ୍ୟ ସରକାର ପଞ୍ଚାୟତ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଜେଡି ବହୁ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି ପରିସ୍ଥିତିରେ ପଞ୍ଚାୟତକୁ ଦୁର୍ବଳ କରିବାର ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ନିଜ ଜିଲାରେ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ତେବେ ଦଳର ତଳସ୍ତରକୁ କିଛି ବାର୍ତ୍ତା ଦେବାକୁ ଚାହୁଁଥିବାରୁ ନବୀନ ସବୁସ୍ତରର ନେତାଙ୍କୁ ପାଖକୁ ଡାକି ଆଲୋଚନା କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ, ରଥକାଠ ଅନୁକୂଳ, ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ, ଶରଣ ଶେଷ



# କ୍ଷୁଧା ଚିନ୍ତା



ୟୁର୍ଦି ୟାସ୍‌ମ

ବିଶ୍ୱରେ ଏବେ ୮ ବିଲିୟନ (୮୦୦ କୋଟି) ଲୋକଙ୍କୁ ଖାଦ୍ୟ ଦେବା ପାଇଁ ସଂଘର୍ଷ କରିବାକୁ ପଡୁଥିବାବେଳେ ୨୦୫୦ ସୁଦ୍ଧା ୧୦ ବିଲିୟନ (୧,୦୦୦ କୋଟି) ଲୋକଙ୍କୁ ଆମେ କିଭଳି ଖାଦ୍ୟ ଯୋଗାଇ ପାରିବା? ବଢୁଥିବା ଜନସଂଖ୍ୟାର ପୌଷ୍ଟିକ ଆବଶ୍ୟକତା ପୂରଣ ପାଇଁ କେବଳ ଶସ୍ୟଜାତ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ ତାହା ନୁହେଁ, ବରଂ କେହି ଯେଭଳି ଖାଦ୍ୟ ଅସୁରକ୍ଷାରେ ନ ରୁହନ୍ତି, ସେଥିପାଇଁ ସମବଣ୍ଟନ ନିଶ୍ଚିତ କରିବାକୁ ପଡ଼ିବ। ଏହା କରିବା ବଡ଼ କଠିନ। ଏବକାର ଖାଦ୍ୟ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇଗଲାଣି। ପାଖାପାଖି ୬୭୩ ମିଲିୟନ ଲୋକ ପ୍ରତିଦିନ ରାତିରେ ଉପାସ ରହୁଛନ୍ତି। ୨୦୨୫ରେ ମଧ୍ୟ ଆମେ ଦୁଇଟି ମରୁଡ଼ି (ଗାଜା ଓ ସୁଦାନରେ) ଦେଖିଥିଲୁ, ଯାହା ସଂଘର୍ଷ ଏବଂ ଜଳବାୟୁ ବିପର୍ଯ୍ୟୟ ଯୋଗୁ ସୃଷ୍ଟି ହୋଇଥିଲା। ଫଳରେ ଖାଦ୍ୟର ମୂଲ୍ୟ ବୃଦ୍ଧି ଘଟିଥିଲା। ଏହି ସମୟରେ ବିଶ୍ୱରେ ଲୋକଙ୍କୁ ଖାଦ୍ୟ ଦେବା ସକାଶେ ଆମେ ନିର୍ଭର କରୁଥିବା ଏବକାର ପଦ୍ଧତି ଦ୍ୱାରା ୧.୬୬ ବିଲିୟନ ହେକ୍ଟର (ଯେଉଁଥିରୁ ୬୦% ହେଉଛି କୃଷି ଉପଯୋଗୀ ଭୂମି)ର ଉର୍ବରତା ହ୍ରାସ କରିସାରିଲୁଣି।

ଅଧିକ ଖାଦ୍ୟ ଉତ୍ପାଦନ କ୍ଷମତା ଅଭାବ ଯୋଗୁ ବୈଶ୍ୱିକ କ୍ଷୁଧା ସୃଷ୍ଟି ହୋଇନାହିଁ, ବରଂ ପ୍ରଭାବୀଶୈଳୀରେ ଖାଦ୍ୟ ଉତ୍ପାଦନ ଏବଂ ସମବଣ୍ଟନରେ ବିଫଳତା ଅନେକାଂଶରେ ଏଥିପାଇଁ ଦାୟୀ। ୨୦ଟି ଦେଶ ଓ ଅନେକ ଅଞ୍ଚଳରେ ଦେଖାଯାଇଥିବା କ୍ଷୁଧାର ପ୍ରମୁଖ କାରଣ ହେଉଛି ସଂଘର୍ଷ ଓ ଅସୁରକ୍ଷା। ଏହାଯୋଗୁ ୧୪୦ ମିଲିୟନ ଲୋକ ଗମ୍ଭୀର ଖାଦ୍ୟ ଅସୁରକ୍ଷାକୁ ସାମ୍ନା କରୁଛନ୍ତି। ବିଗତ ୩୩ ବର୍ଷରେ ବିଶ୍ୱରେ ବିପର୍ଯ୍ୟୟ ଯୋଗୁ କୃଷିରେ ୩.୨୬ ଟ୍ରିଲିୟନ ଆମେରିକୀୟ ଡଲାର କ୍ଷତି ହୋଇଥିବା ଆକଳନ କରାଯାଇଛି। ଅର୍ଥାତ୍ ବାର୍ଷିକ ହାରାହାରି ୯୯ ବିଲିୟନ ଡଲାର କିମ୍ବା ବୈଶ୍ୱିକ କୃଷି ଉତ୍ପାଦନର ପାଖାପାଖି ୪% କ୍ଷତି ଘଟିଛି। ଏବେ ଯୋଗାଣ ଅବ୍ୟବସ୍ଥା ଯୋଗୁ ଖାଦ୍ୟମୂଲ୍ୟ ବୃଦ୍ଧି ଘଟି ଅନେକ କୋଟି ଲୋକ କ୍ଷୁଧାରେ ରହୁଛନ୍ତି। ତେବେ ଅନେକ ଦଶନ୍ଧି ଧରି ବଢୁଥିବା ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଇଆସୁଛି ଏବଂ ବିଶେଷକରି ଅଧିକ ଉତ୍ପାଦନକ୍ଷମ ଶସ୍ୟ ବିକାଶ ସହ ଅଧିକ ସାର, କୀଟନାଶକ ଓ ପାଣି ବ୍ୟବହାର କରାଯାଉଛି। ତେବେ ଏହି ଧାରା ବର୍ଜ୍ୟ ସୃଷ୍ଟି କରିବା ସହ ନଦୀଗୁଡ଼ିକୁ ପ୍ରଦୂଷିତ କରିଛି। ଏହାବ୍ୟତୀତ ମାଟିର ଉର୍ବରତା ହ୍ରାସ ପାଇଛି ଏବଂ ଅଧିକ ସବୁଜଗୃହ ବାଷ୍ପ (ଜିଏଚ୍‌ଜି) ନିର୍ଗମନ ହୋଇଛି। ଆମକୁ ଆହୁରି ଭଲ ବାଟ ବାଛିବାକୁ ପଡ଼ିବ ଏବଂ ବିଜ୍ଞାନ ଆମକୁ ଉପାୟ ଦେଖାଇଦେବ। ଆମେ ଯାହା ବ୍ୟବହାର କରୁଛୁ ତାହାକୁ ଯଥାସମ୍ଭବ ପ୍ରଭାବୀ



କରିବା ଏବଂ ଯାହା ଉତ୍ପାଦନ କରୁଛୁ ତାହାକୁ ବଣ୍ଟନ କରିବା ପାଇଁ ଆମ ପାଖରେ ଜ୍ଞାନ ଓ ସାଧନ ମଧ୍ୟ ଅଛି।

ପ୍ରଥମେ କାର୍ଯ୍ୟକ୍ଷମତା ବୃଦ୍ଧି ଉପରେ ପ୍ରାଥମିକତା ଦେବା ଆବଶ୍ୟକ। ୧୯୯୦ ଓ ୨୦୨୦ ମଧ୍ୟରେ ସାର ବ୍ୟବହାର ୪୬% ବୃଦ୍ଧି ଘଟିଥିଲା ଏବଂ କୀଟନାଶକ ଦୁଇଗୁଣ ବ୍ୟବହାର ହୋଇଥିଲା। କିନ୍ତୁ ସାରର କେବଳ ୩୦–୬୦% ନ୍ୟୁଟ୍ରିଣ୍ଟ ଏବଂ ୨୦–୭୦% କୀଟନାଶକ ଠିକ୍ ଭାବେ ଶସ୍ୟ ଦ୍ୱାରା ଅବଶୋଷିତ ହୋଇଥିଲା ଏବଂ ଅବଶିଷ୍ଟ ଜମିରେ ରହି ନଦୀକୁ ବହିଯିବା ସହ ମାଟିକୁ ଅନୁର୍ବର କିମ୍ବା ଜିଏଚ୍‌ଜି ନିର୍ଗମନ କରିଛି। ତେବେ ସୌଭାଗ୍ୟର କଥା, ଗବେଷଣାରୁ ଜଣାପଡ଼ିଛି ଯେ, ଅଧିକ ଯବକ୍ଷାରଜାନ ବ୍ୟବହାର ୧୯% ଉତ୍ପାଦନ ବୃଦ୍ଧି କରିପାରିବ ଏବଂ ସାର ବ୍ୟବହାରକୁ ୧୫–୧୯% ହ୍ରାସ କରାଯାଇପାରିବ। ଆଧୁନିକ କୃଷି ଜ୍ଞାନକୌଶଳ କୀଟନାଶକ ପରିଚାଳନାରେ ଉନ୍ନତି ଆଣିପାରିଛି। ଫଳରେ ଠିକ୍ ଭାବେ କୀଟନାଶକ ପ୍ରୟୋଗ ହେଉଛି ଏବଂ ଜୈବ କୀଟନାଶକ ବ୍ୟବହାର ବଢୁଛି। ଏହାଦ୍ୱାରା ରାସାୟନିକ ବର୍ଜ୍ୟ ହ୍ରାସ ହେବା ସହ ଜୈବବିବିଧତା ସୁରକ୍ଷା ସମ୍ଭବ ହୋଇଛି। ଆଗ୍ରୋଇକୋଲୋଜିକାଲ ପଦ୍ଧତିଗୁଡ଼ିକ ମାଟିର ଉର୍ବରତା ବୃଦ୍ଧି କରିବା ସହ ଦୀର୍ଘମିଆଦୀ ସହନୀୟତାକୁ ମଜଭୁତ କରିପାରୁଛି। ଦ୍ୱିତୀୟରେ ଖାଦ୍ୟ ବ୍ୟବସ୍ଥାର ବିବିଧ ଫସଲକୁ ପ୍ରାଥମିକତା ଦେବାକୁ ପଡ଼ିବ। ଅନେକ ଦଶନ୍ଧି ଧରି ଶସ୍ୟ ଉତ୍ପାଦକତା କେବଳ ୩ଟି ଶସ୍ୟ ଉପରେ ନିର୍ଭରଶୀଳ ରହିଆସିଛି। ଗହମ, ଧାନ ଓ ମକା ଏବେ ବିଶ୍ୱରେ ଲୋକଙ୍କର ଆବଶ୍ୟକ ହେଉଥିବା ଅଧିକାଂଶ କ୍ୟାଲୋରି ଯୋଗାଉଛି। ଏଭଳି ଏକକ ଫସଲ ଉପରେ ନିର୍ଭରଶୀଳତା ପ୍ରତି କୀଟନାଶକ, ରୋଗ ଓ ଜଳବାୟୁ ପରିବର୍ତ୍ତନର ଅତ୍ୟଧିକ ବିପଦ ସୃଷ୍ଟି ହୋଇଛି। ଏହାର ସମାଧାନ ଯେଉଁସବୁ ଫସଲରେ ରହିଛି, ବାସ୍ତବରେ ସେଗୁଡ଼ିକୁ ଆମେ ଉପେକ୍ଷା କରିଚାଲିଛୁ। ପାରମ୍ପରିକ ଓ ଅବ୍ୟବହୃତ କିସମ ଯଥା ମିଲେଟ୍, ଅଧିକ ନ୍ୟୁଟ୍ରିଣ୍ଟଯୁକ୍ତ ଡାଲି, ଦେଶୀ ଫଳ ଆଦି ଫସଲ ଜଳବାୟୁ ସହନଶୀଳ ହେବା ସହ ପର୍ଯ୍ୟାପ୍ତ ପୋଷକ ଯୋଗାଇପାରିବ। ତେବେ ବିସ୍ମୃତ ହୋଇଯାଇଥିବା ଏହିସବୁ ଫସଲ କିଭଳି ଖାଦ୍ୟରେ ଅଧିକ ବ୍ୟବହାର ହୋଇପାରିବ, କିଭଳି କୃଷି ଆୟ ବଢ଼ିବ ଏବଂ ଅନୁର୍ବର ମାଟିର ଉର୍ବରତା ଫେରାଇ ଅଣାଯିବ, ତାହା ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ)ର ଫ୍ୟୁଚର ସ୍ମାର୍ଟଫୁଡ (ଏସିଆରେ) ଏବଂ ୧୦୦ କ୍ରପ୍‌ସ ଫର୍ ଆଫ୍ରିକା ପ୍ରଦର୍ଶନ କରିଛି।

ଶେଷରେ, ଆମେ ପ୍ରଭାବୀ ପ୍ରଯୁକ୍ତିର ବିକାଶ କରିବା ଉଚିତ। ଏବେ ତଥ୍ୟ ବିଶ୍ଳେଷଣ ଏବଂ ଯଥାର୍ଥ କୃଷି ସାଧନ କୃଷିକୁ ନୂଆ ରୂପ ଦେବାରେ ଲାଗିଛି। ଡ୍ରୋନ୍ ମଞ୍ଜି ବୁଣିପାରୁଛି ଏବଂ ଠିକ୍ ଭାବେ ତଥ୍ୟ ଯୋଗାଇ ଦେଇପାରୁଛି। ଏଆଇ ପ୍ଲାଟ୍‌ଫର୍ମଗୁଡ଼ିକ ସାଟେଲାଇଟ୍ ଛବି ବ୍ୟବହାର କରି ଅନୁକୂଳ ସ୍ଥିତି ଓ ଠିକ୍ ସମୟରେ ପରାମର୍ଶ ଦେଇପାରୁଛି। ରୋବୋ ଘାସକୁ ଠାବ କରିବା ସହ ଉଚିତ ମାତ୍ରାର କୀଟନାଶକ ସ୍ପ୍ରେ କରିପାରୁଛି। ଡିଜିଟାଲ ମାଟି ପରୀକ୍ଷା ଓ ପାଣିପାଗ କେନ୍ଦ୍ର ପ୍ରତିଦିନର କାର୍ଯ୍ୟକୁ ମାର୍ଗଦର୍ଶନ କରୁଛି ଏବଂ ଡିଜିଟାଲ ତଥ୍ୟ କ୍ଷୁଦ୍ରଚାଷୀଙ୍କୁ ସ୍ୱଚ୍ଛ ତଥା ସହଜରେ ଉପଲବ୍ଧ ବଜାର ସହ ଯୋଡ଼ିପାରୁଛି। ଏହିସବୁ ସାଧନ ବୃଦ୍ଧି କରିବା ସକାଶେ କୃଷି ସମ୍ପ୍ରସାରଣ ସେବା, ପ୍ରମୁଖ ବିଜ୍ଞାନ ଆଧାରିତ ନୀତି ପରିବର୍ତ୍ତନ ଏବଂ ଜ୍ଞାନକୌଶଳ ଭାଗୀଦାରି ପ୍ଲାଟଫର୍ମଗୁଡ଼ିକରେ ବ୍ୟାପକ ନିବେଶ ଆବଶ୍ୟକ। ସେହିଭଳି ଏବକାର ନୂତନତ୍ୱକୁ ସ୍ଥାନୀୟ କୃଷି ପଦ୍ଧତିରେ ଉପଯୋଗ କରାଯିବା ଦରକାର, ଯେଉଁଥିରେ ସରକାର, ନିବେଶକ, ଘରୋଇ କ୍ଷେତ୍ର ଏବଂ କୃଷକଙ୍କ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ।

କମ୍ ଉପଯୋଗ କରି ଅଧିକ କୃଷି ଉତ୍ପାଦନ କରିବା ହେଉଛି ଏବକାର ମୁଖ୍ୟ ଲକ୍ଷ୍ୟ। ସବୁ ଜାଗାରେ, ସବୁ ଋତୁରେ କମ୍ ପାଣି, କମ୍ ସାରରେ ଅଧିକ କ୍ୟାଲୋରିଯୁକ୍ତ ତଥା ହେକ୍ଟର ପିଛା ଅଧିକ ପୋଷକଯୁକ୍ତ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ପ୍ରଯୁକ୍ତି ନିର୍ଭରଶୀଳ କୃଷିର ସମଉପଲବ୍ଧତା ନିଶ୍ଚିତ କରିବା ପାଇଁ ଯେଉଁଠାରେ ମାର୍କେଟର ଅଭାବ ରହିଛି, ସେଠାରେ ଗବେଷଣା ପାଇଁ ସରକାର ପାଣ୍ଠି ଯୋଗାଇ ଦେବା ଉଚିତ। ତେବେ ସମ୍ପ୍ରତି ପୁଣି ପ୍ରକାଶ ପାଉଥିବା ସଂଘର୍ଷ, ମରୁଡ଼ି ଓ ମାର୍କେଟ ବିପର୍ଯ୍ୟୟ ସ୍ଥିତିରେ ମଧ୍ୟ ସ୍ଥିର ଉତ୍ପାଦନ ଓ ଶସ୍ତା ମୂଲ୍ୟ ସମ୍ଭବ ହୋଇପାରିବ। ଏଥିପାଇଁ ମୂଳରେ ରହିଛି ସହନୀୟ ମୃତ୍ତିକା, ବିବିଧ କୃଷି ଏବଂ ପ୍ରଯୁକ୍ତିଗତ ପରିଚାଳନା। ବିଶ୍ୱରେ ସମସ୍ତେ ଭଲ ଖାଇବା, କୃଷକଙ୍କ ସମୃଦ୍ଧି, ମୃତ୍ତିକା ମାନବୃଦ୍ଧି ଓ ଜୈବବିବିଧତାର ପୁନରୁଦ୍ଧାର ଏବଂ କମ୍ ଜିଏଚ୍‌ଜି ନିର୍ଗମନ କରୁଥିବା କୃଷିଖାଦ୍ୟ ବ୍ୟବସ୍ଥା କୌଣସି କାଳ୍ପନିକ ଅବଧାରଣ ନୁହେଁ। ଏହା ହେଉଛି ଭୁଶୁଡ଼ି ପଡ଼ିଥିବା ପୁରୁଣାପଦ୍ଧତି ସ୍ଥାନରେ ଏକ ଭିନ୍ନ କୃଷି ମଡେଲ ଆପଣାଇବାର ବାସ୍ତବ ଚିନ୍ତାଧାରା। ତେବେ ପ୍ରଶ୍ନ ହେଉଛି ଆମ ପାଖରେ ଥିବା ଜ୍ଞାନ, ବିଜ୍ଞାନ ଏବଂ ପ୍ରମାଣିତ ସାଧନକୁ ଆମେ ବ୍ୟବହାର କରିବା କି ନାହିଁ। ଏହାର ସମାଧାନ ଥିଲା କି ନାହିଁ ଆମ ପର ପିଢ଼ି ପଚାରିବ ନାହିଁ, ବରଂ ସେମାନେ ପଚାରିବେ ସେସବୁ ଉପଯୋଗ କରିବାରେ ଆମେ କାହିଁକି ବିଳମ୍ବ କରିଛୁ। ପସନ୍ଦ ହେଉଛି ଆମର ଏବଂ କ୍ଷୁଧା ଦୂର କରିବାକୁ ହେଲେ ଆମକୁ ବାସ୍ତବରେ ବୈଶ୍ୱିକ କୃଷି ପଦ୍ଧତିରେ ବିଜ୍ଞାନର ବ୍ୟବହାର ଆରମ୍ଭ କରିବାକୁ ହେବ।

**ପ୍ଲାଣ୍ଟ ପ୍ରଡକ୍‌ସନ ଆଣ୍ଡ ପ୍ରୋଟେକ୍‌ଶନ ଡିଭିଜନ (ଏଫ୍‌ଏଓ) ଅଫ୍ ୟୁନାଇଟେଡ ନେଶନ୍ସ**

# ବାଂଲାଦେଶରେ ହିଂସା



ପ୍ରମୋଦ କୁମାର ମିଶ୍ର

ବାଂଲାଦେଶ ଭାରତର କେବଳ ଏକ ପଡ଼ୋଶୀ ଦେଶ ନୁହେଁ , ଏହା ପରସ୍ପରର ଭାଷା, ଇତିହାସ, ସଂସ୍କୃତି ଓ ସେ ଦେଶର ମୁକ୍ତି ସଂଗ୍ରାମରେ ଗଠିତ ଏକ ନିବିଡ଼ ସମ୍ପର୍କ। ଯଦିଓ ୧୯୭୧ ମସିହାରେ ସ୍ୱାଧୀନ ବାଂଲାଦେଶ ଧର୍ମ ନିରପେକ୍ଷତା ଓ ସମତାର ପ୍ରତିଶ୍ରୁତି ସହ ଆମ ଦେଶର ପ୍ରତ୍ୟକ୍ଷ ସହାୟତାରେ ଜନ୍ମଲାଭ କରିଥିଲା, ପରବର୍ତ୍ତୀ ସମୟରେ ସେଠାରେ ଥିବା ହିନ୍ଦୁ ପ୍ରାୟତଃ ସେ ଦେଶର କଳୁଷିତ ରାଜନୀତିର ଶିକାର ହେଲେ। ସାମରିକ ଶାସନ କାଳରେ ଧର୍ମ ନିରପେକ୍ଷତା ପରିବର୍ତ୍ତେ ଇସ୍‌ଲାମ ଧର୍ମକୁ ରାଷ୍ଟ୍ର ଧର୍ମ ରୂପେ ଘୋଷଣା କରାଗଲା ଏବଂ ଆଭ୍ୟନ୍ତରୀଣ ରାଜନୀତିର ପରିଣାମ ସ୍ୱରୂପ ଧର୍ମୀୟ ଚରମପନ୍ଥାର ପୁନଃ ପ୍ରବେଶ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କର ସୁରକ୍ଷା ଉପରେ ସବୁଦିନ ପାଇଁ ପ୍ରଶ୍ନବାଚୀ ହୋଇ ରହିଲା।

ଉଲ୍ଲେଖଯୋଗ୍ୟ, ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପଦଚ୍ୟୁତି ଏବଂ ପରବର୍ତ୍ତୀ ସମୟରେ ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ରାଜନୈତିକ ଆଶ୍ରୟ ଦିଆଯିବା ଫଳରେ ସେ ଦେଶର ଚରମପନ୍ଥୀ ଗୋଷ୍ଠୀ ଅଳ୍ପ ସଂଖ୍ୟକଙ୍କ ଉପରେ ଅତ୍ୟାଚାର କରିବାର ସୁଯୋଗ ପାଇଲେ। ଏଥିରେ ଶାସକ ଦଳ ପରୋକ୍ଷ ଭାବରେ ସଂଶ୍ଳିଷ୍ଟ ରହିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବର୍ତ୍ତମାନ ସେଠାର ଆଭ୍ୟନ୍ତରୀଣ ରାଜନୈତିକ ଚିତ୍ରପଟ୍ଟ ଅତ୍ୟନ୍ତ ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ତେଣୁ ବିଦେଶୀ ଶକ୍ତିମାନେ ନିଜ ସ୍ୱାର୍ଥସାଧନ ପାଇଁ ସେଠାର ଅପାରଗ ସରକାରଙ୍କୁ ନିଜ ଅକ୍ତିଆରରେ ରଖିବା ପୂର୍ବକ ହିନ୍ଦୁ ବିରୋଧୀ ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇଦେଉଛନ୍ତି। ଏହା ଭାରତ ପ୍ରତି ଏକ ଆହ୍ୱାନ। ଏହାଠାରୁ ଅଧିକ ଭୟାବହ ହେଉଛି , ସେ ଦେଶର ଦଣ୍ଡହୀନତାର ସଂସ୍କୃତି। ଦୁର୍ବଳ ଆଇନ ପ୍ରଣୟନ ଓ ବିଳମ୍ବିତ ନ୍ୟାୟ ପ୍ରଦାନ ସାମ୍ପ୍ରଦାୟିକ ହିଂସାକାଣ୍ଡ ପ୍ରତି ପରୋକ୍ଷ ସମର୍ଥନ। ବର୍ତ୍ତମାନ ବାଂଲାଦେଶର ନ୍ୟାଶନାଲ ପାର୍ଟିର କାର୍ଯ୍ୟକାରୀ ସଭାପତି ତାରିକ୍ ରହମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ସେ ଦେଶର ଏକ ସ୍ୱଚ୍ଛ, ଅବାଧ ନିର୍ବାଚନକୁ ଭାରତ ସମର୍ଥନକରିବା ଘୋଷଣା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ଘଟଣାକୁ ନେଇ କେତେକ ସଂଗଠନ ଏ ବିଷୟରେ ସିଧାସଳଖ ହସ୍ତକ୍ଷେପ କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ଭାରତବର୍ଷର ବିଭିନ୍ନ ସ୍ଥାନରେ ବାସକରୁଥିବା ବାଂଲାଦେଶୀ ରୋହିଙ୍ଗ୍ୟାଙ୍କୁ ଚିହ୍ନଟକରି ସେମାନଙ୍କୁ ନିଜ ଦେଶକୁ ପଠାଇବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।ଏହାର ପ୍ରତିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧିର ଜୟସାଲଙ୍କ ନିନ୍ଦା ପ୍ରସ୍ତାବ ସହ ଭାରତ ସରକାରଙ୍କ ଦ୍ୱାରା ବାଂଲାଦେଶର ପ୍ରତିନିଧିଙ୍କୁ ଡାକି ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ତୁରନ୍ତ ଅତ୍ୟାଚାର ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଆମେରିକା ସମେତ ଜାତିସଂଘର ଉଦ୍‌ବେଗ ଜଣାଇ ଦେଉଛି ଯେ ବର୍ତ୍ତମାନ ବାଂଲାଦେଶର ସମସ୍ୟା ଆଉ କେବଳ ସେହି ଦେଶର ଆଭ୍ୟନ୍ତରୀଣ ସମସ୍ୟା ହୋଇ ରହିନାହିଁ। ଏଥିପାଇଁ ଦୋଷୀମାନଙ୍କୁ ଚିହ୍ନଟକରି ସେ ଦେଶର ଆଇନ ଅନୁଯାୟୀ ତୁରନ୍ତ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ ଭାରତ ଯଦି ବାଂଲାଦେଶ ପ୍ରତି କଠୋର ଦଣ୍ଡାତ୍ମକ ପଦକ୍ଷେପ ସ୍ୱରୂପ ବ୍ୟାପାରିକ ପ୍ରତିବନ୍ଧ ଲାଗୁକରେ ଏବଂ କୂଟନୈତିକ ସ୍ତରରେ ବିଶ୍ୱ ଦରବାରରେ ନିନ୍ଦିତକରେ ତେବେ ଜାତୀୟବାଦୀ ଇସ୍‌ଲାମିକ ଶକ୍ତିମାନଙ୍କ ପାଇଁ ଏହା ଅଧିକ ଲାଭପ୍ରଦ ହୋଇପାରେ। ପାକିସ୍ତାନ ଓ ତଥାକଥିତ ଇସ୍‌ଲାମିକ ନାଟୋ ଦେଶଗୁଡ଼ିକ ମଧ୍ୟରେ ହିନ୍ଦୁ ବିରୋଧୀ ହିଂସା ଅଧିକ ହେବା ସମ୍ଭାବନାକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏହା ବ୍ୟତୀତ ଭାରତକୁ ସେ ଦେଶର ସାର୍ବଭୌମତ୍ୱ ଓ ଆଭ୍ୟନ୍ତରୀଣ ପ୍ରକ୍ରିୟା ପ୍ରତି ମଧ୍ୟ ସମ୍ମାନ ରହିବା ଆବଶ୍ୟକ। ଆଜି ପର୍ଯ୍ୟନ୍ତ ଏହା ଭାରତୀୟ ବୈଦେଶିକ ନୀତିର ମୂଳମନ୍ତ୍ର ହୋଇ ରହି ଆସିଛି।

ପରିଶେଷରେ ଏତିକି କୁହାଯାଇପାରେ, ବାଂଲାଦେଶର ବିକାଶ ପ୍ରକଳ୍ପ ପାଇଁ ଭାରତର ଆର୍ଥିକ ସହଯୋଗ ସହ ଉର୍ଜା ସଂଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆବଶ୍ୟକ ପଡ଼ିଲେ ଉଚିତ ଶିକ୍ଷା ଦେବା ପାଇଁ ପ୍ରାଥମିକ ଭାବରେ ସେ ଦେଶ ସହ ସମସ୍ତ ପ୍ରକାର ବ୍ୟାପାରିକ ସମ୍ପର୍କ ବନ୍ଦକରି ବାଂଲାଦେଶୀ ଅନୁପ୍ରବେଶକାରୀ ତଥା ଚୋରା ଚାଲାଣକାରୀମାନଙ୍କୁ କଠୋର ହସ୍ତରେ ଦମନକରିବା ଉଚିତ। ପଡ଼ୋଶୀ ଦେଶ ଭାବରେ ଆଉ ଅଧିକ ସହାନୁଭୂତିଶୀଳ ହୋଇ ନୀରବ ରହିଲେ ବିଶ୍ୱ ଦରବାରରେ ଭାରତ ନିନ୍ଦିତହେବା ସହ ନିଜ ଦେଶ ଭିତରେ ଭାଜପା ସରକାରଙ୍କ ଲୋକପ୍ରିୟତା ଯେ ହ୍ରାସପାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ସମ୍ବଲପୁର**
**ମୋ: ୯୪୩୭୪୨୦୫୪୬**

## ଏଇ ଭାରତରେ

ତାମିଲନାଡୁ ତ୍ରିଚିର ପରିବେଶବିତ୍ ସୁସ୍ମିତା କ୍ରିଷ୍ଣନ୍ ପାଣିରେ ଶୀଘ୍ର ବଢୁଥିବା ଆୟସିନ୍ଥ ଦଳ (ସ୍ଥାନୀୟ ଅଞ୍ଚଳରେ କୁହାଯାଏ ନାଗଦଳ)କୁ ସଂଗ୍ରହ କରି ସେଥିରୁ ସେ କାଗଜ ତିଆରି କରିପାରୁଛନ୍ତି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ ହେବାପରେ କଗଜ ତିଆରି ହେଉଛି। ତ୍ରିଚିର ଏକ ହ୍ରଦକୁ ପ୍ରଦୂଷିତ କରୁଥିବା ଏହି ପ୍ରକାର ଦଳକୁ ଦେଖି ତାହା ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଏଭଳି ଅଭିନବ ଉପାୟ ଆପଣାଇ ସଫଳ ହୋଇଛନ୍ତି। ସେ ତିଆରି କରିଥିବା କାଗଜ ସମ୍ପୂର୍ଣ୍ଣ ବିଘଟନଯୋଗ୍ୟ। ସୁସ୍ମିତା ୧୫୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଦଳ ସଂଗ୍ରହ ଓ କାଗଜ ତିଆରି କାମରେ ନିଯୁକ୍ତ କରିଛନ୍ତି। ୨୫ ବର୍ଷୀୟା ସୁସ୍ମିତା ତ୍ରିଚିରସ୍ଥିତ ଭାରତୀ ଦର୍ଶନ ବିଶ୍ୱବିଦ୍ୟାଳୟରୁ ଲାଇଫ୍ ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ବେଙ୍ଗାଲୁରୁରେ ଇଣ୍ଟର୍ନଶିପ କରୁଥିବା ସମୟରେ ଆୟସିନ୍ଥ ଦଳରୁ କାଗଜ ତିଆରି କରିବା ଯୋଜନା ଆରମ୍ଭ କରି ୨୦୨୩ରେ ତାଙ୍କ ରିସର୍ଚ୍ଚ ଟିମ୍ ସହାୟତାରେ ସଫଳ ହୋଇଥିଲେ। ଏବେ ୧ କେଜି ଆୟସିନ୍ଥ ଦଳରୁ ୩୦ ଫର୍ଦ୍ଦ କାଗଜ ତିଆରି ହୋଇପାରୁଛି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କଗଜ ତିଆରି ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୩ ଜାନୁଆରୀ ୧୯୭୭

- ରାଜ୍ୟରେ ଥିବା ୫୭ ଜଣ ଅକଟବନ୍ଦୀଙ୍କ ମୁକ୍ତି ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ।
- କୁମ୍ଭମେଳା ଯାତ୍ରୀମାନଙ୍କ ପାଇଁ ଭାରତୀୟ ରେଲ୍‌ୱେ ପକ୍ଷରୁ ଶହେଟି ସ୍ୱତନ୍ତ୍ର ରେଳଗାଡ଼ି ଚଳାଚଳର ଦାବି କରାଯାଇଛି।
- ଭାରତ ସୁଦାନରୁ ୫୬ ହଜାର ଗାଣ୍ଠି ତୁଳା କିଣିବା ନେଇ ଖାର୍ତ୍ତୁମଠାରେ ଏକ ଚୁକ୍ତି ସ୍ୱାକ୍ଷରିତ।

# ସାମ୍ପ୍ରଦାୟିକତା ଉପରେ ନେତାଜୀଙ୍କ ଦୃଷ୍ଟିକୋଣ




ଅସିତ ମହାନ୍ତି

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ପ୍ରେରଣାଦାୟକ କାହାଣୀ ମଧ୍ୟରୁ ଗୋଟିଏ। ସମୟ ଏବଂ ଅଭିଜ୍ଞତା ସହିତ ତାଙ୍କର ବ୍ୟକ୍ତିତ୍ୱ ଧୀରେ ଧୀରେ ପରିପକ୍ୱ ହେଲା ଏବଂ ସେ ଜାତୀୟତାକୁ ଆକାର ଦେବାରେ ଜଣେ ନେତା ହୋଇଗଲେ। ପିଲାଦିନରୁ ତାଙ୍କଠାରେ ଅସାଧାରଣ କୌତୂହଳ ଏବଂ ଆତ୍ମ-ଶୃଙ୍ଖଳା ଥିଲା। ୨୩ ଜାନୁଆରୀ ୧୮୯୭ରେ କଟକରେ ଜନ୍ମଗ୍ରହଣ କରିଥିବା ସୁଭାଷ ଚନ୍ଦ୍ର ବୋଷ ବାଲ୍ୟକାଳରୁ ଆଧ୍ୟାତ୍ମିକତା ଏବଂ ନୈତିକତା ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ପିତା ଜାନକୀନାଥ ବୋଷ ଜଣେ ଓକିଲ ଥିଲେ ଏବଂ ପରିବାର ଶିକ୍ଷା ଓ ଶୃଙ୍ଖଳାର ଏକ ପରିବେଶ ପୋଷଣ କରିଥିଲେ। ଏହା ସୁଭାଷ ଚନ୍ଦ୍ର ବୋଷଙ୍କ ଗଭୀର ସମର୍ପଣ ଏବଂ ଆତ୍ମ-ବିଶ୍ୱାସରେ ଅବଦାନ ରଖିଥିଲା।

କିଶୋର ଅବସ୍ଥାରେ, ସେ ସ୍ୱାମୀ ବିବେକାନନ୍ଦ ଏବଂ ରାମକୃଷ୍ଣ ପରମହଂସଙ୍କ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥିଲେ। ବିବେକାନନ୍ଦଙ୍କ ଜାତୀୟତା ଏବଂ ଆତ୍ମ-ବିଶ୍ୱାସର ବାର୍ତ୍ତା ତାଙ୍କ ଭିତରେ ଏକ ଗଭୀର ସଚେତନତା ଜାଗ୍ରତ କରିଥିଲା। ଧୀରେ ଧୀରେ, ସେ ବୁଝିପାରିଲେ ଯେ ଜାତିର ସେବା ଜୀବନର ସର୍ବୋଚ୍ଚ ଉଦ୍ଦେଶ୍ୟ। ସେ ଅତ୍ୟନ୍ତ ମେଧାବୀ ଥିଲେ ଏବଂ ପରେ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷା ପାସ୍ କରିବା ପାଇଁ ଇଂଲଣ୍ଡ ଯାଇଥିଲେ। କିନ୍ତୁ, ଯେତେବେଳେ ସେ ଅନୁଭବ କଲେ ଯେ ଏହି ସେବା ତାଙ୍କୁ ବ୍ରିଟିଶ ଶାସନର ଏକ ଅଂଶ କରିବ, ସେ ଏହାକୁ ପରିତ୍ୟାଗ କରିଥିଲେ। ଏହି ତ୍ୟାଗ ତାଙ୍କ ଜୀବନର ଏକ ମୋଡ଼ ଥିଲା, ଯାହା ତାଙ୍କୁ ଜାତୀୟତାବାଦୀ ଆନ୍ଦୋଳନରେ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଥିଲା। କଂଗ୍ରେସ ଦଳରେ ଯୋଗଦେବା ପରେ, ସୁଭାଷ ଚନ୍ଦ୍ର ବୋଷ ମହାତ୍ମା ଗାନ୍ଧୀ ଏବଂ ଜବାହରଲାଲ ନେହେରୁଙ୍କ ଭଳି ନେତାଙ୍କ ସହିତ କାମ କରିଥିଲେ। ସେ ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନକୁ ସମ୍ମାନ କରୁଥିଲେ, କିନ୍ତୁ ଧୀରେ ଧୀରେ ଅନୁଭବ କଲେ ଯେ କେବଳ ଅହିଂସା ମାଧ୍ୟମରେ ସ୍ୱାଧୀନତା ହାସଲ କରିବା କଷ୍ଟକର ହେବ। ଏହି ଚିନ୍ତାଧାରା ତାଙ୍କୁ ଅଧିକ ମୌଳିକ ପଥ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା। ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହେଲେ ଏବଂ ସଂଗଠନକୁ ପୁନର୍ଜୀବିତ କଲେ। କିନ୍ତୁ ଯେତେବେଳେ ତାଙ୍କର ଦୃଷ୍ଟିକୋଣ ମୁଖ୍ୟଧାରାର କଂଗ୍ରେସ ନେତୃତ୍ୱଠାରୁ ଭିନ୍ନ ହେବାକୁ ଲାଗିଲା, ସେ ଏକ ସ୍ୱାଧୀନ ପଥ ବାଛିଲେ ଏବଂ ଫରୱାର୍ଡ ବ୍ଲକ ପ୍ରତିଷ୍ଠା କଲେ। ଏହା ତାଙ୍କର ରାଜନୈତିକ ବିବର୍ତ୍ତନର ଆଉ ଏକ ପର୍ଯ୍ୟାୟକୁ ଚିହ୍ନିତ କଲା, ଯେଉଁଥିରେ ସେ ସ୍ପଷ୍ଟ କରିଥିଲେ ଯେ ସ୍ୱାଧୀନତା ହାସଲ ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ଉପାୟ ଆବଶ୍ୟକ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବ୍ୟକ୍ତିତ୍ୱ ଆହୁରି ପରିପକ୍ୱ ହୋଇଥିଲା। ସେ ଜର୍ମାନୀ ଏବଂ ଜାପାନରୁ ସହଯୋଗ ପାଇ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ସେ ଏହି ଶକ୍ତିରେ ସମସ୍ତ ଧର୍ମ ଏବଂ ସମ୍ପ୍ରଦାୟକୁ ସମାନ ଭାବରେ ସାମିଲ କରିଥିଲେ ଏବଂ 'ଜୟ ହିନ୍ଦ୍' ସ୍ଲୋଗାନ ଦେଇଥିଲେ। ଏହା ତାଙ୍କର ଜାତୀୟତାର ପରାକାଷ୍ଠା ଥିଲା, ଯେଉଁଥିରେ ସାମ୍ପ୍ରଦାୟିକତାର



କୌଣସି ସ୍ଥାନ ନ ଥିଲା। ନେତାଜୀଙ୍କ ଏହି ଦୃଷ୍ଟିକୋଣ ଦର୍ଶାଏ ଯେ ତାଙ୍କର ବିକାଶ କେବଳ ରାଜନୈତିକ ନୁହେଁ ବରଂ ସାମାଜିକ ଏବଂ ସାଂସ୍କୃତିକ ଥିଲା। ସେ ବୁଝିପାରିଥିଲେ ଯେ ସମସ୍ତ ଲୋକ ଏକ ହୋଇ ଲଢ଼ିଲେ ଭାରତର ସ୍ୱାଧୀନତା ସମ୍ଭବ। ଆମକୁ ମନେ ରଖିବାକୁ ହେବ ଯେ ତାଙ୍କର ବିକାଶ ଏକ ନିରନ୍ତର ଯାତ୍ରା ଥିଲା, ଯେଉଁଥିରେ ଆତ୍ମବିଶ୍ୱାସ, ତ୍ୟାଗ ଏବଂ ଦେଶପ୍ରେମର ଧାରା ପ୍ରବାହିତ ହେଉଥିଲା। ଏହି କାରଣରୁ ନେତାଜୀ ଆଜି ମଧ୍ୟ ଭାରତୀୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

ନେତାଜୀ ତାଙ୍କ ଜୀବନସାରା ଧର୍ମ ଏବଂ ରାଜନୀତିର ପୃଥକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସାମ୍ପ୍ରଦାୟିକତାକୁ ବିରୋଧ କରିଥିଲେ ଏବଂ ସର୍ବଦା ଜାତୀୟ ଏକତାକୁ ପ୍ରାଥମିକତା ଦେଇଥିଲେ। ଉଦାହରଣ ସ୍ୱରୂପ, ସେ ରାଜନୀତି ପାଇଁ ଧାର୍ମିକ ପ୍ରତୀକ ବ୍ୟବହାର କରିବା ପାଇଁ ହିନ୍ଦୁ ମହାସଭାକୁ ସମାଲୋଚନା କରିଥିଲେ ଏବଂ ଆଜାଦ୍ ହିନ୍ଦ୍ ଫୌଜରେ ସମସ୍ତ ଧର୍ମର ସୈନିକମାନଙ୍କୁ ସମାନ ବ୍ୟବହାର ଦେଇଥିଲେ।

ନେତାଜୀ କହିଥିଲେ, ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ ଏବଂ ରାଜନୀତିର ଆଧାର ହେବା ଉଚିତ ନୁହେଁ। ତାଙ୍କ ସହଯୋଗୀ ଆବିଦ ହାସନ ସଫରାନି ଲେଖିଛନ୍ତି ଯେ ନେତାଜୀ ଧର୍ମକୁ ଜାତୀୟତାବାଦରୁ ସମ୍ପୂର୍ଣ୍ଣ ଭାବରେ ପୃଥକ କରିଥିଲେ ଏବଂ ସାର୍ବଜନୀନ ଧାର୍ମିକ ପ୍ରଦର୍ଶନକୁ ଅନୁମତି ଦେଇ ନ ଥିଲେ। ୧୯୪୦ରେ ଝାରଗ୍ରାମ (ପଶ୍ଚିମ ବଙ୍ଗ)ରେ ଏକ ଭାଷଣରେ ନେତାଜୀ କହିଥିଲେ ଯେ ଧର୍ମର ରାଜନୈତିକ ବ୍ୟବହାର ଦେଶକୁ ବିଭାଜିତ କରେ।

ନେତାଜୀ ଆଜାଦ୍ ହିନ୍ଦ୍ ଫୌଜ (ଆଇଏନ୍‌ଏ)ରେ ହିନ୍ଦୁ, ମୁସଲମାନ, ଶିଖ ଏବଂ ଖ୍ରୀଷ୍ଟିଆନଙ୍କୁ ସମାନ ଭାବରେ ସାମିଲ କରିଥିଲେ। ସେ କହିଥିଲେ ଯେ ସାମ୍ପ୍ରଦାୟିକତା 'ବାଣ୍ଟ ଏବଂ ଶାସନ କର' ବ୍ରିଟିଶ ନୀତିକୁ ଦୃଢ଼ କରିଥିଲା, ତେଣୁ ଏହାକୁ ଦୂର କରିବା ଆବଶ୍ୟକ। ତାଙ୍କ ଜୀବନ ଏହି କଥାକୁ ଉଦାହରଣ ଦିଏ ଯେ ପ୍ରକୃତ ଜାତୀୟତାବାଦ, ଧର୍ମନିରପେକ୍ଷତା ଏବଂ ଏକତା ଉପରେ ଆଧାରିତ।

ଆଜାଦ୍ ହିନ୍ଦ୍ ଫୌଜରେ ନେତାଜୀ ସୈନିକମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ସ୍ଲୋଗାନ ସହିତ ଜଡିତ କରି ନ ଥିଲେ। ସେ 'ଜୟ ହିନ୍ଦ୍'କୁ ଜାତୀୟ ଅଭିବାଦନ କରିଥିଲେ, ଯାହା ଦ୍ୱାରା ପ୍ରତ୍ୟେକ ଧର୍ମ ଏବଂ ସମ୍ପ୍ରଦାୟ ଏହାକୁ ଗ୍ରହଣ କରିପାରିବେ ଏବଂ ଏକ ସମାନ ପରିଚୟ ଅନୁଭବ କରିପାରିବେ। ଆଇଏନ୍‌ଏରେ ସୈନିକମାନେ ବିଭିନ୍ନ ଧର୍ମର ଥିଲେ – ହିନ୍ଦୁ, ମୁସଲମାନ, ଶିଖ ଏବଂ ଖ୍ରୀଷ୍ଟିଆନ। ନେତାଜୀ ନିର୍ଦ୍ଦେଶ ଦେଇଥିଲେ ଯେ ସମସ୍ତ ଧର୍ମର ପ୍ରାର୍ଥନା ସମାନ ଭାବରେ କରାଯିବା ଉଚିତ୍, କୌଣସି ଗୋଟିଏ ଧର୍ମକୁ ପ୍ରାଥମିକତା ନ ଦେଇ। ଏହା ସୈନିକଙ୍କ ମଧ୍ୟରେ ଭାଇଚାରା ଭାବନା ବୃଦ୍ଧି କରିଥିଲା। ନେତାଜୀ କେବେ ବି ଧର୍ମ ଆଧାରରେ ସୈନିକମାନଙ୍କୁ ବିଭାଜିତ କରି ନ ଥିଲେ। ଉଦାହରଣ: କ୍ୟାପ୍ଟେନ ଲକ୍ଷ୍ମୀ ସହଗଲ (ହିନ୍ଦୁ), ଶାହ ନୱାଜ ଖାନ (ମୁସଲମାନ) ଏବଂ ଗୁରଦିଆଲ ସିଂହ (ଶିଖ) – ସମସ୍ତେ ଆଇଏନ୍‌ଏର ପ୍ରମୁଖ ଅଧିକାରୀ ଥିଲେ। ଏହା ଦର୍ଶାଏ ଯେ ନେତାଜୀ ତାଙ୍କ ନେତୃତ୍ୱରେ ମଧ୍ୟ ଧର୍ମନିରପେକ୍ଷତାକୁ ମୂଲ୍ୟ ଦେଇଥିଲେ। ନେତାଜୀ କହିଥିଲେ ଯେ ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ, କିନ୍ତୁ ସେନାର ପରିଚୟ ହେଉଛି ଜାତୀୟତାବାଦ।

**ସୁଜନପୁର, ଯାଜପୁର**
**ମୋ:୯୪୩୭୨୮୮୦୨୮**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 8 | 2 | 6 | | | | |
| | 6 | 7 | | | | | | |
| | | | | 1 | 8 | 4 | | |
| | | | | | 2 | | | |
| 3 | 9 | | 7 | | | | | |
| | 1 | | | 3 | | | 2 | |
| | | | 4 | | | 6 | | |
| | | | 9 | | | 1 | | 3 |
| | 7 | 1 | | 5 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 4 | 2 | 5 | 6 | 9 | 7 |
| 5 | 7 | 4 | 9 | 6 | 3 | 2 | 8 | 1 |
| 6 | 2 | 9 | 1 | 7 | 8 | 4 | 5 | 3 |
| 8 | 5 | 6 | 2 | 4 | 7 | 1 | 3 | 9 |
| 4 | 1 | 7 | 5 | 3 | 9 | 8 | 2 | 6 |
| 2 | 9 | 3 | 6 | 8 | 1 | 7 | 4 | 5 |
| 9 | 6 | 5 | 8 | 1 | 4 | 3 | 7 | 2 |
| 3 | 4 | 2 | 7 | 9 | 6 | 5 | 1 | 8 |
| 7 | 8 | 1 | 3 | 5 | 2 | 9 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତାଳଦଣ୍ଡା କେନାଲ ରାସ୍ତାରେ ବାଲି

ମହାଶୟ,

କଟକ ସଦର ବ୍ଲକ ଅନ୍ତର୍ଗତ ତାଳଦଣ୍ଡା କେନାଲର ଦକ୍ଷିଣ ପାର୍ଶ୍ୱ ନବନିର୍ମିତ ତିନି ଧାଡ଼ିଆ ପ୍ରଶସ୍ତ ପିଚୁ ରାସ୍ତାର ଗୋଟିଏ ଧାଡ଼ି ସମ୍ପୂର୍ଣ୍ଣ ବାଲି ଦ୍ୱାରା ଆଚ୍ଛାଦିତ ହୋଇ ଯାଇଛି, ଯାହା ଫଳରେ ଜଗତସିଂହପୁର ଏବଂ ପାରାଦୀପ ପଟୁ ଆସୁଥିବା ଯାନବାହନଗୁଡିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା ଉପର କେବେ ବି ସଫା ହେଉନାହିଁ। ଦିନକୁ ଦିନ ରାସ୍ତା ଉପରେ ବାଲିର ମାତ୍ରା ବୃଦ୍ଧିପାଇ ଧୀରେ ଧୀରେ ରାସ୍ତା ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିବାର ସମ୍ଭାବନା ରହିଛି। ଗୋଶାଳା ରେଳ ଓଭର ବ୍ରିଜ ଉପରେ ମଧ୍ୟ ବାଲି ଗଦାହୋଇ ରହିଛି। ସେହିଭଳି ନୂଆପଡ଼ା ଛକରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ୫୦ ଭାଗ ବାଲି ଆଚ୍ଛାଦିତ ହୋଇ ପଡିଛି, ଯାହା ଫଳରେ ଘୋର ଜନ ଅଶାନ୍ତି ସୃଷ୍ଟି ହେଉଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକ।

**– ଗୀତାଞ୍ଜଳି ପୃଷ୍ଟି, ଗଡିରାଉତ ପଟଣା, ଡିହସାହି, କଟକ**

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅତ୍ୟାଧୁନିକ ବନ୍ଧୁକ ବ୍ୟବହାର କରୁଛନ୍ତି ମାଓବାଦୀ

**କନ୍ଧମାଳ-କଳାହାଣ୍ଡି ସୀମାନ୍ତରେ କୋମ୍ବିଂ ଜୋର୍‌ଦାର**

## ବନ୍ଧୁକ ସହ ବହୁ ସାମଗ୍ରୀ ଜବତ

ଫୁଲବାଣୀ/ବାଲିଗୁଡ଼ା, ୨୨।୧(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପ୍ରାଣିଗ୍ରାହୀ)

କନ୍ଧମାଳ-କଳାହାଣ୍ଡି ଜିଲା ସୀମାନ୍ତ ଜଙ୍ଗଲରେ ପୋଲିସ ଜୋର୍‌ଦାର କୋମ୍ବିଂ ଅପରେଶନ ଚଳାଇଛି। ଗାଙ୍ଗେଲ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ସେଠାରୁ ଅତ୍ୟାଧୁନିକ ବନ୍ଧୁକ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏଥିରୁ ମାଓବାଦୀମାନେ ଅତ୍ୟାଧୁନିକ ବନ୍ଧୁକ ବ୍ୟବହାର କରୁଥିବା ଜଣାପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ଦେଶ ମାଓବାଦୀ ମୁକ୍ତ ହେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହି ଅନୁସାରେ ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ପୋଲିସ କୋମ୍ବିଂ ଅପରେଶନ ଜୋର୍‌ଦାର କରିଛି। ଗୁରୁବାର ସକାଳୁ ଜିଲା ପୋଲିସର ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ଫୋର୍ସ ମିଳିତ ଭାବେ ଏହି କୋମ୍ବିଂ ଅପରେଶନ କରିଛନ୍ତି। ଏହି ଟିମ୍ ଜଙ୍ଗଲ ଭିତରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ଅତ୍ୟାଧୁନିକ ୧୩ ବନ୍ଧୁକ, ବହୁ ୱାକିଟକି, ସୋଲାର ପ୍ୟାନେଲ, ବିଦ୍ୟୁତ୍ ତାର, ମେଡିସିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କୌଣସି ମାଓବାଦୀ ଧରାପଡ଼ି ନାହାନ୍ତି। ବହୁ ହାର୍ଡକୋର ମାଓବାଦୀ ଜଙ୍ଗଲ ଏବଂ ଆଖପାଖ ଅଞ୍ଚଳରେ ଥିବା ଅନୁମାନ କରାଯାଉଛି। କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଉଛି।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ କନ୍ଧମାଳ ଜିଲାର ତୁମୁଡ଼ିବନ୍ଧ ଥାନା, ଚକାପାଦ ଥାନା ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ୬ ଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ତୁମୁଡ଼ିବନ୍ଧ ବ୍ଲକ୍ ବେଲଘର ଥାନା ପେଡମ୍ ଜଙ୍ଗଲରେ ୨ ଜଣ ଏବଂ ଚକାପାଦ ଥାନା କନ୍ଧମାଳ-ଗଞ୍ଜାମ ସୀମାନ୍ତ ରମ୍ଭା ଜଙ୍ଗଲରେ ୪ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଯେଉଁଥିରେ ଓଡ଼ିଶା ମୁଖ୍ୟ ଗଣେଶ ଉଇକେ ଥିଲେ।



ଜଙ୍ଗଲରୁ ଜବତ ହୋଇଥିବା ବନ୍ଧୁକ।

## ୧୦ ହଜାର ଟଙ୍କା ଲାଞ୍ଚ ନେଇ ଆର୍‌ଆଇ ଗିରଫ

କଟକ, ୨୨।୧(କାର୍ତ୍ତିକ ସାହୁ)

କଟକ ଜିଲା ସଦର ତହସିଲ ଅନ୍ତର୍ଗତ କଖଡ଼ି ସର୍କଲ ରେଭେନ୍ୟୁ ଇନ୍ସପେକ୍ଟର (ଆର୍‌ଆଇ) ଜାନକୀ ରଞ୍ଜନ ମଲ୍ଲିକ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ସେ ଏକ ମ୍ୟୁଟେଶନ କେଶ୍‌ରେ ଅଭିଯୋଗକାରୀଙ୍କ ସପକ୍ଷରେ ରିପୋର୍ଟ ପ୍ରଦାନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି।

ସୂଚନାନୁସାରେ, ଅଭିଯୋଗକାରୀ ତହସିଲ୍‌ରେ ଏକ ମ୍ୟୁଟେଶନ କେଶ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଉକ୍ତ ମ୍ୟୁଟେଶନ କେଶର ଶୁଣାଣି ନିମନ୍ତେ ଆର୍‌ଆଇ ଜାନୁଆରୀ ୨୭ ତାରିଖକୁ ସ୍ଥିର କରିଥିଲେ। ହେଲେ ଜମି ମାଲିକଙ୍କୁ ୨୦ ତାରିଖରେ ଡକାଇ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଜମି ମାଲିକ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ ସୁଦ୍ଧା ଆର୍‌ଆଇ କିଛି ଶୁଣି ନ ଥିଲେ। ଶେଷରେ ଜମି ମାଲିକ ଏ ବାବଦରେ ଭିଜିଲାନ୍ସରେ ଜଣାଇଥିଲେ। ଆର୍‌ଆଇଙ୍କ ତିନିଟି ଜାଗାରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଆଧାରରେ ତଲାସି କରାଯାଉଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୬ ଗୁରୁତର

ରାୟଗଡ଼ା, ୨୨/୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଅମ୍ବାଦଳା ଥାନା ଅଧୀନସ୍ଥ ଆଗୁଳ ପଞ୍ଚାୟତର ପାଇକମାଦାଖୋଲା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଷ୍ଠୀ ସଂଘର୍ଷରେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଜମି ବିବାଦକୁ ନେଇ ଏକ ଗୋଷ୍ଠୀର ୨୦ ଜଣ ଲୋକ ସଂଘବଦ୍ଧ ଭାବେ କଟୁରୀ,ଟାଙ୍ଗିଆ ଓ ଠେଙ୍ଗା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିବାରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି। କେତେଜଣ ଆହତ ବ୍ୟକ୍ତି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବାବେଳେ ଅନ୍ୟ ଆହତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଦୀର୍ଘବର୍ଷ ହେଲା ପାଇକମାଦାଖୋଲା ଗ୍ରାମର ଏକ ଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବାରମ୍ବାର ଅଭିଯୋଗ ପରେ ବୁଧବାର ଜମିର ମାପଚିହ୍ନଟ ପାଇଁ ତାରିଖ ଧାର୍ଯ୍ୟ ହେବା ସହ ଉଭୟ ଗୋଷ୍ଠୀର ଲୋକ ରହିଥିବା ବେଳେ ଧାର୍ଯ୍ୟ ସମୟରେ ଅଧିକାରୀମାନେ ନ ଆସିବାରୁ ଡିମାର୍କେସନ ହୋଇପାରି ନ ଥିଲା। ଏହି ସମୟରେ ଡିମାର୍କେସନ ପାଇଁ ଉପସ୍ଥିତ ଥିବା ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଏକ ଗୋଷ୍ଠୀର ପ୍ରାୟ ୨୦ ଜଣ ଲୋକ ଅନ୍ୟ ଗୋଷ୍ଠୀର ଦେବରାଜ ପାଣିଗ୍ରାହୀ, ସୋମନାଥ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ତନୁ ପାଣିଗ୍ରାହୀ, ରଘୁବୀର କରକରିଆ, କେଶ କରକରିଆ, କେଶପତି ଗରଡିଆ, ସେନାପତି ଗରଡିଆଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣକୁ ପ୍ରତିହତ କରି ନ ପାରି ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ଗୁରୁତର ହୋଇଥିବା ବେଳେ ପ୍ରାୟ ୪ଜଣଙ୍କ ମୁଣ୍ଡ ଫାଟିଛି । ଏ ନେଇ ଅମ୍ବାଦଳା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା ସୂଚନା ଦେଇଛନ୍ତି ।

## ବ୍ରାଉନ୍‌ସୁଗାର ବେପାରୀ ବାପିଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର, ୨୨।୧(ତ୍ରିନାଥ ମହାନ୍ତି)

ବ୍ରାଉନ୍ ସୁଗାର ବେପାରୀ ବାପି ଓରଫ ଅଶୋକ ବେହେରାଙ୍କୁ ଜେଲଦଣ୍ଡ ମିଳିଛି। ବାଲେଶ୍ୱର ଓପିଆଇଡି କୋର୍ଟ ତଥା ସ୍ପେଶାଲ ଜଜ୍ ଅଭିଯୁକ୍ତ ବାପିଙ୍କୁ ୧୦ ବର୍ଷର ଜେଲଦଣ୍ଡ ଶୁଣାଇବା ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ କୁହାଯାଇଛି। ଅଭିଯୁକ୍ତ ବାପିଙ୍କ ଠାରୁ ଜବତ ହୋଇଥିବା ନିଶାଦ୍ରବ୍ୟକୁ ପରୀକ୍ଷା ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଥିଲା। ସେଠାରୁ ପରୀକ୍ଷା ରିପୋର୍ଟ ଆସିବା ପରେ କୋର୍ଟରେ ଦାଖଲ କରାଯାଇଥିଲା। ବିଚାରପତି ୨୭ଟି ଦସ୍ତାବିଜ୍ ଏବଂ ୮ଜଣ ସାକ୍ଷୀ ଆଧାରରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ଅଭିଯୁକ୍ତ ବାପି ପଶ୍ଚିମବଙ୍ଗରୁ ଜଳପଥରେ ବ୍ରାଉନ୍ ସୁଗାର ବାଲେଶ୍ୱର, ଜଳେଶ୍ୱରକୁ ଆଣନ୍ତି। ଜଳେଶ୍ୱର ପନିପରିବା ମାର୍କେଟରେ ବ୍ରାଉନ୍ ସୁଗାର କାରବାର କରୁଥିଲେ। ଗ୍ରାହକ ପରିବା କିଣିବା ବାହାନାରେ ବଜାର ଭିତରକୁ ଯାଇ ବାପିଙ୍କ ଠାରୁ ବ୍ରାଉନ୍ ସୁଗାର ଆଣୁଥିଲେ। ଏନେଇ ଏସ୍‌ଟିଏଫ ନିକଟରେ ଖବର ପହଞ୍ଚିଥିଲା। ୨୦୨୧ ନଭେମ୍ବର ୭ରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ବାପିଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୦୫୨ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିଥିଲା। ତଦନ୍ତ ସମୟରେ ବାପିଙ୍କ ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଥିଲା। ଏସ୍‌ଟିଏଫ୍ ରାଜ୍ୟ ବାହାରେ ଚଢ଼ାଉ କରିଥିଲେ ମଧ୍ୟ ଏହାର ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବାରେ ବିଫଳ ହୋଇଥିଲା। ତଦନ୍ତ ଅଧିକାରୀ କୋର୍ଟରେ ୩ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିବା ପରେ ଚାର୍ଜଫ୍ରେମ୍ ହୋଇ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।

## ଦମ୍ପତିଙ୍କୁ ହତ୍ୟା ଉଦ୍ୟମ, ୨ ଭାଇ ଅଟକ

ଦିଗପହଣ୍ଡି, ୨୨।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ ପେଣ୍ଠୁରାଖାଲି ଗ୍ରାମରେ ଦମ୍ପତିଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଏନେଇ ଅଭିଯୋଗ ହେବାପରେ ୨ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଅଟକ ୨ବ୍ୟକ୍ତି ଦୁଇଭାଇ ଜୟଗୁରୁ ପାତ୍ର ଏବଂ ପୂର୍ଣ୍ଣଗୁରୁ ପାତ୍ର ବୋଲି ଜଣାପଡିଛି।

ଖବରରୁ ପ୍ରକାଶ, ପେଣ୍ଠୁରାଖାଲି ଗ୍ରାମର ସୀମାଞ୍ଚଳ ଗୌଡ଼ ଏବଂ ତାଙ୍କ ସ୍ତ୍ରୀ ଗେଲି ଗୁରୁବାର ସକାଳ ସାଢ଼େ ୯ଟାରେ ନିଜଘର ଛାତ ଉପରେ ଥିବା ବେଳେ ହଠାତ୍ ସେଠାରେ ଦୁଇ ଭାଇ ଜୟଗୁରୁ ଏବଂ ପୂର୍ଣ୍ଣଗୁରୁ ପହଞ୍ଚି ସୀମାଞ୍ଚଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ଦେଖି ଗେଲି ତାଙ୍କୁ ଉଦ୍ଧାର କରିବାକୁ ଯିବାବେଳେ ତାଙ୍କ ମୁଣ୍ଡକୁ ମଧ୍ୟ ଜୟଗୁରୁ ଧରିଥିବା କାତିରେ ଚୋଟ ମାରିଥିଲେ। ସାହି ପଡ଼ୋଶୀ ଏହା ଜାଣି ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପାଟପୁର ପୋଲିସ ଟିମ୍ ଗାଁରେ ପହଞ୍ଚି ଅଭିଯୁକ୍ତ ଜୟଗୁରୁ ଏବଂ ପୂର୍ଣ୍ଣଗୁରୁଙ୍କୁ କାବୁ କରି ନେଇ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସନ୍ଧ୍ୟା ସୁଦ୍ଧା ଥାନାରେ ଏତଲା ହୋଇ ନ ଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ସକାଳେ ପୂର୍ବ ଶତ୍ରୁତାକୁ ନେଇ ସୀମାଞ୍ଚଳ ଏବଂ ଜୟଗୁରୁ ଦୁଇ ପରିବାର ମଧ୍ୟରେ ବଚସା ହୋଇଥିଲା। ସୀମାଞ୍ଚଳ ଜୟଗୁରୁଙ୍କ ମା'ଙ୍କୁ ଠେଲି ଦେବାରୁ ତାଙ୍କ ବାମହାତ ଭାଙ୍ଗିଯାଇଛି। ଏଥିରେ ଉତ୍ତେଜିତ ହୋଇ ଦୁଇଭାଇ ଦମ୍ପତିଙ୍କୁ କାତି ଓ ଠେଙ୍ଗାରେ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ବେହେରା କହିଛନ୍ତି।

## ସିଜ୍ ହେଲା ଗୋମାଫିଆଙ୍କ ବ୍ୟାଙ୍କ ଆକାଉଣ୍ଟ

ଢେଙ୍କାନାଳ, ୨୨।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଏସିପିଙ୍କ ନିର୍ଦ୍ଦେଶରେ ପୋଲିସର ୪୬ଟି ଟିମ୍ କେନ୍ଦୁଝର ସମେତ ୫ ଜିଲାରେ ଗୋମାଫିଆଙ୍କ ଘରେ ଏକକାଳୀନ ଚଢ଼ାଉ କରିଥିଲା। ଏଥିରେ ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସଲିମ ବସ୍ତିରେ ରହୁଥିବା ଗୋମାଫିଆ ଟିପୁ ସୁଲତାନଙ୍କ ଘରେ ଚଢ଼ାଉ ସମୟରେ ପୁଳା ପୁଳା ଟଙ୍କା, ସୁନା, ରୁପା ଅଳଙ୍କାର, ଗାଡ଼ି ଓ ବ୍ୟାଙ୍କ ପାସବୁକ୍ ଜବତ ହୋଇଥିଲା। ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତ ଟିପୁ ସୁଲତାନ ଓ ତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରିଛି। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନା ଢେଙ୍କିକୋଟ ବଜାରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଶାଖାରେ ଥିବା ଖାତାକୁ ସିଜ୍ କରିବା ସହ ଗିରଫ ଗୋ ମାଫିଆଙ୍କ ସମ୍ପର୍କୀୟଙ୍କ ସ୍ୱାମପାଟଣା ଷ୍ଟେଟ୍ ବ୍ୟାଙ୍କର ଏକ ଖାତାକୁ ସିଜ କରିଛନ୍ତି। ଏଥିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମୋଟ ୪ଟା, ୟୁନିୟନ ବ୍ୟାଙ୍କରେ ୨ଟା ଏବଂ ଷ୍ଟେଟ୍ ବ୍ୟାଙ୍କରେ ୨ ଟା ମୋଟ ୮ ବ୍ୟାଙ୍କ ଖାତା ସିଜ୍ ହୋଇଥିବା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି।



ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା, ବ୍ୟାଙ୍କ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

**Business**

## ପଶ୍ଚିମ ଓଡ଼ିଶା ହେବ ରାଜ୍ୟର ପରବର୍ତ୍ତୀ ବିକାଶ ଇଞ୍ଜିନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୧(ଅନୁରାଧା ମହାରଣା)

- ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶା ୨୦୨୬ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୨୦ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ୩୦,୦୦୦ କୋଟିର ନିବେଶ, ୧୦ ହଜାର ନିଯୁକ୍ତି ସମ୍ଭାବନା

ହାଇଦ୍ରାବାଦ ଓ କୋଲକାତାରେ ସଫଳ ନିବେଶକ ସମ୍ମିଳନୀ ରୋଡ୍ ଶୋ' ପରେ ଏବେ ପଶ୍ଚିମ ଓଡ଼ିଶାରେ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୭ ଓ ୨୮ ତାରିଖରେ ସମ୍ବଲପୁର ଜିଲାର ଲପଙ୍ଗା ଓ ରାଉରକେଲା ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ହିଣ୍ଡାଲ୍‌କୋରେ ଦେଶର ପ୍ରଥମ ଏଫ୍‌ଆର୍‌ବି ୟୁନିଟ୍ ଉଦ୍‌ଘାଟନ କରିବେ। ଏହା ସହ ୨୦ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବ, ଯାହାର ମୋଟ ନିବେଶ ୩୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ଏହା ଦ୍ୱାରା ୧୦,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସିଆଇଆଇ ସହଯୋଗରେ ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶା ୨୦୨୬ ଉଦ୍‌ଘାଟନ କରିବେ। ଏହି ଫ୍ଲାଗ୍‌ଶିପ କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶ ସୁବିଧା ସୁଦୃଢ଼ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ନୂତନ ଓଡ଼ିଶା ସରକାର ଗଠନ ପରେ ପଶ୍ଚିମାଞ୍ଚଳରେ ବିପୁଳ ଗତି ଆସିଛି। ଏଠାରେ ୧,୨୮,୪୭୨ କୋଟି ଟଙ୍କାର ନିବେଶ ଅନୁମୋଦିତ ହୋଇଛି, ଯାହା ଦ୍ୱାରା ୬୯,୩୩୮ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ହାଇଦ୍ରାବାଦ ଓ କୋଲକାତାରେ ହୋଇଥିବା ନିବେଶକ ସମ୍ମିଳନୀ ରୋଡ଼ଶୋ ମାଧ୍ୟମରେ ଶିଳ୍ପପତିମାନଙ୍କର ଆଗ୍ରହ ଆହୁରି ବଢ଼ିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପଶ୍ଚିମ ଓଡ଼ିଶା ଏବେ ଓଡ଼ିଶାର ଶିଳ୍ପ ପରିବର୍ତ୍ତନର ଅଗ୍ରଭାଗରେ ରହିଛି। ଏଣ୍ଟରପ୍ରାଇଜ ଓଡ଼ିଶା ନିବେଶକମାନଙ୍କୁ ସ୍ଥାନୀୟ ସୁଯୋଗ ସହ ସଂଯୋଗ କରିବାର ଏକ ଶକ୍ତିଶାଳୀ ମଞ୍ଚ ହେବ ଏବଂ ଶିଳ୍ପ ସମ୍ଭାବନାକୁ ନିଯୁକ୍ତି ଓ ସମୃଦ୍ଧିରେ ପରିଣତ କରିବ। ଏହି ଉଦ୍ୟମ ଓଡ଼ିଶାର ସମାବେଶୀ ବିକାଶ ପ୍ରତିବଦ୍ଧତାକୁ ସମର୍ଥନ କରୁଛି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଦୃଷ୍ଟିକୋଣକୁ ମଜଭୁତ କରୁଛି।

## ଏଆଇପିଏଚ୍ ୟୁନିଭର୍ସିଟି, ଆପୋଲୋ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, ୨୧।୧(ଅନୁରାଧା ମହାରଣା)


ଭୁବନେଶ୍ୱରର ଏଆଇପିଏଚ୍ ୟୁନିଭର୍ସିଟି, ଭୁବନେଶ୍ୱର ଆଲାଏଡ୍ ହେଲ୍‌ଥ ସାଇନ୍ସେସ୍‌ରେ ବ୍ୟାଚଲର୍ସ ପାଠ୍ୟକ୍ରମ ଆରମ୍ଭ କରିବାକୁ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ସହ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି। ଏହି ପାଠ୍ୟକ୍ରମ ଆନାସ୍ଥେସିଆ ଏବଂ ଅପରେଶନ ଥିଏଟର ପ୍ରଯୁକ୍ତି, ମେଡିକାଲ ଲାବରେଟୋରି ପ୍ରଯୁକ୍ତି, କ୍ରିଟିକାଲ କେୟାର ପ୍ରଯୁକ୍ତି ଏବଂ ଅନ୍ୟ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣରୁ ନେଇ ଆଧୁନିକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାଗୁଡିକ ସମେତ ଅଧିକ ଚାହିଦା ରହିଥିବା ସ୍ପେଶିଆଲାଇଜେଶନ ଉପରେ ଦୃଷ୍ଟିନିବଦ୍ଧ କରିବ।

## ବିଶାଖାପାଟଣା ରେଳଷ୍ଟେଶନରେ ହ୍ୟୁମାନଏଡ୍ ରୋବୋଟ

ଭୁବନେଶ୍ୱର, ୨୧।୧(ଅନୁରାଧା ମହାରଣା)

ଯାତ୍ରୀ ସୁରକ୍ଷା, ସୁରକ୍ଷା ଏବଂ ସେବା ପ୍ରଦାନକୁ ବୃଦ୍ଧିକରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ତତ୍ତ୍ୱାବଧାନରେ ବିଶାଖାପାଟଣା ରେଳଷ୍ଟେଶନରେ ଏକ ହ୍ୟୁମାନଏଡ୍ ରୋବୋଟ 'ଏଏସସି ଅର୍ଜୁନ' ପ୍ରଚଳନ କରିଛି। ପ୍ରଥମଥର ପାଇଁ ଭାରତୀୟ ରେଳପଥ ଏହି ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି । ବିଶାଖାପାଟଣା ରେଳ ଷ୍ଟେଶନରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ଉପସ୍ଥିତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ବୋହରା ଏହି ହ୍ୟୁମାନଏଡ ରୋବୋଟକୁ ଉନ୍ମୋଚନ କରିଥିଲେ। ରେଳ ସୁରକ୍ଷା ବଳର ଆଧୁନିକୀକରଣ ଏବଂ ଡିଜିଟାଲ ରୂପାନ୍ତରଣ ପଦକ୍ଷେପର ଅଂଶ ଭାବରେ ନିୟୋଜିତ ଏହି ହ୍ୟୁମାନଏଡ୍ ରୋବୋଟ ବିଭିନ୍ନ ରେଳ କାର୍ଯ୍ୟକୁ ଠିକ୍ ଭାବରେ କରିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ସୁରକ୍ଷା, ଯାତ୍ରୀ ସହାୟତା, ଭିଡ଼ ପରିଚାଳନା, ସ୍ୱଚ୍ଛତା ତଦାରଖ ଏବଂ ସୁରକ୍ଷା ସଚେତନତା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଏହି ରୋବୋଟଟି ସମ୍ପୂର୍ଣ୍ଣ ଭାବରେ ବିଶାଖାପାଟଣାରେ ଡିଜାଇନ ଏବଂ ବିକଶିତ ହୋଇଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସଫଳତାର ସହିତ ବିକଶିତ କରିବା ପାଇଁ ୧ ବର୍ଷରୁ ଅଧିକ ସମୟ ଧରି କଠିନ ପରିଶ୍ରମ କରିଛି। ରୋବୋଟ ମୁହଁ ପରିଚୟ ପ୍ରଣାଳୀ (ଏଫ୍‌ଆର୍‌ଏସ୍) ବ୍ୟବହାର କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିପାରିବ ଏବଂ ଆଇଓଟି-ସକ୍ଷମ ଆଲର୍ଟ ମାଧ୍ୟମରେ ତୁରନ୍ତ ଆର୍‌ପିଏଫ୍ କର୍ମଚାରୀଙ୍କୁ ସତର୍କ କରିପାରିବ, ଯାହା ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ଏବଂ ଚିହ୍ନଟ ସମୟ ହ୍ରାସ କରିବା ପାଇଁ ଉପଯୋଗୀ ହୋଇପାରିବ। ଏଆଇ-ଆଧାରିତ ଯାତ୍ରୀ ଭିଡ଼କୁ ବିଶ୍ଳେଷଣକରି ଏହାକୁ ରୋକିବାରେ ସାହାଯ୍ୟ କରେ ଏବଂ ପିକ୍ ଆୱାରରେ ସକ୍ରିୟ ଭିଡ଼ ନିୟନ୍ତ୍ରଣ ପଦକ୍ଷେପକୁ ସକ୍ଷମକରେ। ରୋବୋଟ ନିୟନ୍ତ୍ରଣ କକ୍ଷକୁ ବାର୍ତ୍ତା ପଠାଇବ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ସୁରକ୍ଷା କର୍ମୀଙ୍କୁ ସତର୍କ କରିବ। ସ୍ୱୟଂଚାଳିତ ସୁରକ୍ଷା ଏବଂ ସୂଚନା ଘୋଷଣା ଇଂରାଜୀ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ପ୍ରଦାନ କରାଯିବ, ଯାହା ଯାତ୍ରୀ ସଚେତନତା ଏବଂ ଅନୁପାଳନକୁ ଉନ୍ନତ କରିବ। ଏହା ପିକ୍ ଆୱାରରେ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିବାକୁ ଜନସାଧାରଣଙ୍କୁ ସକ୍ଷମ କରିବ। ପ୍ରତିବନ୍ଧକ ଏଡ଼ାଇବା ସହିତ ପୂର୍ବ ନିର୍ଦ୍ଧାରିତ ପଥରେ ଅର୍ଦ୍ଧ-ସ୍ୱୟଂଶାସିତ ନାଭିଗେଶନକୁ ନିରନ୍ତର ପାଟ୍ରୋଲିଂ ଏବଂ ୨୪ ଘଣ୍ଟିଆ ଉପସ୍ଥିତିକୁ ଅନୁମତି ଦେଇଥାଏ, ଯାହା ମାନବ ସମ୍ବଳର ବୋଝକୁ ହ୍ରାସ କରିଥାଏ। ଏହା ଫଳପ୍ରଦ ସୁରକ୍ଷା ପରିଚାଳନାରେ ଉନ୍ନତି ଆଣିବ। ଏଏସ୍‌ସି ଅର୍ଜୁନ ବନ୍ଧୁତ୍ୱପୂର୍ଣ୍ଣ ଅଙ୍ଗଭଙ୍ଗୀ ଏବଂ ସୂଚନା ସହାୟତା ମାଧ୍ୟମରେ ଯାତ୍ରୀମାନଙ୍କ ସହ ଭାବିନିମୟ କରିଥାଏ, ଯାହା ଜନସାଧାରଣଙ୍କ ବିଶ୍ୱାସ ଏବଂ ଆର୍‌ପିଏଫ କର୍ତ୍ତୃପକ୍ଷଙ୍କ ଧାରଣାକୁ ବୃଦ୍ଧି କରିଥାଏ । ଏହା ତୁରନ୍ତ ଆଲର୍ଟ ସହ ନିଆଁ ଏବଂ ଧୂଆଁର ଶୀଘ୍ର ଚିହ୍ନଟ ତ୍ୱରିତ ଜରୁରିକାଳୀନ ପ୍ରତିକ୍ରିୟା ଏବଂ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବ ।





# ୨ ବାଇକ୍ ଧକ୍କା: ୨ ଯୁବକ ମୃତ

ବାସୁଦେବପୁର,୨୨।୧(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ): ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ପାରାପୋଖରୀ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସୁଦେବପୁର ଥାନା ଅଧୀନ ବାଲିନଗର ଗ୍ରାମର ସୁଶାନ୍ତ ମହାକୁଡ଼ ଓ ସାବରପୁର ଗ୍ରାମର ଶେଖ୍ ମନସୁର୍। ଏଥିସହ ସାବରପୁର ଗ୍ରାମର ଶେଖ୍ ମନଜୁର ଅଲି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶେଖ୍ ମନସୁର ଓ ଶେଖ୍ ମନଜୁର ଏକ ବାଇକ୍‌ରେ ବାସୁଦେବପୁରରୁ ଧାମରା ଆଡ଼କୁ ଯାଉଥିଲେ। ପାରାପୋଖରୀ ଛକଠାରେ ବିପରୀତ ଦିଗରୁ ଆସୁଥିବା ସୁଶାନ୍ତଙ୍କ ବାଇକ୍‌ସହ ସେମାନଙ୍କର ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୩ଜଣଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ସୁଶାନ୍ତ ଓ ଶେଖ୍ ମନସୁର୍‌ଙ୍କୁ ମୃତ ଘୋଷଣା କରିଥିଲେ। ଶେଖ୍ ମନଜୁରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଧାୟକ ଅଶୋକ କୁମାର ଦାସ ୨ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ବ୍ଲକ୍‌ର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ: ମନ୍ତ୍ରୀ

## ଧାମନଗର ପଞ୍ଚାୟତ ସମିତିର ୯ମ ବୈଠକ



ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉଛି।

ଧାମନଗର,୨୨।୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ୍‌ର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ୯ମ ବୈଠକରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଞ୍ଚାୟତ ସମିତି ସଦସ୍ୟ ଓ ବ୍ଲକ୍ ପ୍ରଶାସନକୁ ଏନେଇ ଆହ୍ୱାନ ଦେଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ୍‌ର ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲିକ ହସନାବାଦ ଓ ସଇଲୋ ଅଞ୍ଚଳରେ ନଦୀବନ୍ଧର ଦୁର୍ବଳ ଅବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବନ୍ୟା ସମୟରେ ଦୁର୍ବଳ ନଦୀବନ୍ଧ ଯୋଗୁ ଲୋକେ ବିପଦରେ ରହୁଥିବାରୁ ସ୍ଥାୟୀ ନିରାକରଣ ପାଇଁ ଏକ ବିଶେଷଜ୍ଞ ଟିମ୍ ପଠାଇ ଅନୁଧ୍ୟାନ କରିବାକୁ ମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ। କେତେଜଣ ସଦସ୍ୟ ଧାନ ମଣ୍ଡିରେ ଚାଷୀଙ୍କ ସମସ୍ୟା ଉଠାଇ ମଣ୍ଡିରେ ଧାନ ପଡ଼ି ରହୁଥିବା ବେଳେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ସେହିପରି ବ୍ଲକର ୧୪୦ଟି ନଳକୂପ ଖନନ ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇଛି କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ବିଶେଷକରି ପାନୀୟ ଜଳ ଓ ପିଡିଏସ୍ ସାମଗ୍ରୀ ଯୋଗାଣ ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଡିଓ ବନବିହାରୀ ଦିନ୍ଦା, ଏମ୍‌ପି ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ପରିଷଦ ସଭ୍ୟାସଭ୍ୟ ଉର୍ମିଳା ବିଶ୍ୱାଳ, ଶାରଦା ପ୍ରସନ୍ନ ସାହୁ, ପ୍ରଦୀପ ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମୋଗଲ ତାମସାର ମୋଗଲଙ୍କ ପରଲୋକ

ଭଦ୍ରକ,୨୨।୧(ସନାତନ ରାଉତ)

ଭଦ୍ରକର ପାରମ୍ପରିକ ନାଟ୍ୟସଂସ୍ଥା ମୋଗଲ ତାମସାର ମୋଗଲ ଅଭିନୟ କରୁଥିବା ରବିନାରାୟଣ ସାହୁ(୮୬)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଭଦ୍ରକ ପୁରୁଣାବଜାରରେ ତାଙ୍କ ଘର ହୋଇଥିବା ବେଳେ ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ନାଟକ ମୋଗଲ ତାମସାରେ ସେ ମୋଗଲ ଚରିତ୍ରରେ ଅଭିନୟ କରି ପରିଚୟ ସୃଷ୍ଟି କରିଥିଲେ। ଭଦ୍ରକରେ ଜଣେ ଜଣାଶୁଣା କଳାକାର ହୋଇଥିବା ବେଳେ ବାବା ବୁଢ଼ା ଗଣେଶ ପୂଜା କମିଟିର ପୂର୍ବତନ ସଦସ୍ୟ ଥିଲେ। ବୟସାଧିକ ଯୋଗୁ ଗତ କିଛିଦିନ ଧରି ସେ ଅସୁସ୍ଥ ଥିବାବେଳେ ବୁଧବାର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସକାଳେ ତାଙ୍କ ମୃତ୍ୟୁ ଘଟିଛି। ବୁଢ଼ା ଗଣେଶ ପୂଜା କମିଟି ପକ୍ଷରୁ ଶେଷଦର୍ଶନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗାଁ ପରିକ୍ରମା ପରେ ବାବୁସାହି ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।


ରବିନାରାୟଣ ସାହୁ।

# ଜଳିଗଲା ୧୦ ବଖରା

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ବାସୁଦେବପୁର,୨୨।୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ନାୟକସାହି ବସ୍ତିରେ ବୁଧବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ଘର ଜଳିଯାଇଛି। ଏଥିରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି, ଘରୋଇ ଉପକରଣ, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଅଗ୍ନିକାଣ୍ଡରେ ରସାନନ୍ଦ ବାରିକ, ବଳରାମ ବାରିକ, ଜଗନ୍ନାଥ ବାରିକ ଓ ଅଗଣୀ ବାରିକଙ୍କ ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବରପାଇ ବିଧାୟକ ଅଶୋକ କୁମାର ଦାସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରପଞ୍ଚ ରାଜେନ୍ଦ୍ର ନାୟକ ମଧ୍ୟ ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ଲାଗି ବିଡିଓ ତନ୍ମିତା କରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ରେଡ୍‌କ୍ରସ ପାଣ୍ଠିରୁ ସହାୟତା ରାଶି ପ୍ରଦାନ ପାଇଁ ଜିଲାପାଳଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ଧାମନଗର କଲେଜରେ ଖୋଲିବ ସେନା ତାଲିମ କେନ୍ଦ୍ର


ଧାମନଗର କଲେଜରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସେନା ଅଧିକାରୀ ଅନୁଧ୍ୟାନ କରୁଛନ୍ତି।

## ମନ୍ତ୍ରୀ, ଭାରତୀୟ ସେନା ଅଧିକାରୀଙ୍କ ଅନୁଧ୍ୟାନ

ଧାମନଗର,୨୨।୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

କେନ୍ଦ୍ର ସରକାର ଧାମନଗର ଅଞ୍ଚଳର ଯୁବତୀ ଯୁବକଙ୍କ ପାଇଁ ଆଣିଛନ୍ତି ନୂଆ ସୁଯୋଗ। ସେନାରେ ଭର୍ତ୍ତି ହୋଇ ଦେଶ ସେବା କରିବା ପାଇଁ ସ୍ୱପ୍ନ ଦେଖୁଥିବା ଗ୍ରାମାଞ୍ଚଳର ଯୁବତୀ ଯୁବକଙ୍କୁ ମିଳିବ ଉପଯୁକ୍ତ ପ୍ରଶିକ୍ଷଣ। ଧାମନଗର କଲେଜ ପରିସରରେ ଭାରତୀୟ ସେନା ପକ୍ଷରୁ ଏକ ସେନା ତାଲିମ କେନ୍ଦ୍ର ପ୍ରତିଷ୍ଠା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷ କରି 'ଅଗ୍ନିବୀର' ଯୋଜନାରେ ନିଯୁକ୍ତି ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୧୫୦ ଯୁବତୀ ଯୁବକଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯିବ। ମହାବିଦ୍ୟାଳୟ ପରିସରରେ ଥିବା ତଫସିଲଭୁକ୍ତ ଜାତି ଓ ଜନଜାତି ହଷ୍ଟେଲକୁ ଏହି ତାଲିମକେନ୍ଦ୍ର ପାଇଁ ସ୍ଥାୟୀ ବ୍ୟବହାର କରାଯିବାକୁ ଯୋଜନା ରହିଛି। ଗୁରୁବାର ଭାରତୀୟ ସେନାର ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସୁରେନ୍ଦ୍ର ସିଂହ ଓ ରବୀନ ସିଂହ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ ଧାମନଗର ମହାବିଦ୍ୟାଳୟ ଗସ୍ତ କରି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ତାଲିମ ପାଇଁ ଆବଶ୍ୟକ ଟ୍ରାକ୍ ନିର୍ମାଣ ଓ କଲେଜ ପଡ଼ିଆର ଉପଯୋଗିତା ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ସହ ସେମାନେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେନା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ପ୍ରଚେଷ୍ଟାରେ ଏହି ତାଲିମ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଯୁବତୀ ଯୁବକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ଗସ୍ତ ସମୟରେ ମନ୍ତ୍ରୀ କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଓ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତରେ ମୋଟ ୧୫କୋଟି ଏବଂ ପିଏମ୍ ଉଷା ଯୋଜନାରେ ୫ କୋଟି ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ପାଚେରି, ୩ଟି ଗେଟ୍, ଅଡିଟୋରିୟମ୍, କଳା ଓ ବିଜ୍ଞାନ ବ୍ଲକ କାର୍ଯ୍ୟ ତଦାରଖ କରିଥିଲେ।

# 'ଭବିଷ୍ୟତ ଗଢ଼ିଥାଏ ଆଲୋକିତ ଅତୀତ'

## ସାହିତ୍ୟିକ ଡ. ମହେଶ୍ୱର ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ତିହିଡ଼ି,୨୨।୧(ସଞ୍ଜିତ ବଳ)

ସମୟ ବହି ଚାଲିଛି। ଏହି ସମୟରେ ଆଲୋକିତ ଅତୀତ ସ୍ମରଣୀୟ ହୋଇ ରହିଯାଏ। ସେହି ଅତୀତ ହିଁ ଭବିଷ୍ୟତ ଗଢ଼ିଥାଏ ବୋଲି ସାହିତ୍ୟିକ ସ୍ୱର୍ଗତ ଡ. ମହେଶ୍ୱର ଦାସଙ୍କ ୧୬ତମ ଶ୍ରାଦ୍ଧ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଈଶାଣପୁର ଗ୍ରାମସ୍ଥିତ ଅନନ୍ତ ଆଶ୍ରମରେ ଗୁରୁବାର ପୂର୍ବାହ୍ନରେ ମହେଶ୍ୱର ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ସାହିତ୍ୟିକ ମନୋଜ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଡ. ଶଶିଭୂଷଣ ରଥ ଯୋଗଦେଇ ଗାଁ ପ୍ରତି ମମତ୍ୱବୋଧ ସାହିତ୍ୟିକ ସ୍ୱର୍ଗତ ମହେଶ୍ୱରଙ୍କୁ ଉଚ୍ଚତର ସୋପାନରେ ପହଞ୍ଚାଇଥିଲା ବୋଲି କହିଥିଲେ। ମୁଖ୍ୟବକ୍ତା କବି ହୃଦାନନ୍ଦ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା, ବରିଷ୍ଠ କବି ଦୀନବନ୍ଧୁ ପତି ଓ ସାମାଜିକ କର୍ମୀ କିଶୋର ପୁହାଣ ଯୋଗ ଦେଇଥିଲେ।

ଏହି ଅବସରରେ କବି ଶଶିଭୂଷଣଙ୍କୁ ମହେଶ୍ୱର ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ମନ୍ମଥ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସାହିତ୍ୟିକ ସ୍ୱର୍ଗତ ଦାସଙ୍କ ଚିତ୍ର ଆଙ୍କିଥିବା ଛାତ୍ର ସତ୍ୟପ୍ରକାଶ ମୁଦୁଲିଙ୍କ ସମେତ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କବି ଦୀନରଞ୍ଜନ ପାଢ଼ୀଙ୍କ ସଂଯୋଜନାରେ କବିତା ପାଠ କରିଥିବା କବି ଡ. ଅମୂଲ୍ୟ ସେନାପତି, ବୈକୁଣ୍ଠ ନାଥ ଓଝା, ରମାକାନ୍ତ ଦାସ, ସରୋଜ ଦାସ, ହରେକୃଷ୍ଣ ଜେନା, ଭାଗବତ ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବଂଶୀଧର ଦାସ, ଶ୍ରୀନାଥ ମଲିକ, ଭାଗବତ ପତି, ପ୍ରମୋଦ ନାୟକ, କଲାମ ଖାଁ, ଅଜୟ ପ୍ରଧାନ, ଦୁର୍ଗା ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସରୋଜ ଓଝା ଧନ୍ୟବାଦ ଦେଇଥିଲେ। ରବିନାରାୟଣ ବେହେରା, ବାଞ୍ଛାନିଧି ଦାସ, ପ୍ରଫୁଲ୍ଲ ଦାସ, ଘନଶ୍ୟାମ ଦାସ, ଗୋକୁଳାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସତ୍ୟଜିତ୍‌ଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଧାମନଗର,୨୨।୧
(ଦୀନକୃଷ୍ଣ ମହାପାତ୍ର)

ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଗୋପାଳସାହିର ଉମେଶ ଦାସ ଓ ଶ୍ରୁଲିପ୍ସା ବେହେରାଙ୍କ ୧୦ବର୍ଷର ପୁଅ ସତ୍ୟଜିତ ରକ୍ତ କର୍କଟରେ ଆକ୍ରାନ୍ତ ହୋଇଥିବା ବେଳେ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି।



ପଳିକିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ସତ୍ୟଜିତ କିଛିଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ମଧ୍ୟ ତାଙ୍କର ଜ୍ୱର କମି ନ ଥିଲା। ଗତ ୭ ତାରିଖରେ କଟକ ବଡ଼ ଡାକ୍ତରଖାନାକୁ ନେଇ ଭର୍ତ୍ତି କରାଯାଇ ପରୀକ୍ଷା ନିରୀକ୍ଷା ପରେ ସେ ରକ୍ତ କର୍କଟରେ ଆକ୍ରାନ୍ତ ବୋଲି ଡାକ୍ତର କହିଥିଲେ। ଚିକିତ୍ସା ପାଇଁ ବହୁ ଅର୍ଥ ଲାଗିବ ଜାଣି ୧୪ ତାରିଖରେ ରୋଗୀଣା ପୁଅକୁ ସାଙ୍ଗରେ ଧରି ମା' ବାପା ଘରକୁ ଫେରିଆସିଥିଲେ। ସତ୍ୟଜିତଙ୍କ ଜେଜେ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ହିତାଧିକାରୀ ଥିବାବେଳେ ତାଙ୍କ ମା' ବାପା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ମାତ୍ର ରକ୍ତ କର୍କଟ ରୋଗରେ ପୀଡ଼ିତ ସତ୍ୟଜିତଙ୍କ ନାମ ଏଥିରେ ନ ଥିବାରୁ ତାଙ୍କ ବାପା ଉମେଶ ନାମ ଯୋଡ଼ିବା ପାଇଁ ବିଡିଓଙ୍କୁ ଅନୁରୋଧ କରିଥିଲେ। ସାଇଟ୍ ବନ୍ଦ ଥିବାରୁ ନାମ ଯୋଡ଼ିହେବ ନାହିଁ ବୋଲି ବିଡିଓ କହିଥିଲେ। ବାପା ଓ ମା' କେନ୍ଦ୍ର ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ କାର୍ଡ ହିତାଧିକାରୀ, ତାଙ୍କ ପିଲାଙ୍କ ବୟସ ୫-୧୫ ହୋଇଥିଲେ ସେ ସେହି ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ପାଇପାରିବେ ବୋଲି ନିୟମ ରହିଛି। ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଏବଂ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିପ୍ରତି ଦୃଷ୍ଟି ଦେବାକୁ ସତ୍ୟଜିତ୍‌ଙ୍କ ମା' ବାପାଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି।

# ଧାନର ମାନ ନିର୍ଦ୍ଧାରଣରେ ଚାଷୀ ନିରାଶ

ଧୁଷୁରୀ, ୨୨।୧ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଧୁଷୁରୀ ସେବା ସମବାୟ ସମିତି ଅଧୀନରେ ଖୋଲିଥିବା ମଣ୍ଡିକୁ ପ୍ରଥମ ଦିନରେ ୧୦ରୁ ଅଧିକ ଚାଷୀ ମଙ୍ଗଳବାର ଧାନ ବିକ୍ରୟ କରିବାକୁ ଯାଇଥିବା ବେଳେ ମାନ ନିର୍ଦ୍ଧାରଣରେ ନିରାଶ ହୋଇ ଫେରିଛନ୍ତି। ସେଠାରେ ଆର୍‌ଏମ୍‌ସି ଅଧିକାରୀ ଚାଷୀମାନଙ୍କ ଧାନର ମାନ ନିର୍ଦ୍ଧାରଣ ପାଇଁ ପରୀକ୍ଷା କରିଥିଲେ। ସମସ୍ତ ଚାଷୀଙ୍କ ଧାନ ଏଫଏକ୍ୟୁ ମାନର ନୁହେଁ ବୋଲି ଅଧିକାରୀମାନେ କହିବା ସହ ସେମାନଙ୍କ ଧାନ ଫେରାଇ ନେବାକୁ କହିଥିଲେ। ଫଳରେ ଚାଷୀମାନେ ନିରାଶ ହୋଇ ଘରକୁ ଫେରିଥିଲେ। ଏବର୍ଷ ଧାନ ଭଲ ଫଳିଛି। ଧାନର ମୂଲ୍ୟ ସରକାର ଅଧିକ କରି ଏହାର ମାନକୁ ପରୀକ୍ଷା ଆଳରେ ନିମ୍ନ ବୋଲି ସାବ୍ୟସ୍ତ କରି ଘରୋଇ ଧାନ ବ୍ୟବସାୟୀଙ୍କୁ ସାହାଯ୍ୟ କରୁଛନ୍ତି। ପୁନର୍ବାର ଧାନ ନେବା ପାଇଁ ଟୋକନ ଦେବା ସହ ମାନ ନିର୍ଦ୍ଧାରଣରେ କୋହଳ ଅବଲମ୍ବନ କରାଯିବାକୁ ଧାନ ବିକ୍ରୟ ପାଇଁ ଟୋକନ ପାଇଥିବା ଚାଷୀ ରାଜେନ୍ଦ୍ର ପଲେଇ, ସୌଭାଗ୍ୟ ପଣ୍ଡା, ରୋହିତ କୁମାର ନାୟକ, ଶଶୀକାନ୍ତ ମିଶ୍ର, ଅଭୟ ମାଝୀ, କାଳନ୍ଦୀ ସେଠୀ, ରମାକାନ୍ତ ମହାପାତ୍ର, କାହ୍ନୁ ଚରଣ ସ୍ୱାଇଁ, ଲୋକନାଥ ପଣ୍ଡା, ସତ୍ୟବ୍ରତ ବାରିକ, ଶାନ୍ତନୁ ସାହୁ, ହରିହର ବେହେରା ପ୍ରମୁଖ ଦାବି କରିଛନ୍ତି। ଧାନର ମାନ ନିର୍ଦ୍ଧାରଣ ସମୟରେ ଏରିଆ ଅଫିସର ସୁବ୍ରତ କୁମାର ତ୍ରିପାଠୀ, ଧୁଷୁରୀ ସେବା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ସଭାପତି ସନ୍ଦୀପ ଶଙ୍କର ସ୍ୱାଇଁ, ଧୁଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ମୁଦୁଲି, ଭିଏଡବ୍ଲ୍ୟୁ ପ୍ରଦୀପ ସିଂ, ମଣ୍ଡି ପରିଚାଳକ, ମିଲର ଓ କମିଟି ସଦସ୍ୟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ସଫଳତା ପଛରେ ଗୁରୁଜୀ ଗୁରୁମାଙ୍କ ହାତ ରହିଥାଏ

ବନ୍ତ,୨୨।୧(ହରିନାରାୟଣ ମହାନ୍ତି)

ଛାତ୍ରୀଛାତ୍ରଙ୍କ ସଫଳତା ପଛରେ ଗୁରୁଜୀ ଗୁରୁମାଙ୍କ ହାତ ରହିଥାଏ ବୋଲି ବନ୍ତ ବ୍ଲକ କପାଳୀକ୍ଷେତ୍ର ନିମାପଡ଼ାସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ରଜତ ଜୟନ୍ତୀ ସମାରୋହର ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି। ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଶୁଭେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ମୁଖ୍ୟବକ୍ତା ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ରାଉଳ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାସଶର୍ମା, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ହୃଷୀକେଶ ମିଶ୍ର, ପୂର୍ବତନ ସରପଞ୍ଚ ବିଜୟ ବିଶ୍ୱାଳ, ଶରତ ଚନ୍ଦ୍ର ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ଓ ପ୍ରଧାନଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ 'କୈଶୋରିକା' ମୁଖପତ୍ର ଉନ୍ମୋଚିତ ହୋଇଥିଲା। ପରେ ବହୁ ପ୍ରତିଭାଧାରୀ ବ୍ୟକ୍ତି, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୨ୟ ଅଧିବେଶନରେ ଅତିଥି ଭାବେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ପ୍ରଫୁଲ୍ଲ କୁମାର ସାହୁ, ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ.ମନ୍ମଥ କୁମାର ରାଉଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ ଓ ସାମାଜିକ କର୍ମୀ ଲମ୍ବୋଦର ଶଂଖୁଆ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତାଲିମ ଶିକ୍ଷଣ ଉପକରଣ କର୍ମଶାଳା



କର୍ମଶାଳାରେ ଶିକ୍ଷକମାନେ ତାଲିମ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ବାସୁଦେବପୁର,୨୨।୧(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ପାଟଣା ମିଶ୍ରପୁର ଗୋଷ୍ଠୀ ସାଧନ କେନ୍ଦ୍ରସ୍ତରୀୟ ତାଲିମ ଶିକ୍ଷଣ ଉପକରଣ କର୍ମଶାଳା ଗୁରୁବାର ମିଶ୍ରପୁର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ତାଲିମଦାତା ଭାବେ ମନ୍ମଥ କୁମାର ଅଗସ୍ତି ଓ ଲକ୍ଷ୍ମୀଧର ବେହେରା ଯୋଗ ଦେଇଥିଲେ। ଗୋଷ୍ଠୀ ସାଧନକେନ୍ଦ୍ର ଅଧୀନ ୧୦ ବିଦ୍ୟାଳୟର ୧୫ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ କର୍ମଶାଳାରେ ଯୋଗଦେଇ ଶିକ୍ଷଣ ଉପକରଣ ପ୍ରସ୍ତୁତ କରିଥିଲେ। ସିଆର୍‌ସିସି ସନ୍ତୋଷ କୁମାର ପତି କମ୍ ଖର୍ଚ୍ଚରେ ଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ ବୋଲି ସୂଚନା ଦେଇଥିଲେ। ମିଶ୍ରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ଅଗସ୍ତି କର୍ମଶାଳାକୁ ପରିଚାଳନା କରିଥିଲେ।

# ଜାତୀୟ ଭୋଟର ଦିବସ

ଚାନ୍ଦବାଲି,୨୨।୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ଲୋକତାନ୍ତ୍ରିକ ବ୍ୟବସ୍ଥାରେ ଭୋଟର ମହତ୍ତ୍ୱ, ମତଦାନର ଦାୟିତ୍ୱ ଓ ସଚେତନ ଭୋଟର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ କର୍ମଚାରୀ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର 'ମୋ ଭୋଟ, ମୋ ପରିଚୟ' ଶୀର୍ଷକ ନେଇ ଶପଥପାଠ କରିଥିଲେ। ଯୁବପିଢ଼ିଙ୍କୁ ସଚେତନ ଓ ଦାୟିତ୍ୱଶୀଳ ଭୋଟର ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଏବିଡିଓ ଲକ୍ଷ୍ମୀକାନ୍ତ ମହାରଣା, ବ୍ଲକ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ, ଦେଶବନ୍ଧୁ ନାୟକ, କ୍ୟାସିୟର ଦେବାଶିଷ ଦାସ, ଜିପିଡିଓ କମଳାକାନ୍ତ କର, ରାଜକିଶୋର ଦାସ, ଏଇ ଅମିୟ କୁମାର ପଲାଇ, ଯନ୍ତ୍ରୀ ଆଶାଶ୍ରୀ ସାହୁ, ଅଜୟ ମୁର୍ମୁ, ଅଭୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମାଛ ମାର୍କେଟର ଶିଳାନ୍ୟାସ, ମିଶନ ଶକ୍ତି ଗୃହ ଉଦ୍‌ଘାଟନକଲେ ମନ୍ତ୍ରୀ

ତିହିଡ଼ି,୨୨।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତର ନନ୍ଦପୁର ବଜାରରେ ଗୁରୁବାର ସନ୍ଧ୍ୟାରେ ମାଛ ମାର୍କେଟ୍‌ର ଶିଳାନ୍ୟାସ ଓ ନନ୍ଦପୁର ଗ୍ରାମ ରାସ୍ତାପାର୍ଶ୍ୱରେ ନିର୍ମିତ ମିଶନ ଶକ୍ତିଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ପଞ୍ଚାୟତ ସମିତି ଅନୁଦାନରେ ୧୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ମାଛ ମାର୍କେଟର ଶିଳାନ୍ୟାସ, ପରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନଶକ୍ତି ଗୃହ ଉଦ୍‌ଘାଟନ କରାଯାଇଥିଲା। ବିଡିଓ ନିରଞ୍ଜନ ବାରିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ କିଶୋର ପଣ୍ଡା ଉପସ୍ଥିତ ଥିଲେ।

ଭାଜପାର ଯୁବନେତା ସୂର୍ଯ୍ୟନାରାୟଣ ଭୋଇଙ୍କ ଆୟୋଜନରେ ଅନୁଷ୍ଠିତ ଉତ୍ସବରେ ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମାଧବୀଲତା ଭୋଇ, ସରପଞ୍ଚ ପ୍ରେମଲତା ବିଶ୍ୱାଳ, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ବରିଷ୍ଠ ନେତା ରଘୁନାଥ ପାତ୍ର, ଶୁକଦେବ ମଲିକ, ଦେବେନ୍ଦ୍ର ପୁହାଣ, ନିକୁଞ୍ଜ କୃଷ୍ଣ ପୁହାଣ, ଶରତ ଦାସ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ। ଦାରୁବ୍ରହ୍ମ ମହିଳା ମହାସଂଘ ସଭାନେତ୍ରୀ ଜୟଶ୍ରୀ ପୁହାଣ, ସମ୍ପାଦିକା ସସ୍ମିତା ରାଉତ, ଏମ୍‌ବିକେ ମିନତି ନାଥ, ସୀତାରାଣୀ ସାହୁ, ମଞ୍ଜୁଲତା ସେଠୀ, ସୟଦ ଅଜମେର, ସୟଦ ଅନୱାର ପ୍ରମୁଖ ସହଯୋଗ କରିଥିଲେ। ଭାଜପା ପକ୍ଷରୁ ଶକ୍ତି ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା।


ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଆଜିଠୁ ଭଣ୍ଡାରିପୋଖରୀ ମହୋତ୍ସବ

ଭଣ୍ଡାରିପୋଖରୀ,୨୨।୧(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକର ଚନ୍ଦ୍ରଭାନୁପୁର ମହାଦେବ ପଡ଼ିଆରେ ଶୁକ୍ରବାରଠାରୁ ଭଣ୍ଡାରିପୋଖରୀ ମହୋତ୍ସବ ଆରମ୍ଭ ହେବ। ମହୋତ୍ସବ କମିଟି ପକ୍ଷରୁ ଗୁରୁବାର ଅପରାହ୍ନରେ ଚନ୍ଦ୍ରଭାନୁପୁର ମହାଦେବ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମହୋତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାହିତ୍ୟ ସଂସଦ କାର୍ଯ୍ୟକ୍ରମ ରହିଛି। ଏଥିସହ କୁନି କୁନି ପିଲାଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରାଯାଇଥିବା ସମ୍ପାଦକ ଗୋଲକ ଚନ୍ଦ୍ର ବେହେରା କହିଥିଲେ। ୫୦ରୁ ୮୦ଟି ଷ୍ଟଲ୍ ପଡ଼ିବ ବୋଲି କମିଟି ପକ୍ଷରୁ ଜଣାଯାଇଛି। କାର୍ଯ୍ୟକାରୀ ସଭାପତି ଲଳିତ କୁମାର ରାଉତ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାଶ, ରଜନୀକାନ୍ତ ଚାନ୍ଦ, ସତ୍ୟାନନ୍ଦ ମହାପାତ୍ର, ପବନ କୁମାର ନାୟକ, ବିଜୟ ଶଙ୍କର ମହାନ୍ତି, ଜ୍ୟୋତିପ୍ରକାଶ ନାୟକ, ପ୍ରଶାନ୍ତ ସାହୁ, ସନ୍ତୋଷ ଦାଶ, ରାଜେନ୍ଦ୍ର ଖଣ୍ଡାଇଙ୍କ ସମେତ ଅନ୍ୟ ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମନ୍ଦିରରୁ ଚୋରି

ଉଦଳା,୨୨।୧
(ସନ୍ତୋଷ କୁମାର ବାଞ୍ଛିନୀ)

ଏବେ ଲୁଟେରାଙ୍କ ଟାର୍ଗେଟରେ ମନ୍ଦିର। ଲୁଟେରାମାନେ ମନ୍ଦିରରେ ପଶି ମା'ଙ୍କ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏଭଳି ଘଟଣା ଘଟିଛି ଉଦଳା ଥାନା ତଥା ଏନ୍‌ଏସି ଅଧୀନ ୩ନଂ. ୱାର୍ଡରେ। ଏହି ୱାର୍ଡରେ ଥିବା ମା' ଭୈରବୀ ଦୁର୍ଗା ମନ୍ଦିରରେ ଗୁରୁବାର ସକାଳେ ମନ୍ଦିର ପୂଜକ ଆସି ପହଞ୍ଚିବା ପରେ ମନ୍ଦିର ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଯାହା ପରେ ମନ୍ଦିରରେ ମା'ଙ୍କ ସୁନା ହାର, ରୁପା ହାର,ଦୁଇଟି ଚିତା ସହିତ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ଉଦଳା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମନ୍ଦିରରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ତଦନ୍ତ ତ୍ୱରାନ୍ୱିତ କରିଛି।

# ସଙ୍ଗଠନ ସଜାଡ଼ିଲେଣି ଆଶାୟୀ

## ନୂଆ ଏନ୍‌ଏସିରେ ସମ୍ଭାବ୍ୟ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ୬ ନୂଆ ଏନ୍‌ଏସିରେ ସମ୍ଭାବ୍ୟ ଆଗୁଆ ନିର୍ବାଚନକୁ ନେଇ ରାଜନୀତି ଚଳଚଞ୍ଚଳ ହେବାରେ ଲାଗିଛି। ନବଗଠିତ ଏନ୍‌ଏସିରେ କାଉନସିଲର ଓ ଚେୟାରମ୍ୟାନ ପଦବୀ ପାଇଁ ଆଶାୟୀ ସଙ୍ଗଠନ ସଜାଡ଼ିବାରେ ଲାଗି ପଡ଼ିଥିବା ଦେଖିବାକୁ ମିଳିଲାଣି। ଏହି ଏନ୍‌ଏସିଗୁଡ଼ିକର ସୀମା ନିର୍ଦ୍ଧାରଣ ସହ ଭୋଟର ତାଲିକା ଚୂଡାନ୍ତ ହୋଇପାରି ନ ଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚୂଡାନ୍ତ ଡ୍ରାଫ୍ଟ ନୋଟିସ୍ ମଧ୍ୟ ପ୍ରକାଶ ପାଇନାହିଁ। ତେବେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସାରିବା ପାଇଁ ବିଭାଗୀୟ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଅପର ପକ୍ଷରେ ମାର୍ଚ୍ଚ ସୁଦ୍ଧା ସମସ୍ତ ନୂତନ ଏନ୍‌ଏସିଗୁଡ଼ିକର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ଆସନ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସ୍ତୁତ ହେବା ସହ ଉକ୍ତ ଏନ୍‌ଏସିଗୁଡ଼ିକରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହେବ ବୋଲି ଜଣାପଡିଛି।

ରାଜ୍ୟରେ ନୂତନ ଭାବେ ୨୮ଟି ଏନ୍‌ଏସି ମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ବେତନଟୀ, ଚିତ୍ରଡ଼ା, ରାସଗୋବିନ୍ଦପୁର, ବାଙ୍ଗିରିପୋଷି, ଯଶୀପୁର ଓ କପ୍ତିପଦାକୁ ମିଶାଇ ୬ଟି ଏନ୍‌ଏସି ଘୋଷଣା ହୋଇଛି। ଏହି ଏନ୍‌ଏସି ଗଠନରେ ପଞ୍ଚାୟତ, ୱାର୍ଡର ଗ୍ରାମ ସୀମା ଓ ଲୋକ ସଂଖ୍ୟା ପ୍ରସ୍ତୁତ ହୋଇଛି। ନୂତନ ଏନ୍‌ଏସିର ଜନସଂଖ୍ୟା ଓ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୱାର୍ଡ ଗଠନ ହେବ। ନିୟମ ଅନୁସାରେ ସର୍ବନିମ୍ନ ୧୧ରୁ ସର୍ବୋଚ୍ଚ ୧୪ଟି ୱାର୍ଡ ଗୋଟିଏ ଏନ୍‌ଏସି ମଧ୍ୟରେ ରହିବ ବୋଲି ଜିଲା ନଗର ଉନ୍ନୟନ ଏଜେନ୍ସି(ଡୁଡା)ର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି। ତଦନୁସାରେ ଜିଲାର ନବଗଠିତ ଏନ୍‌ଏସି ଯଶୀପୁରର ଜନସଂଖ୍ୟା ୨୦,୯୬୧ ବେତନଟୀର ୨୦,୦୭୧ ଓ କପ୍ତିପଦାର ୧୯,୫୩୨ ଥିବାରୁ ସର୍ବୋଚ୍ଚ ୧୪ଟି ଲେଖାଏ ୱାର୍ଡ ଗଠନ ହେବ ବୋଲି ଜଣାପଡ଼ିଛି। ସେହିପରି ରାସଗୋବିନ୍ଦପୁର ଜନସଂଖ୍ୟା ୧୨,୦୮୧, ବାଙ୍ଗିରିପୋଷିର ୧୦,୧୮୪ ଓ ଚିତ୍ରଡ଼ାର ୧୦,୦୫୨ ଥିବାରୁ ୱାର୍ଡ ସଂଖ୍ୟା ୧୧ରୁ ୧୨ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି। ୱାର୍ଡ ଗଠନ ପରେ ସଂରକ୍ଷଣ ବ୍ୟବସ୍ଥା ସମ୍ପନ୍ନ ନିୟମାନୁସାରେ କରାଯିବ। ତେବେ ୨୦୨୭ରେ ସାଧାରଣ ପୌର ପରିଷଦ ନିର୍ବାଚନ ଥିବାରୁ ଉପରୋକ୍ତ ଏନ୍‌ଏସିଗୁଡ଼ିକରେ ଯଦି ନିର୍ବାଚନ ଅନୁଷ୍ଠିତ ହୁଏ ତେବେ ନିର୍ବାଚିତ ପରିଷଦ କିଛି ମାସ ପାଇଁ କାର୍ଯ୍ୟକରିବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ନବଗଠିତ ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ସମ୍ପୃକ୍ତ ବ୍ଲକର ବିଡିଓ ଅତିରିକ୍ତ ଦାୟିତ୍ୱରେ ରହିଥିବା ବେଳେ ପରିଷଦର ମୁଖ୍ୟ ଭାବେ ଅତିରିକ୍ତ ଜିଲାପାଳ ତଥା ଉପଜିଲାପାଳ ରହିଛନ୍ତି।

# ସରିଲା ଖୁଣ୍ଟାପୁର ମକର ମହୋତ୍ସବ



ମକର ମହୋତ୍ସବରେ ଯଜ୍ଞ ପାଇଁ ଘଟୋତ୍ତଳନ ଶୋଭାଯାତ୍ରା।

ବୈଶିଙ୍ଗା,୨୨।୧(ରତନ ଦାଶ)

ବୈଶିଙ୍ଗା ଉପକଣ୍ଠ ଖୁଣ୍ଟାପୁରସ୍ଥିତ ହାଇସ୍କୁଲ ପଡ଼ିଆରେ ଗତ ମକର ସଂକ୍ରାନ୍ତିଠାରୁ ଚାଲିଥିବା ମକର ମହୋତ୍ସବ ଉଦ୍‌ଯାପିତ ହୋଇଛି। ପ୍ରବୀଣ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞ ଆରମ୍ଭ ହୋଇଥିଲା। ଏଥିପାଇଁ ଖୁଣ୍ଟାପୁର ବଡ଼ ପୋଖରୀରୁ ଶତାଧିକ ଶ୍ରଦ୍ଧାଳୁ ଘଟୋତ୍ତଳନ କରି ବିରାଟ ଶୋଭାଯାତ୍ରାରେ ମହୋତ୍ସବସ୍ଥଳିକୁ ଆଣିଥିଲେ। ଯଜ୍ଞାନୁଷ୍ଠାନ ସହିତ ନାମ ସଂକୀର୍ତ୍ତନ ପରେ ଦିବସ ବ୍ୟାପି ରାମଚରିତ ମାନସ ପାରାୟଣ ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଥିଲା। ୨୨ ତାରିଖରେ ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୁରୀରୁ ଆଗତ ଶ୍ରୀ ଶ୍ରୀ ପରଂବ୍ରହ୍ମ ଦାସ ମହାରାଜ ଦୈନିକ ସକାଳ ୭ଟାରୁ ଅପରାହ୍ନ ପର୍ଯ୍ୟନ୍ତ ରାମ ଚରିତ ମାନସ ପାରାୟଣ କରିବା ସହିତ ସନ୍ଧ୍ୟାରେ କଥାବ୍ୟାସ ଶ୍ରୀ ଶ୍ରୀ ବିଜୟ ରାଘବେନ୍ଦ୍ର ଦାସ ମହାରାଜ ପ୍ରବଚନ ମାଧ୍ୟମରେ ଜୀବ ମୁକ୍ତି ପାଇଁ ଧର୍ମଶାସ୍ତ୍ର ଅନୁମୋଦିତ ବ୍ୟାଖ୍ୟା ଭକ୍ତ ବୃନ୍ଦଙ୍କୁ ଆମୋଦିତ କରିଥିଲା। ଏଥିପାଇଁ ଦୈନିକ ଶତାଧିକ ଶ୍ରଦ୍ଧାଳୁ ଏହି ଜ୍ଞାନ ଯଜ୍ଞରେ ଯୋଗଦେଇ ନିଜର ମାନସିକ ସ୍ତରକୁ ଶୁଦ୍ଧ କରିବା ସହିତ ଅନ୍ନ ଯଜ୍ଞରେ ସାମିଲ ହୋଇଥିବାର ଦେଖାଯାଇଥିଲେ।

# ଦୁର୍ଘଟଣାରେ ପେଟ୍ରୋଲ ପମ୍ପ ମାଲିକ ମୃତ

ଗୋପବନ୍ଧୁ ନଗର,୨୨।୧
(ଶାନ୍ତନୁ କୁମାର ମଡୁଆଲ)

ଉଦଳା-ବୈଶିଙ୍ଗା ରାସ୍ତାର କୁଶଳଦା ପୁରୁଣା ପଞ୍ଚାୟତ ଅଫିସ ନିକଟରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ବୈଶିଙ୍ଗା ଥାନା ଅଧୀନ ବାଲକା ଗ୍ରାମର ସ୍ୱାଧୀନ ବେହେରା (୨୫) ମଧ୍ୟାହ୍ନରେ ବାଇକ୍ ଯୋଗେ ସୀମିଳାବନ୍ଧସ୍ଥିତ ତାଙ୍କ ପେଟ୍ରୋଲ ପମ୍ପକୁ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲେ। ଫଳରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଉଭୟଙ୍କୁ ଖୁଣ୍ଟା ଡାକ୍ତରଖାନା ନିଆ ଯାଇଥିଲା। ପରେ ସ୍ୱାଧୀନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ଓ ସେଠାରୁ ପୁଣି ଭୁବନେଶ୍ୱର ନିଆ ଯାଉଥିବା ବେଳେ କଟକ ନିକଟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ କୁଶଳଦା ଫାଣ୍ଡି ପୋଲିସ ଜବତ କରିଛି।

# ବନାଗ୍ନି ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

ମୋରଡ଼ା,୨୨।୧(ସ୍ମାରକ ମାଝୀ)

ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆକସ୍ମିକ ନିଆଁ ନିୟନ୍ତ୍ରଣକୁ ନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛି ବନ ବିଭାଗ। ଏଥିପାଇଁ ନିୟୋଜିତ କର୍ମଚାରୀଙ୍କ ପାଇଁ ମୋରଡ଼ାସ୍ଥିତ ରାସଗୋବିନ୍ଦପୁର ରେଞ୍ଜ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଅଗ୍ନିଶମ ବିଭାଗ ଅଧିକାରୀ ଉମାକାନ୍ତ ଦାସ, ରାସଗୋବିନ୍ଦପୁର ପୋଲିସ ଅଧିକାରୀ , ମୋରଡା ସରପଞ୍ଚ ରବି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଜଙ୍ଗଲରେ ଥିବା ମହୁଲ ଗଛରୁ ମହୁଲ ସଂଗ୍ରହ ପାଇଁ ଲୋକେ ଗଛ ମୂଳରେ ନିଆଁ ଲଗାଇବାରୁ ନିବୃତ୍ତ ରହିବା ପାଇଁ ସଚେତନ କରିବା, ନିଆଁ ଲିଭାଇବା ସମୟରେ କେହି ଆହତ ହେଲେ କିପରି ଉଦ୍ଧାର କରିବା ଭଳି ମକଡ୍ରିଲ କରାଯାଇଥିଲା। ଡିଏଫ୍‌ଓ ବିଶ୍ୱାଳ କହିଛନ୍ତି ଯେ, ପ୍ରତ୍ୟେକ ଗାଁରେ ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରିବା ସହ ମହୁଲ ଫଳ ସଂଗ୍ରହ କରିବା ପୂର୍ବରୁ ମେଶିନ ସାହାଯ୍ୟରେ ଗଛ ମୂଳକୁ ବନ ବିଭାଗ ସଫା କରିବା ପାଇଁ ପଦକ୍ଷେପ ନିଆଯାଉଛି। ରେଞ୍ଜର ଘନଶ୍ୟାମ ସିଂଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ ଶିବିରରେ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ।

# ସରପଞ୍ଚଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବୈଶିଙ୍ଗା,୨୨।୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ସରପଞ୍ଚଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଉତ୍ପାତ କରୁଥିବା ଖବର ପାଇ ଗ୍ରାମବାସୀଙ୍କ ସହ ତାହାକୁ ତଡ଼ିବା ପାଇଁ ସରପଞ୍ଚ ମମତା ନାୟକଙ୍କ ସ୍ୱାମୀ ସଞ୍ଜୟ ଜେନା ଯାଇଥିଲେ। ମମତା ମଧ୍ୟ ଗାଁ ଭିତରକୁ ବୁଲିବାକୁ ଯାଇଥିଲେ। ଏହି ସୁଯୋଗରେ ସରପଞ୍ଚଙ୍କ ବେଲାଣପୁରାସ୍ଥିତ ଘର ତାଲା ଭାଙ୍ଗିବା ସହ ଶୋଇବା ଘରେ ଥିବା ଲୁହା ଆଲମିରା ଚାବି ଭାଙ୍ଗି ଦୁର୍ବୃତ୍ତ ସୁନା, ରୁପା ଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୧/୨୬) ରୁଜୁ କରିଛି। ଏଏସ୍‌ଆଇ ସପନ କୁମାର ବିଶ୍ୱାଳଙ୍କ ଘଟଣାର ତଦନ୍ତ କରୁଛନ୍ତି।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ପାଠ

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୬ତମ ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସୁଦୃଢ଼ ଗଣତନ୍ତ୍ର ରାଷ୍ଟ୍ର ପାଇଁ ମତଦାତାଙ୍କ ମତଦାନର ମହତ୍ତ୍ୱ ଓ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ଗୋପବନ୍ଧୁ ନଗର,୨୨।୧
(ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ପରିସର ନୂତନ ସଭା ଗୃହରେ ଗୁରୁବାର ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ବିଡିଓ ପୃଥ୍ୱିରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ, ମୁଖ୍ୟ ବକ୍ତାଭାବେ ଖୁଣ୍ଟା ଡିଗ୍ରୀ କଲେଜ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡ.ସ୍ନେହାଶିଷ ସେଠୀ, ଏବିଡିଓ ବିଘ୍ନେଶ ବେହେରା, ଜିଲା ପରିଷଦ ସଭ୍ୟା ଉର୍ମିଳା ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆରମ୍ଭରେ ସାମୁହିକ ବନ୍ଦେ ମାତରମ୍ ଗାନ କରାଯାଇଥିଲା। ଆତ୍ମନିର୍ଭର ଭାରତ ଗଠନ କରିବା ପାଇଁ ପ୍ରସ୍ତୁତି ହୋଇଥିବା ସ୍ୱଦେଶୀ ସଂକଳ୍ପ ପତ୍ର ଶପଥ ପାଠ କରାଇଥିଲା। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ପାଢ଼ୀ ସହଯୋଗ କରିଥିଲେ। ଏଥି ପୂର୍ବରୁ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ବିକେ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ



ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ପାଳିତ ହୋଇଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କନ୍ୟା ଓ ପୁତ୍ର ସନ୍ତାନ ମଧ୍ୟରେ ଲିଙ୍ଗଗତ ବୈଷମ୍ୟମତା ନ ରଖି ପରିବାରରେ ଉଭୟଙ୍କୁ ସମାନ ଅଧିକାର ଦେଲେ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ହେବ ବୋଲି ମୁଖ୍ୟ ଅତିଥି ନାଏକ କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ମତଦାତା ଦିବସ-୨୦୨୬, ଜାତୀୟ କନ୍ୟା ସନ୍ତାନ ଦିବସ-୨୦୨୬ ଓ କୁଷ୍ଠ ରୋଗ ନିରାକରଣ ଅଭିଯାନ ପକ୍ଷ ପାଳନ ସମ୍ବନ୍ଧିତ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ , ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡ଼ି କର୍ମୀ, କିଶୋରୀ,କିଶୋର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟସ୍ତରରେ ହୋଇଥିବା ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲାସ୍ତରରେ କ୍ରୀଡା, କଳା ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ତିନି ଜଣ ପ୍ରତିଭାବାନ କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ାରେ ନମିତା ହେମ୍ବ୍ରମ, କଳାରେ ଗୁରୁବାରି ମୁର୍ମୁ, ଶିକ୍ଷାରେ ଭୂମିକା ପ୍ରିୟଦର୍ଶନୀ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ସଂଯୋଜନା କରିଥିବା ବେଳେ ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଚାଲାଣ, ତଦନ୍ତ କଲା ପ୍ରଶାସନ

ମୋରଡ଼ା/ରାସଗୋବିନ୍ଦପୁର,୨୨।୧
(ସ୍ମାରକ ମାଝୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ତହସିଲ ଅଧୀନ ଟିକାୟତପୁର ଗ୍ରାମରେ ଥିବା ଜଣେ ବ୍ୟକ୍ତିଙ୍କ ଜମିରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଗ୍ରାମବାସୀ ଜିଲାପାଳ, ଏସ୍‌ପି, ମାଇନିଂ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଗୁରୁବାର ବାଲି ଚୋରି ହେଉଥିବା ସ୍ଥାନରେ ଅତିରିକ୍ତ ଏସ୍‌ପି ଦୀପକ ବାରିକ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ,ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଗୋଟିଏ ପ୍ଲଟରୁ ବାଲି ଉତ୍ତୋଳନ ହୋଇଥିବା ସୂଚନା ମିଳିଛି।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର




ଶିବିରରେ ଉପସ୍ଥିତ ଅତିଥି ଓ ଛାତ୍ରୀମାନେ।

ବଡ଼ସାହି,୨୨।୧ (ସସ୍ମିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଠ ଦିନ ଧରି +୩ ପ୍ରଥମ ବର୍ଷର ୮୬ ଜଣ ଛାତ୍ରୀଙ୍କୁ ନେଇ ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ଶିବିର ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ଜୀବନ କୁମାର ପଣ୍ଡିତ ଉପସ୍ଥିତ ରହି ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଟ୍ରେନର ରଞ୍ଜିତା ସିଂ ଛାତ୍ରୀଙ୍କୁ କୌଶଳ ଶିଖାଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶିଶୁ କନ୍ୟା ଉଦ୍ଧାର

ମୋରଡ଼ା,୨୨।୧(ସ୍ମାରକ ମାଝୀ)

୨୭ ଦିନର ଏକ ନବଜାତ ଶିଶୁ କନ୍ୟାଙ୍କୁ ଗୁରୁବାର ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକ ଅଞ୍ଚଳର ଏକ ଦମ୍ପତି ନବଜାତ ଶିଶୁକନ୍ୟାଙ୍କୁ ନିଜ ଘରକୁ ଆଣି ଲାଳନପାଳନ କରୁଥିବାର ଅଭିଯୋଗ ହୋଇଥିଲା। ସିଡିପିଓ ଦଣ୍ଡପାଟ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଥାନା ଏସ୍‌ଆଇ ନିବେଦିତା ନାୟକଙ୍କ ସହିତ ସଦଳବଳେ ଯାଇ ଶିଶୁ କନ୍ୟାକୁ ରଖିଥିବା ଦମ୍ପତିଙ୍କୁ ବୁଝାଶୁଝା କରିବା ପରେ ଶିଶୁକନ୍ୟାଟିକୁ ଉଦ୍ଧାର କରି ବାରିପଦାସ୍ଥିତ ସିଡ଼ବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ଜାତୀୟ ମତଦାତା ଦିବସ

ଗୋପବନ୍ଧୁ ନଗର, ୨୨।୧ (ଶାନ୍ତନୁ କୁମାର ମଡୁଆଲ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟପକ ପ୍ରଭାତ କୁମାର ସେନାପତି, ଅବନୀ କୁମାର ମହାନ୍ତି, ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ, ଇଏଲସି ଅଧିକାରୀ ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇ ମତଦାନ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ଏନଏସଏସ ଅଧିକାରୀ ଗୋପୀନାଥ ପଣ୍ଡା, ଯୁବ ରେଡକ୍ରସ ବିଭାଗ ଅଧିକାରୀ ବିଶ୍ୱନାଥ ବେହେରା ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା,୨୨।୧(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା, ମୁଖ୍ୟ ବକ୍ତା ବରିଷ୍ଠ ଖବରଦାତା ରଣଜିତ ସାହୁ, ସ୍ୱତନ୍ତ୍ର ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମାଗାଜିନ 'ନବ ପଲ୍ଲବ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଧଳ, ହୃଷିକେଶ ପାତ୍ର, ସରୋଜ କୁମାର ବେହେରା, ପ୍ରଭାତ କୁମାର ସାହୁ, ହେମନ୍ତ କୁମାର ମହାନ୍ତ, ଦେବାଶିଷ ମହାନ୍ତ, ରାଜାରଞ୍ଜିତ ପାତ୍ର, ଅବନୀ ଶଙ୍କର ମହାନ୍ତ, ଦେବାଶିଷ ମହାନ୍ତ, ବୈଦ୍ୟନାଥ ମହାନ୍ତ, କରୁଣାକର ମହାନ୍ତ, ନରୋତ୍ତମ ମୁର୍ମୁ, ଅବିନାଶ କୁମାର ମହାନ୍ତ, ବାରମାଇଲ ସିଆର୍‌ସିସି ସଦାଶିବ ସାହୁ ଶିକ୍ଷୟିତ୍ରୀ ଗୀତାରାଣୀ ମାଝୀ, କୁଇଲୀ ସୋରେନ , ସୁଲଗ୍ନା ମହାନ୍ତ, ଅସୀମା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

# ଜମି ପ୍ରଦାନକୁ ନେଇ ଏନ୍‌ଜିଟିରେ ରାୟ ସଂରକ୍ଷିତ

## ଶିମିଳିପାଳ ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ପଞ୍ଚତାରକା ହୋଟେଲ ନିର୍ମାଣ

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଷି ଅଞ୍ଚଳରେ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପ୍ରଦାନ କରିବାକୁ ଥିବା ୧୦୦ ଏକର ଜମିକୁ ନେଇ ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ଶୁଣାଣି ହୋଇଛି। ଜୁଡିସିଆଲ ମେମ୍ବର ଜଜ୍ ଅଶୋକ ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମ୍ମଦ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଏବଂ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି ବୋଲି ଅଭିଯୋଗକାରୀଙ୍କ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ପଞ୍ଚତାରକା ସୋନାର ବାଙ୍ଗଲା ହୋଟେଲ ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ. ୧୨୩, ପ୍ଲଟ ନଂ. ୧୩୮ରୁ ୯୩.୨୮୦ ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ହୋଟେଲ ନିର୍ମାଣ ହେଲେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନ୍‌ସିଟିଭ୍ ଜୋନ୍‌ର କ୍ଷତି ପହଞ୍ଚିବା ଆଶଙ୍କା କରି ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା । ଏନେଇ ପରିବେଶବିତ୍ ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନ୍‌ଜିଟିରେ ଏକ ମାମଲା କେସ ନଂ. ୧୨୭/୨୦୨୫/ଇଜେଡ୍‌ରେ ରୁଜୁ ହୋଇଥିଲା। ଆବେଦନକାରୀ ଜଙ୍ଗଲଜମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଦାବି କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନସିଟିଭ ଜୋନ ଅଧୀନରେ ଆସୁଥିବା ବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ରହୁଥିବା ଦର୍ଶାଇଥିଲେ । ଏପରିକି ସରକାରୀ ଦସ୍ତାବିଜ୍ ଓ ବନ ବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନ୍‌ସିଟିଭ୍ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ। ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ମାମଲାର ରାୟକୁ ସଂରକ୍ଷିତ ରଖିଛନ୍ତି।

# ଦାରୁଦିଅଁ, କଳାଧଳା ପୁସ୍ତକ ପ୍ରତି ପାଠକଙ୍କ ଆଗ୍ରହ



ଭଦ୍ରକ ଜିଲା ମହୋତ୍ସବରେ ଧରିତ୍ରୀ ଷ୍ଟଲ୍‌ରେ ପାଠକ।

**ଭଦ୍ରକ,୨୨।୧(ସନାତନ ରାଉତ)**

ଭଦ୍ରକ ସହର ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାରେ ଧରିତ୍ରୀ ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ଧରିତ୍ରୀ ପକ୍ଷରୁ ପ୍ରକାଶିତ ବିଭିନ୍ନ ପୁସ୍ତକ ଷ୍ଟଲ୍‌ରେ ବିକ୍ରି କରାଯାଉଥିବା ବେଳେ ନବକଳେବର ସମ୍ପର୍କିତ 'ଦାରୁଦିଅଁ' ଓ ନୋଟ୍‌ବନ୍ଦୀ ସମ୍ପର୍କିତ 'କଳାଧଳା' ପୁସ୍ତକ ପ୍ରତି ପାଠକଙ୍କ ଆଗ୍ରହ ବଢ଼ୁଛି। ଏହାସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କ ଦ୍ୱାରା ଲିଖିତ 'ଭିନ୍ନ ସ୍ୱର' ମଧ୍ୟ ପାଠକାଦୃତ ହୋଇଛି। ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ଛାତ୍ରୀଛାତ୍ର ଷ୍ଟଲ୍ ପରିଦର୍ଶନ କରିବା ସହ ମନପସନ୍ଦର ବହି କିଣୁଛନ୍ତି। ଷ୍ଟଲ୍ ସମ୍ବନ୍ଧରେ ନିଜର ମତାମତ ପ୍ରଦାନ କରୁଛନ୍ତି। ପ୍ରଥମ ଥର ପାଇଁ ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାରେ ପୁସ୍ତକ ମେଳା ଆୟୋଜନ କରାଯାଇଛି। ୪୦ଟି ପୁସ୍ତକ ଷ୍ଟଲ୍ ଖୋଲାଯାଇଥିବା ବେଳେ ଏକମାତ୍ର ଖବର ପ୍ରକାଶନ ସଂସ୍ଥା ଧରିତ୍ରୀ ପକ୍ଷରୁ ଷ୍ଟଲ୍ ଖୋଲାଯାଇଥିବାରୁ ଜିଲାପାଳ ଦିଲୀପ ରାଉତରାଏ, ସ୍ତମ୍ଭକାର ଅଭୟ ସୂତାର, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଆଇନଜୀବୀ ଗଦାଧର ବଳ ପ୍ରମୁଖ ଧରିତ୍ରୀ ପକ୍ଷରୁ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରତିନିଧି ସନାତନ ରାଉତ, ପ୍ରସାରଣ ବିଭାଗର ଆଲୋକ ପ୍ରସାଦ କାନୁନଗୋ, ଖବରଦାତା ନାରାୟଣ ପ୍ରସାଦ ବାରିକ, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ଷ୍ଟଲ୍ ପରିଚାଳନା କରିଛନ୍ତି।

# ମତଦାନ ପ୍ରକ୍ରିୟାରେ ଅଧିକ ଯୋଗଦାନ ପାଇଁ ପରାମର୍ଶ

## ସରକାରୀ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ମତଦାତା ଦିବସ

କେନ୍ଦୁଝର,୨୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ୧୬ତମ ରାଷ୍ଟ୍ରୀୟ ମତଦାତା ଦିବସ ଗୁରୁବାର ପାଳନ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରି ଗଣତାନ୍ତ୍ରିକ ରାଷ୍ଟ୍ରର ପାରମ୍ପରିକ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ସହ ମତଦାନ ପ୍ରକ୍ରିୟାରେ ଅଧିକରୁ ଅଧିକ ଯୋଗ ଦେବାପାଇଁ ପରାମର୍ଶ ଦେଇଥିଲେ। ମତଦାତା ଦିବସର ଉଦ୍ଦେଶ୍ୟ, ଲକ୍ଷ୍ୟ, କାହିଁକି ଓ କେବେଠାରୁ ପାଳନ କରାଯାଉଛି, ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର୍ ଡ. ଚିତ୍ତରଞ୍ଜନ ସାହୁ, ରସାୟନ ବିଜ୍ଞାନ ମୁଖ୍ୟ ଡ. ବିଷ୍ଣୁ ଚରଣ ଦାସ, ଅର୍ଥନୀତି ବିଭାଗ ମୁଖ୍ୟ ଗୀତାଞ୍ଜଳି ନାୟକ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଦେବାନନ୍ଦ ମଲ୍ଲିକ ଓ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ ଓ କର୍ମଚାରୀ ଗଣ ନିଜର ମତଦାନ ଅଧିକାରକୁ ଠିକ୍ ଭାବେ ସାବ୍ୟସ୍ତ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ। ଶେଷରେ ସମସ୍ତେ ସରକାରଙ୍କ ପ୍ରଦତ୍ତ 'ମତଦାତାଙ୍କ ସଂକଳ୍ପ' ଅନୁଯାୟୀ ଶପଥ ଗ୍ରହଣ କରିଥିଲେ।

## ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଅଭିଯୋଗ

# ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କୁ ବାନ୍ଧି ନିସ୍ଥୁକ ମାଡ଼

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୨।୧**

ବ୍ୟାଙ୍କ ଜମାକାରୀଙ୍କ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ବାଲିଆପାଳ ଥାନା ଦେଉଳା ଗ୍ରାମର ରଞ୍ଜନ ରଣା (୩୫)ଙ୍କୁ ଗୁରୁବାର ଉତ୍ତ୍ୟକ୍ତ ଜମାକାରୀମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ଥୁକ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରଞ୍ଜନଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଜମାକାରୀମାନେ ଦେଉଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ବାଲିଆପାଳ-ଲଙ୍ଗଳେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ପୋଲିସ ଭ୍ୟାନ୍‌କୁ ଅଟକ ରଖି ପରିଚାଳକ ରଞ୍ଜନଙ୍କୁ ଘଟଣାସ୍ଥଳକୁ ଆଣିବା ପାଇଁ ଜିଦ୍ ଧରିଥିଲେ। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ସିଂଲା ଆଇଆଇସି ସୁଚନ୍ଦ୍ର ମହାଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଜମାକାରୀଙ୍କ ସହ ଆଲୋଚନା ଜାରି ରଖିଥିଲେ। ସନ୍ଧ୍ୟାରେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ୧ ପ୍ଲାଟୁନ ପୋଲିସଫୋର୍ସ ସହ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଉତ୍ତେଜନା ପ୍ରଶମିତ ନ ହେବାରୁ ପୋଲିସ ବାଧ୍ୟ ହୋଇ ଲାଠିଚାର୍ଜ କରିଥିଲା। ଏହାପରେ ପରିସ୍ଥିତି ସାମାନ୍ୟ ଶାନ୍ତ ପଡିବାରୁ ପୋଲିସ ବୁଝାଶୁଝା କରି ପରିସ୍ଥିତି ସ୍ୱାଭାବିକ କରିଥିଲା।



ପରିଚାଳକଙ୍କୁ ଖୁଣ୍ଟରେ ବନ୍ଧା ହୋଇଛି।

ଦେଉଳା ପଞ୍ଚାୟତ ଅଫିସ୍ ସମ୍ମୁଖରେ ରଞ୍ଜନ ରଣା ଏସ୍‌ବିଆଇ କିଓସ୍କ ଶାଖା ଖୋଲିଥିଲେ। ସେଠାରେ ଲୋକଙ୍କ ଅର୍ଥ ନେଣଦେଣ କାର୍ଯ୍ୟ କରିଆସୁଥିଲେ। ରେଳ ରାସ୍ତା ପାଇଁ ଜମି ହରାଇଥିବା ଆଦିବାସୀ ପରିବାରର ଫୁଲମଣି ସୋରେନ, ମାଳତୀ ମାରାଣ୍ଡି, ଗଣେଶ ଟୁଡୁ, ପ୍ରଶାନ୍ତ କିସ୍କୁ, ରାଣୀ ମାଝି, ଯୋଗେନ୍ଦ୍ର ହେମ୍ବ୍ରମ ଓ ରାମ ଟୁଡୁଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଖାତାରେ ସରକାର କ୍ଷତିପୂରଣ ବାବଦରେ ଟଙ୍କା ପୈଠ କରିଥିଲେ। ଏହି ଟଙ୍କାକୁ ପ୍ରଧାନମନ୍ତ୍ରୀ ପେନ୍‌ସନ ଯୋଜନାରେ ଆଦିବାସୀ ଲୋକ ରଖିଲେ ସେମାନଙ୍କୁ ମାସକୁ ୧ଲକ୍ଷ ଟଙ୍କାରେ ୨ହଜାର ଟଙ୍କାର ପେନସନ ମିଳିପାରିବ ବୋଲି ରଞ୍ଜନ ସେମାନଙ୍କୁ ବୁଝାଇଥିଲେ। ରଞ୍ଜନଙ୍କ କଥାରେ ସେମାନେ ରାଜି ହେବାରୁ ସେମାନଙ୍କ ଆକାଉଣ୍ଟରେ ଥିବା ଜମା ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ଏନ୍‌ଏଫ୍‌ଟି ମାଧ୍ୟମରେ ରଞ୍ଜନ ଟ୍ରାନ୍ସଫର କରାଇ ନେଇଥିଲେ। ଜମାକାରୀଙ୍କୁ ପ୍ରାୟ ୫/୬ ମାସ ଧରି ପେନ୍‌ସନ ଟଙ୍କା ଦେଇଥିଲେ। ପରେ ଜମାକାରୀଙ୍କୁ ଠିକ୍ ସମୟରେ ପେନ୍‌ସନ ନ ମିଳିବାରୁ ସେମାନେ ପଚାରିବାରୁ ରଞ୍ଜନ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ତେବେ ମୂଳ ଟଙ୍କା ଫେରି ନ ପାଇବା ଭୟରେ ମହିଳା ଓ ପୁରୁଷ ଜମାକାରୀ ୨୦୨୫ ଅକ୍ଟୋବର ୧୫ରେ ଉକ୍ତ କିଓସ୍କ ଶାଖାରେ ତାଲା ପକାଇବା ସହ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଆଇଆଇସି ଗୋବିନ୍ଦ ବେହେରା ୧୦ ଦିନ ମଧ୍ୟରେ ଅଭିଯୋଗର ସମାଧାନ କରିବେ ବୋଲି କହିଥିଲେ। ହେଲେ ଘଟଣାକୁ ୩ ମାସ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜମାକାରୀଙ୍କ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ପରିଚାଳକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

### ଆନ୍ଦୋଳନକାରୀ ଜମାକାରୀଙ୍କୁ ଲାଠିଚାର୍ଜ


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-APPROACH WARNING-537, ତା.17.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼୍ ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକ ଠାରେ ୱାୟରଲେସ୍ IOT ଭିତ୍ତିକ ଆଭିମୁଖ୍ୟ ସତର୍କୀକରଣ ପ୍ରଣାଳୀ (Approach warning system)ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,07,66,820/-, EMD (ଟଙ୍କାରେ) : 2,03,800/-।

ବିଡ୍ ଆରମ୍ଭ ହେବା ତାରିଖ : ତା.26.01.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼୍
PR-1038/Q/25-26



**GRIDCO LIMITED**
(A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
GRIDCO Empowering Odisha

**NOTICE INVITING TENDER FOR PURCHASE OF POWER**

CAD-3086 Tender No-CGP-01/2026-27

A tender notice is invited for procurement power of 300 MW RTC April-2026 to June-2026, 200 MW RTC July-2026 & 200 MW as and when required & available basis for the period from April-2026 to July-2026 and 200 MW Peak Power from April-2026 to June-2026 from Intra-state CGPs on Short Term Open Access Basis.

Interested bidders may please refer **www.gridco.co.in** for detailed terms and conditions.

OIPR: CHIEF GENERAL MANAGER (PP)



**NOTIFIED AREA COUNCIL, BUGUDA,GANJAM, ODISHA, PIN-761118**

Ph. : 06818-251135, E-Mail : bugudan.hud@nic.in, bugudanac@rediffmail.com

**NOTICE INVITING BIDS (NIB) THROUGH e-procurement**
**BID IDENTIFICATION NO. : BUGNAC-02/2025-26**
No.C-2164 **NIB No.104/BUGNAC, dtd.20.01.2026**

| Sl. No. | Particulars of the Information & Event | Important/Crtical Information Date & Time |
|---|---|---|
| (i) | Procurement Officer-Publisher/Officer Inviting the Tender/Bids (OIT) | Executive Officer, N.A.C. Buguda |
| (ii) | Bid Identification Number | BUGNAC-02/2025-26 |
| (iii) | Name and Estimated Cost of the Work for which On-Line Bidding is to be done | As mentioned in Annexure - 'A' for each Work |
| (iv) | Period of Availability of the Bid Documents / Tenders for On-Line Bidding | From 11.00 A.M. hrs of dtd.22.01.2026 to 17.00 P.M. hrs of dtd.05.02.2026 |
| (v) | Last Date & Time for Bidding On-Line (Submission of Technical Bids & Financial Bids)) | 17.00 P.M. hrs. of dtd.05.02.2026 |
| (vi) | Last Date & Time for Submission of the Sealed Envelopes through Speed Post/ Regd. Post/directlydrop down at NAC office Tender Box only containing the EMD, Cost of the Bid Documents, ABS (if reqd.) Documents as asked for to fulfill the Eligibility Criteria of the Bidders for each Work. | 17.00 P.M. hrs. of dtd.07.02.2026 |
| (vii) | Date & Time of Opening of the Bids | 11.00 A.M. hrs. Onwards on dtd.09.02.2026 |

N.B. : Further more details can be seen in the DTCN available in the e-Procurement Portal i.e. https://tendersodisha.gov.in

OIPR- Sd./- Executive Officer, N.A.C., Buguda, (Ganjam)



**GOVERNMENT OF JHARKHAND**
AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Short e-Tender Notice**

Tender Notice No:- ICDP/RANCHI/16/2025-26 DATE:- 21.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 500 MT Capacity Godown in Pacs Of District Giridih. | 09 | 7,18,48,500.00 | 10,000.00 | 7,18,500.00 | 12 Months |
| | (B) | Construction of 500 MT Capacity Godown in Lamps Of Districts Gumla, Simdega & Lohardaga. | 09 | 7,18,48,500.00 | 10,000.00 | 7,18,500.00 | |
| | (C) | Construction of 500 MT Capacity Godown in Lamps Of Districts East Sighbhum (Jamshedpur) And Saraikela-Kharsawan. | 10 | 7,98,31,560.00 | 10,000.00 | 7,98,400.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, Pasupalan-Sahkarita Bhawan Singh More, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 29.01.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/- State monitoring Officer, ICDP Cell, Ranchi
PR 371430 Co-opretive(25-26)D



**PANCHAYAT SAMITI, CHHENDIPADA**
CORRIGENDUM NOTICE OF IDENTIFICATION No:- CHHB- 02/2025-26
E-mail address : ori-chendipada@nic.in

The bid notification No. CHHB-02/25-26 of Block Office, Chhendipada published on 09.01.2026 is hereby rectified for Sl. 1 for class of Contractor as "B" & "C" in place of "C" & "D" and the cost of documents amount is rectified as Rs. 6,000.00 in place of Rs. 11,000.00. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e www.angul.odisha.gov.in.

Sd./- Block Development Officer, Chhendipada



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
BIDYUT NIYAMAK BHAWAN
PLOT NO.4, OERC ROAD, SHAILASHREE VIHAR,
BHUBANESWAR -751021, TEL. No. 2721048, 2721049
E-mail: oerc@odisha.gov.in, Website: www.orierc.org
Together, Let us light up our lives

**PUBLIC NOTICE**

No.: OERC. -11011(13)/1/2026-ENGG DIV-OERC/106
Dated:22.01.2026

The Commission, in exercise of the powers conferred under Section 181(3) of the Electricity Act, 2003 (36 of 2003), pre-publishes the draft Odisha Electricity Regulatory Commission (Grid Support Charges for Captive Generating Plants) Regulations,2026. The said draft Regulation is available on the Commission's website at **www.orierc.org.**

Interested persons may furnish their valuable views/suggestions to the undersigned on the draft Regulation by **23.02.2026.** After considering the views and suggestions from all the stakeholders, the Commission, in appropriate cases, may bring about modifications to the draft Regulation and finalize it for publication in the official Gazette.

By order of the Commission
Sd/-
SECRETARY



**ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। **କ୍ର.ସଂ., ବର୍ଗ, କାଟାଲଗ୍ ନଂ., ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଏବଂ ନିଲାମ ବନ୍ଦ ହେବା ସମୟ ନିମ୍ନ ଅନୁଯାୟୀ ଅଟେ: ୧. ପାର୍କିଂ,** ପାର୍କିଂ-ଆର୍‌ଟି-ଟିଏଟିଏ, ୨୯।୦୧।୨୦୨୬, ୧୧.୪୫ ଘଟିକା, ୧୨.୨୫ ଘଟିକା। **୨. ବିଜ୍ଞାପନ,** ଏଡିଭିଟି-ଓଏଚ୍-ସିକେପି-୨୬, ୨୯।୦୧।୨୦୨୬, ୧୨.୦୦ ଘଟିକା, ୧୩.୫୦ ଘଟିକା। **୩. ବିଜ୍ଞାପନ,** ଏଡିଭିଟି-ଓଏଚ୍-ଆର୍‌ଓୟୁ, ୩୦।୦୧।୨୦୨୬, ୧୨.୦୦ ଘଟିକା, ୧୪.୩୦ ଘଟିକା। **୪. ପାର୍ସଲ,** ପାର୍ସଲ-ସିକେପିଡିଆଇଭି-୨, ୩୦।୦୧।୨୦୨୬, ୧୨.୦୦ ଘଟିକା, ୧୩.୩୦ ଘଟିକା। **୫. ବିଜ୍ଞାପନ,** ଏଡିଭିଟି-ଭିଡବ୍ଲ୍ୟୁ-ଆର୍‌ଓୟୁ-୨ୟ, ୩୧।୦୧।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା। **୬. ବିଜ୍ଞାପନ,** ଏଡିଭିଟି-ଟିଏଟିଏ୨ଏନ୍‌ଡି-ଭିଡବ୍ଲ୍ୟୁ, ୦୨।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା। **୭. ପେ' ଆଣ୍ଡ ୟୁଜ୍,** ପିଏନ୍‌ୟୁ-ଟିଓଆଇ-ଟିଏଟିଏ-୨୬, ୦୪।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା। **୮. ବିଜ୍ଞାପନ,** ଏଡିଭିଟି-ଲୋକୋ-ଡବ୍ଲ୍ୟୁଏପି୭, ୦୫।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା। **୯. ପେ' ଆଣ୍ଡ ୟୁଜ୍,** ପିଏନ୍‌ୟୁ-ଟିଏଟିଏ-ଡବ୍ଲ୍ୟୁଆର୍‌ଏଲ୍-୨୬, ୦୫।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା। ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1092) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 01/2025-26:** Engagement of hired diesel run commercially registered light vehicle (Non-AC Mahindra Bolero, 9 seated) or equivalent on monthly basis with daily hiring rate for use of SDO, E&MR S/D, Nuapada under E&MR Division, Balangir.

**2)Tender Call Notice No. EHTC/RGDA/CLE/OT/03/2025-26:** Supply of two nos. of Industrial inverter (3kVA and 2kVA) for 132/33kV Grid S/s. R.Udayagiri under EHT (P) Division, Berhampur under EHT (Project) Circle, Berhampur.

**3)Tender Call Notice No. 14/2025-26:** Construction of new RCC slabs for replacement of same in place of damaged cable trench slabs & earth pit slabs at 132/33kV Grid S/s Shamuka under EHT (O&M) Division, Puri.

**4)Tender Call Notice No. 13/2025-26:** Supply and installation of 02(two) Ton Air Condition for different grid S/Ss under EHT (O&M) Division, Balangir.

For more details please visit OPTCL's website: **www.optcl.co.in**

FIPR-91/2025-26

/optcl.odisha /optcl_odisha



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
**ODISHA ELECTRICITY REGULATORY COMMISSION**
ବିଦ୍ୟୁତ୍ ନିୟାମକ ଭବନ,
ପ୍ଲଟ୍ ନଂ.୪, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯
ଇ-ମେଲ୍: oerc@odisha.gov.in / orierc@gmail.com, ୱେବ୍‌ସାଇଟ୍: www.orierc.org
Together, Let us light up our lives

**ସାର୍ବଜନୀନ ବିଜ୍ଞପ୍ତି**

**କେସ୍ ନଂ. ୧୩୬/୨୦୨୫**

**କେସ୍ ନଂ. ୧୩୬/୨୦୨୫ରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ବିନିୟମ, ୨୦୨୨ ଅଧୀନରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍), ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ନିୟମ ପାଇଁ ସର୍ତ୍ତାବଳୀ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌ର ଆବେଦନର ଶୁଣାଣି।**

ଏବଂ

**କେସ୍ ନଂ. ୧୩୭/୨୦୨୫**

**କେସ୍ ନଂ. ୧୩୭/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓଡ଼ିଶା ରାଜ୍ୟରେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଚାର୍ଜ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ।**

ଏବଂ

**କେସ୍ ନଂ. ୧୩୮/୨୦୨୫**

**କେସ୍ ନଂ. ୧୩୮/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓଡ଼ିଶା ରାଜ୍ୟରେ ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଚାର୍ଜ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ।**

ଏବଂ

**କେସ୍ ନଂ. ୧୩୯/୨୦୨୫**

**କେସ୍ ନଂ. ୧୩୯/୨୦୨୫ରେ ଆର୍ଥିକବର୍ଷ ୨୦୨୩-୨୪ ନିମନ୍ତେ ଟ୍ରୁଇଂ ଅପ୍ ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ସମେତ ଆର୍ଥିକବର୍ଷ ୨୦୨୪-୨୫ ନିମନ୍ତେ ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍ ଅନୁମୋଦନ ଲାଗି ଏହାର ଆବେଦନ।**

ଟିପିସିଓଡିଏଲ୍ ଦ୍ୱାରା ଇଂରାଜୀ ଓ ଓଡ଼ିଆ ଦୈନିକ ଖବରକାଗଜରେ ତା୨୦।୧୨।୨୦୨୫ରିଖରେ ପ୍ରକାଶିତ ଏହାର ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା, ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ସମ୍ବନ୍ଧରେ, ଏତଦ୍ୱାରା ସୂଚିତ କରାଯାଉଛି ଯେ, ଉପରୋକ୍ତ ଦରଖାସ୍ତଗୁଡ଼ିକୁ ମାମଲା ସଂ.୧୩୭/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କ, ସର୍‌ଚାର୍ଜ ଅନୁମୋଦନ ପାଇଁ ଏହାର ଆବେଦନ ଏବଂ ମାମଲା ସଂ.୧୩୮/୨୦୨୫ରେ ଓଡ଼ିଶାର ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓପନ୍ ଆକ୍ସେସ୍ ଶୁଳ୍କ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ ତଥା ମାମଲା ନଂ.୧୩୯/୨୦୨୫ରେ ଆର୍ଥିକବର୍ଷ ୨୦୨୪-୨୫ର ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍ ଅନୁମୋଦନ ତଥା ଆର୍ଥିକବର୍ଷ ୨୦୨୩-୨୪ ପାଇଁ ଟ୍ରୁଇଂ ଅପ୍ ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ଲାଗି ଏହାର ଆବେଦନ ସଂକ୍ରାନ୍ତରେ,

ଏହା ସୂଚିତ କରିଦିଆଯାଉଛି ଯେ, ଅପରୋକ୍ତ ଆବେଦନଗୁଡ଼ିକୁ ମାମଲା ସଂ.୧୩୬/୨୦୨୫ ସହିତ ଅନୁରୂପ ଭାବେ **ତା୦୪।୦୨।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଭର୍ଚୁଆଲ୍ କିମ୍ବା ବାସ୍ତବିକ ଉପସ୍ଥିତି)ରେ ଗୀତ ଗୋବିନ୍ଦ ସଦନ, ୟୁନିଟ୍-II, ଭୁବନେଶ୍ୱର-୭୫୧୦୦୯ (ଆଇଜି ପାର୍କ ପାଖ)ଠାରେ** ବିଚାର ଓ ଶୁଣାଣି କରାଯିବ। **ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌**ର ଉପରୋକ୍ତ ଆବେଦନ ବିରୋଧରେ ଏହି ନୋଟିସରେ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ନାମ ଦର୍ଶାଯାଇଛି, ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆପତ୍ତି/ମତାମତକୁ ଶୁଣାଣି ଲାଗି ଗ୍ରହଣ କରାଯାଇଛି।

ଉଭୟ ଆବେଦନକାରୀ **(ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍)**, ଏବଂ ଏହି ନୋଟିସ୍ ସହ ସଂଲଗ୍ନ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କୁ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ପ୍ରାଧିକୃତ ପ୍ରତିନିଧି ଅଥବା ବିଧିବଦ୍ଧ ଭାବେ ନିଯୁକ୍ତ ଓକିଲଙ୍କ ଜରିଆରେ ହାଇବ୍ରିଡ୍ ପଦ୍ଧତିରେ (ବାସ୍ତବିକ/ଭର୍ଚୁଆଲ) ହାଜର ହେବା ଲାଗି ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି। ଯେଉଁ ଆପତ୍ତିକାରୀ ଭର୍ଚୁଆଲ୍ ପଦ୍ଧତିରେ ଶୁଣାଣିରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଥିବେ, ସେମାନେ ଶୁଣାଣି ନିମନ୍ତେ ଲିଙ୍କ୍ ଉପଲବ୍ଧ କରାଇବାରେ ସୁବିଧା ପାଇଁ ଶୁଣାଣିର ଗୋଟିଏ ଦିନ ପୂର୍ବରୁ ସେମାନଙ୍କର ଇ-ମେଲ୍ ଆଇଡି ଓ ହ୍ୱାଟ୍ସଆପ୍ ନମ୍ବରକୁ **oerc.vc@gmail.com**କୁ ପଠାଇପାରନ୍ତି।

**ଆୟୋଗଙ୍କ ନିର୍ଦ୍ଦେଶକ୍ରମେ**
**ତାରିଖ: ୨୨।୦୧।୨୦୨୬** **ସ୍ୱା./- ସଚିବ**

ବି.ଦ୍ର.: (i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ତଥା ଆୟୋଗଙ୍କ ଦ୍ୱାରା ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କର ତାଲିକା ଓଇଆର୍‌ସି ୱେବ୍‌ସାଇଟ୍ www.orierc.orgରେ ମଧ୍ୟ ଉପଲବ୍ଧ।

୧. ଶ୍ରୀ ବାସୁଦେବ ଭଟ୍ଟ, ସହ-ଆବାହକ, ଆମ ଜନତା ଅଧିକାର, ୨୨୬, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧।
୨. ଶ୍ରୀ ପ୍ରିୟବ୍ରତ ସାହୁ, ପିତା- ସ୍ୱର୍ଗତ ଆଦିକନ୍ଦ ସାହୁ, ସ୍ଥାନ- ବିଜୟ ବିହାର, ୩ୟ ଲେନ୍, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ-୭୬୦୦୦୪।
୩. ବିଜୁଳି କର୍ମଚାରୀ ସଂଘ, ଶ୍ରୀ ପଞ୍ଚାନନ ଜେନା, କାର୍ଯ୍ୟକାରୀ ସଭାପତି, ପିତା- ସ୍ୱର୍ଗତ ବୈରାଗୀ ଜେନା, ଶକ୍ତି ନଗର, ୩ୟ ଲେନ୍, ଇଞ୍ଜିନିୟରିଂ ସ୍କୁଲ ରୋଡ୍, ବ୍ରହ୍ମପୁର-୭୬୦୦୧୦।
୪. ଶ୍ରୀ ଉମାକାନ୍ତ ପଣ୍ଡା, VII-ଏମ୍-୫୯, ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୭୫୧୦୨୧।
୫. ଶ୍ରୀ ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ମୁଖ୍ୟ ସଚିବ, ଓଡ଼ିଶା ସରକାର, ପିତା- ସ୍ୱର୍ଗତ ବି.ଜି. ରାଓ ପଟ୍ଟନାୟକ, ପ୍ଲଟ୍ ନଂ.- ୪୯୨, କେ-୧, କଳିଙ୍ଗନଗର, ଭୁବନେଶ୍ୱର - ୭୫୧୦୦୩।
୬. ପ୍ରଧାନ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଡି), ପୂର୍ବ ତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭।
୭. ମେସର୍ସ ସିଫୁଡ୍ ଏକ୍ସପୋର୍ଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଅଞ୍ଚଳ, ୨୦୪, ଉତ୍କଳ ସିଗ୍ନେଚର୍ ବିଲ୍ଡିଂ, ୨ୟ ମହଲା, ଏନ୍‌ଏଚ୍-୫, ପାହାଳ, ଭୁବନେଶ୍ୱର-୭୫୨୧୦୧।
୮. ଶ୍ରୀ ଅକ୍ଷୟ କୁମାର ସାହାଣୀ, ଅବସରପ୍ରାପ୍ତ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା ସରକାର, ବି/ଏଲ୍-୧୦୮, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୭୫୧୦୦୭।
୯. ଶ୍ରୀ ଲଲାଟେନ୍ଦୁ ଦୀକ୍ଷିତ, ପିତା- କ୍ଷେତ୍ରମୋହନ ଦୀକ୍ଷିତ, ସ୍ଥାନ/ପୋଷ୍ଟ- ସରକଣା, ଥାନା- ବାଲିଅନ୍ତା, ଖୋର୍ଦ୍ଧା-୭୫୨୧୦୦।
୧୦. ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରୀ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର୍ ଏବଂ ପ୍ରେସିଡେଣ୍ଟ, ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ.୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨।
୧୧. ଶ୍ରୀ ପ୍ରସନ୍ନ କୁମାର ବିଷୋୟୀ, ସଚିବ, ଉପଭୋକ୍ତା ମହାସଙ୍ଘ, ପିତା- ଅଧିକାରୀ ବିଷୋୟୀ, ସ୍ଥାନ/ପୋଷ୍ଟ- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା।
୧୨. ଶ୍ରୀ ମନୋରଞ୍ଜନ ରାଉତରାୟ, ଆଡଭୋକେଟ୍, ତ୍ରିନାଥ ମନ୍ଦିର ଷ୍ଟ୍ରିଟ୍, ପୋଷ୍ଟ- କୋରାପୁଟ, ଜିଲ୍ଲା- କୋରାପୁଟ-୭୬୪୦୨୦।
୧୩. ମେସର୍ସ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍, ଛେଣ୍ଡିପଦା ରୋଡ୍, ଏସ୍‌ଏଚ୍-୬୩, ପୋଷ୍ଟ- ଜିନ୍ଦଲ ନଗର, ଅନୁଗୁଳ-୭୫୯୧୧୧।
୧୪. ମେସର୍ସ ପାୱାର୍ ଟେକ୍ କନ୍‌ସଲ୍‌ଟାଣ୍ଟସ୍, ସ୍ଥାନ- କେ-୮-୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର- ୭୫୧୦୨୯।
୧୫. ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍, ଆଠଗଡ଼, ଅନନ୍ତପୁର, ପୋଷ୍ଟ- ଧୁରୁସିଆ, କଟକ- ୭୫୪୦୨୭।
୧୬. ଗ୍ରୀଡ୍‌କୋ ଲିମିଟେଡ୍, ଜନପଥ, ଭୁବନେଶ୍ୱର- ୭୫୧୦୨୨।
୧୭. ଶ୍ରୀ କେ. ପ୍ରଭାକର ଦୋରା, ପିତା- କେ. ଭାସ୍କର ରାଓ ଦୋରା, ୩ୟ ଲେନ୍, ବିଦ୍ୟା ନଗର, ସ୍ଥାନ/ପୋଷ୍ଟ- ରାୟଗଡ଼ା, ୭୬୫୦୦୧।
୧୮. ଶ୍ରୀ ସମିଶ କୁମାର ମହାନ୍ତି, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର।
୧୯. ଶ୍ରୀ ବିଜନ ପାଣିଗ୍ରାହୀ, ଘର ନଂ.-୨, କୈଳାଶ ବିହାର, ଲେନ୍-୨, କିଟ୍ ଛକ, ଭୁବନେଶ୍ୱର-୨୧।
୨୦. ଶ୍ରୀ ଆନନ୍ଦ କୁମାର ମହାପାତ୍ର, ପିତା- ସ୍ୱର୍ଗତ ଯତିନ୍ଦ୍ରନାଥ ମହାପାତ୍ର, ପ୍ଲଟ୍ ନଂ.- ୭୯୯/୪, କୋଠିତୀର୍ଥ ଲେନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର- ୭୫୧୦୧୨।
୨୧. ଦି ଉତ୍କଳ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିଃ (ୟୁସିସିଆଇ), ଏନ୍-୬, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫।
୨୨. ଶ୍ରୀ ସୁଧାଂଶୁ ଦାଶ, ଭାରତୀ ଏୟାରଟେଲ୍ ଲିମିଟେଡ୍, ଭାରତୀ ହାଉସ୍, ପ୍ଲଟ୍ ନଂ.-ଇ-୧୩/୧, ଶିଳ୍ପାଞ୍ଚଳ, ଚନ୍ଦକା (ଇନ୍‌ଫୋସିଟି), ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪।
୨୩. ଶ୍ରୀ ଅଶୋକ କୁମାର ଭୁକ୍ତା, ମେନ୍ ରୋଡ୍, ମାଣ୍ଡିଆପଲ୍ଲୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପୋଷ୍ଟ- ରଙ୍ଗେଇଲୁଣ୍ଡା, ଜିଲ୍ଲା- ଗଞ୍ଜାମ- ୭୬୦୦୦୭।
୨୪. ଓପିଟିସିଏଲ୍, ଜନପଥ, ଭୁବନେଶ୍ୱର - ୨୨।
୨୫. ଇଣ୍ଡିଆନୋ କ୍ରୋମ୍ ପ୍ରାଇଭେଟ୍ ଲିମିଟେଡ୍, ସାରୁଆ, ଶିଳ୍ପାଞ୍ଚଳ, ଇଡ୍‌କୋ ପ୍ଲଟ୍ ନଂ.-୨୦ (ପି), ଏ/୨୧, ଏ/୨୧/ଏ, ଏ/୩୧ (ପି), ଖୋର୍ଦ୍ଧା - ୭୫୨୦୫୭।
୨୬. ଅଳି କିଶୋର ପଟ୍ଟନାୟକ, ପିତା- ସ୍ୱର୍ଗତ ଗୋପୀନାଥ ପଟ୍ଟନାୟକ, ପ୍ରେସିଡେଣ୍ଟ, ଟିପିଏସ୍‌ଓଡିଏଲ୍ କନ୍‌ଜ୍ୟୁମର୍ସ ଆସୋସିଏଶନ୍, ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍, ହିଲପାଟଣା, ବ୍ରହ୍ମପୁର-୭୬୦୦୦୫।
୨୭. ସରସ୍ୱତୀ ଏଜୁକେଶନାଲ ଆଣ୍ଡ ଚାରିଟେବଲ୍ ଟ୍ରଷ୍ଟ, ସ୍ଥାନ-କେ-୮-୮୨, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର-୨୯।
୨୮. ଶ୍ରୀ ପ୍ରସନ୍ନ କୁମାର ଛୋଟରାୟ, ସର୍କିଟ୍ ହାଉସ୍ ସାମ୍ନା, ରେଳ ଷ୍ଟେଶନ ରୋଡ୍, ବ୍ରହ୍ମପୁର-୭୬୦୦୦୫, ଗଞ୍ଜାମ।
୨୯. ଇଣ୍ଡସ୍ ଟାୱାର୍ସ ଲିମିଟେଡ୍, ୨ୟ ମହଲା, ପ୍ଲଟ୍ ନଂ. ସି-୩/୨, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଏରିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧।

ଓଡ଼ିଆ ଭାଷାରେ ପ୍ରକାଶିତ ଏହି ବିଜ୍ଞପ୍ତିରେ ଯଦି କୌଣସି ଅସ୍ପଷ୍ଟତା ପରିଲକ୍ଷିତ ହୁଏ, ତେବେ ଏହାର ସଠିକତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଆଧାର କରାଯାଇପାରିବ।

# ‘ବାଲେଶ୍ୱରରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାର ସୁଯୋଗ ରହିଛି’

## ଜାତୀୟସ୍ତରୀୟ ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ‘ଏକ୍ସପୋ ଓଡ଼ିଶା-୨୦୨୬’

ବାଲେଶ୍ୱର, ୨୨।୧(ବାଞ୍ଛାନିଧି ଦେ)

ଭାରତ ସରକାରଙ୍କ ଏମ୍‌ଏସଏମ୍‌ଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମ୍‌ଏସଏମ୍‌ଇ ବିଭାଗ, ବାଲେଶ୍ୱର ଜିଲା ପ୍ରଶାସନ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତରଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି)ର ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ୨୩ତମ ସଂସ୍କରଣ ‘ଏକ୍ସପୋ ଓଡ଼ିଶା-୨୦୨୬’ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାକୁ ମୁଖ୍ୟଅତିଥି ଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ।

ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ବାଲେଶ୍ୱର ଜିଲାରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ନେଇ ସୁଯୋଗ ରହିଛି। ଉଦୀୟମାନ ଯୁବକମାନେ ଚାକିରି ପାଇଁ ବାହାର ରାଜ୍ୟକୁ ନ ଯାଇ ଏମ୍‌ଏସଏମ୍‌ଇ ମାଧ୍ୟମରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ଜିଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ଲାଭାନ୍ୱିତ ହେବା ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଯୋଗଦେଇ ଶିଳ୍ପ ସମୃଦ୍ଧ ବାଲେଶ୍ୱର ଜିଲା ନିର୍ମାଣ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀଙ୍କ ସହ ଅତିଥିଗଣ।

ବିସିଆଇସିର ଉପସଭାପତି ଭଗବାନ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ଶେଷରେ ବିସିଆଇସି ଏମ୍‌ଏସଏମ୍‌ଇ ବିଭାଗ ସମ୍ପାଦକ ରାଜେନ୍ଦ୍ର ଗୁପ୍ତା ଧନ୍ୟବାଦ ଦେଇଥିଲେ। ସଭା ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଏକ୍ସପୋରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଶିଳ୍ପାନୁଷ୍ଠାନର ୩ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି। ଅଟୋ ଏକ୍ସପୋ ବିଶେଷ ଆକର୍ଷଣ ପାଲଟିଛି। ବିଭିନ୍ନ କମ୍ପାନୀର ଦୁଇଚକିଆ ଓ ଚାରିଚକିଆ ଯାନ ସହିତ ନୂତନ ମଡ଼େଲର ଇଭି ଭେହିକିଲ ଏଥିରେ ସ୍ଥାନିତ ହୋଇଛି। ରାଧାନାଥ ରଥ ଓ ଅରବିନ୍ଦ ସାହୁଙ୍କ ସମେତ ବିସିଆଇସିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆସନ୍ତା ୩୦, ୩୧ ଓ ୧ ପ୍ରତିଭା ମହୋତ୍ସବ


ପ୍ରସ୍ତୁତି ବୈଠକରେ ପ୍ରତିଭା ପରିବାରର ସଦସ୍ୟ ତଥା ଆଖପାଖ ଗ୍ରାମର ଅଧିବାସୀ।

ଖଇରା, ୨୨।୧(ଉତ୍କଳବନ୍ଧୁ ପଣ୍ଡା)

## ମିନାବଜାର, ଦୋଳି ମଜା ନେବା ସହ ଜଗନ୍ନାଥଙ୍କ ୮ବେଶ ଦେଖିବେ ଦର୍ଶକ

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାରର ୩ଦିନିଆ ମହୋତ୍ସବ ଜାନୁଆରୀ ୩୦ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ତାରିଖରେ ଉଦ୍‌ଯାପିତ ହେବ। ଏଥର ଖଇରା ଦୁର୍ଗାମଣ୍ଡପ ପରିବର୍ତ୍ତେ ପଳସା ମିନି ଷ୍ଟାଡିୟମରେ ଆୟୋଜିତ ହେବ। ଚଳିତବର୍ଷ ସ୍ୱତନ୍ତ୍ର ଆକର୍ଷଣ ଭାବେ ଜଗନ୍ନାଥଙ୍କ ୮ ବେଶ ପ୍ରଦର୍ଶିତ ହେବ। ସେହିଭଳି ମିନାବଜାର, ଦୋଳି ତଥା ମହିଳା ଗ୍ରୁପ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ବିଭିନ୍ନ ଷ୍ଟଲ ବୁଲିବାର ମଜା ନେବେ। ୩ ଦିନ ଧରି ଅପରାହ୍ନ ୨ଟାରୁ ସ୍ଥାନୀୟ ପ୍ରତିଯୋଗୀଙ୍କ ଦ୍ୱାରା ଗୀତ, ନୃତ୍ୟ ଓ ଶଙ୍ଖଫୁଙ୍କା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ସଭା ଏବଂ ସଭା ଶେଷରେ ସଂସ୍କୃତି ବିଭାଗ ପ୍ରଦତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଓଲିଉଡର ପ୍ରଖ୍ୟାତ କଳାକାରମାନେ ସେମାନଙ୍କ ପ୍ରତିଭା ଦେଖାଇବେ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ଖବରଦାତା ସମ୍ମିଳନୀ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ସଭାପତି ବସନ୍ତ କୁମାର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ରଘୁନାଥ ପତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ମହିଳା ଗୋଷ୍ଠୀ, ପଳସା, ନଛିପୁର ଓ କୁଡିଆସାହି ଆଦି ଗ୍ରାମର ଅଧିବାସୀ ଯୋଗଦେଇ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଅଟୋକୁ ଧକ୍କା ଦେଲା ପରିବା ବୋଝେଇ ପିକଅପ୍, ୩ ଗୁରୁତର

ଜଳେଶ୍ୱର, ୨୨।୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ଟାଉନ ହାଇସ୍କୁଲ ସମ୍ମୁଖରେ ଗୁରୁବାର ପ୍ରାତଃ ୫ଟା ୫୦ ମିନିଟ୍‌ରେ ୪ଜଣ ଯାତ୍ରୀଙ୍କୁ ନେଇ ଜଳେଶ୍ୱର ରେଳଷ୍ଟେଶନକୁ ଆସୁଥିବା ଏକ ଅଟୋକୁ ଏକ ପରିବା ବୋଝେଇ ପିକଅପ ସାମ୍ନାପଟୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ତେବେ ଅଟୋରେ ଥିବା ଅଟୋ ଡ୍ରାଇଭର ମାଧବ ଜେନା, ଯାତ୍ରୀ ପୂର୍ଣ୍ଣଚନ୍ଦ୍ର ପ୍ରମାଣିକ, ସ୍ତ୍ରୀ ଆରତୀକମଳ ପ୍ରମାଣିକ, ପିଙ୍କି ପ୍ରମାଣିକ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଯାତ୍ରୀମାନେ ପଶ୍ଚିମବଙ୍ଗ ବରିଙ୍ଗ ଅଞ୍ଚଳରୁ ଆସୁଥିଲେ। ଏହି ରାସ୍ତାରେ ବାଲି ଗାଡ଼ି ଯିବାକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା ରାସ୍ତାରୋକୋ କରିଥିଲେ। ରାସ୍ତାର ଉଭୟ ପଟରେ ଅନେକ ଗାଡ଼ି ଅଟକି ରହିଥିଲା। ଘଟଣାସ୍ଥଳରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଆଇଆଇସି ଅଶୋକ ବାରିକ, ଏସ୍‌ଆଇ ଚିରଞ୍ଜିବ ରାଉତ, ଏଏସ୍‌ଆଇ ସୃଷ୍ଟିଧର ବେହେରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଡଗରା ବେଳାଭୂମିର ଉନ୍ନତୀକରଣରେ ସରକାରୀ କଳର ବିରୋଧ


ଖବରଦାତା ସମ୍ମିଳନୀରେ ବେଳାଭୂମି ଉନ୍ନୟନ କମିଟିର କର୍ମକର୍ତ୍ତା।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୨।୧

## ରାଜରାସ୍ତାକୁ ଓହ୍ଲାଇବାକୁ ବେଳାଭୂମି ଉନ୍ନୟନ କମିଟିର ଚେତାବନୀ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଉନ୍ନତୀକରଣ ଓ ରାସ୍ତା ନିର୍ମାଣରେ ସରକାରୀ କଳର ଅବହେଳାକୁ ବିରୋଧ କରି ବୁଧବାର ବେଳାଭୂମି ଉନ୍ନୟନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ପ୍ରତିବାଦ କରାଯାଇଛି। ଡଗରା ବେଳାଭୂମିର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରିଆସୁଥିବା ବେଳେ ବର୍ଷ ବର୍ଷ ଧରି କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ।

ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏଠାକୁ ପିକ୍‌ନିକ୍ କରିବାକୁ ଛୁଟି ଆସୁଥିବା ବେଳେ ରାସ୍ତା ସହିତ ସେଭଳି କିଛି ସୁବିଧା ନ ଥିବାରୁ ବେଳାଭୂମି ପ୍ରତି ଲୋକେ ବିମୁଖ ହେଉଛନ୍ତି। ତେବେ ପଞ୍ଚାୟତ ତରଫରୁ କରାଯାଇଥିବା ଏକ ପାର୍କକୁ ମଧ୍ୟ ଜିଲାପାଳ ଭାଙ୍ଗିଦେବାକୁ ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି। ଆଗାମୀ ଦିନରେ ଯଦି ରାସ୍ତା ସହିତ ବେଳାଭୂମିର ବିକାଶ ନ ହୁଏ ତେବେ ବେଳାଭୂମି କମିଟି ଏହାର ତୀବ୍ର ବିରୋଧ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଛି। ଏହି ଖବରଦାତା ସମ୍ମିଳନୀରେ କମିଟି ସଭାପତି ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଉପସଭାପତି ମନୋଜ କୁମାର ଦାସ, ସମ୍ପାଦକ ନିତ୍ୟାନନ୍ଦ ଜେନା, ସଦସ୍ୟ ତୀର୍ଥ କୁମାର ନାଥ, ହରିହର ଜେନା, ରମେଶ ଚନ୍ଦ୍ର ଖଟୁଆ, ଶ୍ରୀପତି ଜେନା, ମାନଗୋବିନ୍ଦ ଖଟୁଆ, ପ୍ରଫୁଲ୍ଲ ସାହୁ ଓ ସୁଧାଂଶୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ୩ ଆହତ

ନୀଳଗିରି, ୨୨।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଏନ୍‌ଏସି ଅଧୀନ ୮ ନମ୍ବର ୱାର୍ଡ ଚିମିନି ଭାଟି (ସାନଅତା) ଗ୍ରାମରେ ଭାଲୁ ଆକ୍ରମଣରେ ୩ ଆହତ ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଭାଗୀରଥି ବୈଠାଙ୍କ ସ୍ତ୍ରୀ ପୁଷ୍ପ (୪୫) ଗୁରୁବାର ସକାଳେ ବନବିଭାଗ ଅଫିସ ନିକଟରେ ଫୁଲ ତୋଳିବାକୁ ଯାଉଥିବା ବେଳେ ରାସ୍ତାରେ ଆସୁଥିବା ଭାଲୁ ହାବୁଡ଼ରେ ପଡିଥିଲେ। ଭାଲୁଟି ପୁଷ୍ପାଙ୍କ ଡାହାଣ ହାତର ବାହୁ ଓ ଡାହାଣ ପିଠାରେ କାମୁଡି ଦେଇଥିଲା। ସେହିପରି ଉକ୍ତ ଗ୍ରାମର ନିତ୍ୟାନନ୍ଦ ସାହୁ (୭୦) ନିକଟସ୍ଥ ନଳକୂପରୁ ହାତ ଗୋଡ଼ ଧୋଇ ଘରକୁ ରାସ୍ତାରେ ଯାଉଥିବା ବେଳେ ଭାଲୁଟି ତାଙ୍କ ଜଂଘରେ କାମୁଡ଼ି ଦେଇଛି। ଅନୁରୂପ ଭାବେ ଉକ୍ତ ଗ୍ରାମର କନକ କୁଅଁର (୮୦) ଫୁଲ ତୋଳିବା ପାଇଁ ରାସ୍ତାରେ ଯାଉଥିବା ବେଳେ ଭାଲୁ ହାବୁଡ଼ରେ ପଡ଼ିବାରୁ ତାଙ୍କର ଡାହାଣ ଗୋଡ଼ ଭାଙ୍ଗିଯାଇଛି। ଖବର ପାଇ ନୀଳଗିରି ବନବିଭାଗ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛି।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ


କଳାକାରଙ୍କ ଦ୍ୱାରା ପରିବେଷିତ ରାମାୟଣର ଏକ ଦୃଶ୍ୟ।

ଖଇରା,୨୨।୧(ଉତ୍କଳବନ୍ଧୁ ପଣ୍ଡା)

## କୁପାରୀ ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ମକର ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ଦିବସ। ଉକ୍ତ ଦିବସରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। ସଭା ପ୍ରାରମ୍ଭରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ନୀଳଗିରି କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ମିତ୍ର ମୁଖ୍ୟଅତିଥି, ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଯୁଧିଷ୍ଠୀର କୁଅଁର ମୁଖ୍ୟବକ୍ତା ଭାବେ ଯୋଗଦେଇ କୁପାରୀର ଐତିହ୍ୟ ଶୁଣାଇଥିବା ସହ ଜଗନ୍ନାଥ ତତ୍ତ୍ୱ ବଖାଣିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମକର ମେଳା କମିଟିର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ଦାସ ମଞ୍ଚ ଆହ୍ୱାନ କରିଥିଲେ। ମାନସ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ୩୧ରେ ମେଗା ରକ୍ତଦାନ ଶିବିର

ନୀଳଗିରି, ୨୨।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରିର ଉଭୟ ଓକିଲସଂଘ ଏବଂ ମୋହରିର ସଂଘ ପକ୍ଷରୁ ଆସନ୍ତା ୩୧ତାରିଖରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହେବ। ଉକ୍ତ ଦିବସ ସକାଳ ୯ଟାରେ ଅଦାଲତ ପରିସରରେ ଏହି ମେଗା ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନୀଳଗିରି ଉପଖଣ୍ଡ ଓକିଲ ସଂଘର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ନୀଳଗିରି ଉପଖଣ୍ଡ ଓକିଲ ସଂଘ ସମ୍ପାଦକ କିଶୋର ଦାସ, ନୀଳଗିରି ଓକିଲ ସଂଘ ସଭାପତି ଅମରେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦେବେନ୍ଦ୍ର ପଣ୍ଡାଙ୍କ ସମେତ ମୋହରୀର ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ

ସୋର, ୨୨।୧(ଜନ୍ମେଜୟ ମିଶ୍ର): ସୋର କଲେଜ ଛକ ନିକଟରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି କନ୍ୟା ସନ୍ତାନର ସୁରକ୍ଷା ଓ ଯତ୍ନ ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। ଏହାପରେ ସାଇ ସାଧନା ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟରେ ଷ୍ଟିଡର ସମ୍ପାଦକ ପ୍ରଦୀପ ଦାଶଙ୍କ ସଭାପତିତ୍ୱ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବାଲେଶ୍ୱର ଜିଲା ସମାଜମଙ୍ଗଳ ବିଭାଗର ସୁରକ୍ଷା ଅଧିକାରିଣୀ ଜୁଥିକା ରାୟ, ସୁବର୍ଣ୍ଣା ବେହେରା ଓ ବାଲେଶ୍ୱର ଜିଲା ମହିଳା ହବ୍ର ସଂଯୋଜକ ପ୍ରଦୀପ କୁମାର ପାଲ, ସୋର ସିଡିପିଓ ହାରାମଣି ନାୟକ, ଅଙ୍ଗନୱାଡି କର୍ମଚାରୀ ସଂଘର ବ୍ଲକ ସମ୍ପାଦକ ଆରତି ଦାଶମହାପାତ୍ର ଯୋଗଦେଇ ଝିଅମାନେ କିପରି ସବୁ କ୍ଷେତ୍ରରେ ପାରଦର୍ଶିତାର ଶୀର୍ଷରେ ପହଞ୍ଚିପାରିଛନ୍ତି ତା'ର ବିଭିନ୍ନ ଉଦାହରଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ମିଳିତ ଭାବେ ସରକାରଙ୍କର ‘ବାଲ୍ୟ ବିବାହ ମୁକ୍ତ ଭାରତ’ ଗଠନ ପାଇଁ ଶପଥ ନେଇଥିଲେ।

# ବ୍ଲକସ୍ତରୀୟ ବନ୍ଦେ ମାତରମ୍

ଜଳେଶ୍ୱର, ୨୨।୧(ନବୀନ ସାହୁ)

ରାଷ୍ଟ୍ରଗୀତ ‘ବନ୍ଦେ ମାତରମ୍’ର ୧୫୦ତମ ବାର୍ଷିକ ଅବସରରେ ସାମୂହିକ ଗାନ କାର୍ଯ୍ୟକ୍ରମ ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତରେ ଲିଲା କଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏକାଠି ହୋଇ ବନ୍ଦେ ମାତରମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଜିପିଡିଓ ସବ୍ୟସାଚୀ ଦାସ ଅଧ୍ୟକ୍ଷତା କରି ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଘୋଷ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଦେ ମାତରମ ଶବ୍ଦ ପ୍ରତ୍ୟେକ ଭାରତୀୟଙ୍କ ମନରେ ଜାଗରଣ, ଏକତା ଓ ଶିହରଣ ସୃଷ୍ଟି କରେ। ସ୍ୱାଧୀନତା ସମୟରୁ ଏପରି ଶବ୍ଦ ବ୍ୟବହାର କରି ଦେଶର ଅଖଣ୍ଡତା, ବୀରତ୍ୱ ସୃଷ୍ଟି କରାଯାଇଥିଲା ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ।

# ‘ଘର ଘର ବିଶୁଦ୍ଧ ଜଳ ଯୋଗାଇବା ଲାଗି ସରକାର ବଦ୍ଧପରିକର’

ଭୋଗରାଇ, ୨୨।୧(ପ୍ରଦୀପ ଦାସ)

ଭାରତ ସରକାରଙ୍କ ଜଳ ଜୀବନ ମିଶନ ଅଧୀନରେ ଘରଘର ଜଳ ଓ ସବୁଦିନ ଜଳ ସ୍ଲୋଗାନ ଆଜି ବାସ୍ତବରେ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ପୂର୍ବ ସରକାରଙ୍କ ଅମଳରେ ପାନୀୟ ଜଳର ଯେଉଁ ସଙ୍କଟ ଦେଖାଦେଇଥିଲା ଆଜି ତାହା ଡବଲ ଇଞ୍ଜିନ ସରକାର ଲୋକଙ୍କ ଦାବି ଓ ପ୍ରତିଶ୍ରୁତିକୁ ପାଳନ କରି ପାନୀୟ ଜଳ ସଙ୍କଟକୁ ଦୂରୀଭୂତ କରିବା ପାଇଁ ସଂକଳ୍ପ ନେଇଛି ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଗୁରୁବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗସ୍ତରେ ଆସି ମହେଶପୁର ପଞ୍ଚାୟତ ଝାଟିଆବାଡି ଖେଳ ପଡିଆରେ ଆୟୋଜିତ ଓଡ଼ିଶାର ପ୍ରଥମ ଥର ଜଳ ଅର୍ପଣ ଦିବସରେ ମତପ୍ରକାଶ କରିଛନ୍ତି।

ଦିଲ୍ଲୀରେ ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ପରିମଳ ପୁରସ୍କୃତ ମହେଶପୁର ପଞ୍ଚାୟତ ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ଉଦ୍ୟମରେ ଏହି ସରକାରୀ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଜିଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ତଥା ନୀଳଗିରି ଉପଜିଲାପାଳ ଡଃ. ମଧୁସ୍ମିତା ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ୨୦୨୭ ମାର୍ଚ୍ଚ ସୁଦ୍ଧା ବାଲେଶ୍ୱର ଜିଲାରେ ହର ଘର ବିଶୁଦ୍ଧ ପାଇପ ଜଳ ସଂଯୋଗ ସମ୍ପୂର୍ଣ୍ଣ ହେବା ସହିତ କର୍ତ୍ତବ୍ୟର ଅବହେଳା କରୁଥିବା ବିଭାଗୀୟ କର୍ମଚାରୀ ଏବଂ ଠିକାଦାର କମ୍ପାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜଳ ସୁରକ୍ଷା ଜରୁରୀ ଅଟେ ବୋଲି କହିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଗତ ସରକାର ପାନୀୟ ଜଳ ନିମନ୍ତେ ୨ଟି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରିଥିବା ବେଳେ ଚଳିତ ସରକାର ୨ୟ ମେଗା ଜଳ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ଆରଡବ୍ଲୁଏସଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ଶିଆଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ପଞ୍ଚାୟତର ମହେଶପୁର, ଅଲାଲବିନ୍ଧା, ରଇପୁର ଓ ମକରପୁର ଗ୍ରାମ ୧୩୬୩ ପରିବାରକୁ ସଂଯୋଗ ହୋଇଥିବା ପାନୀୟଜଳ ପ୍ରକଳ୍ପକୁ ମନ୍ତ୍ରୀ ଓ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ଜଳବନ୍ଦନା, ଜଳ ସଂକଳ୍ପ, ଜଳବନ୍ଧନ ଉପରେ ଶପଥପାଠ କରାଯାଇଥିଲା।



ଜଳ ଅର୍ପଣ ଦିବସ ଅବସରରେ ଅତିଥିମାନେ ଶପଥପାଠ କରୁଛନ୍ତି।

# ବ୍ରାଉନସୁଗାର ବେପାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୨୨।୧(ବାଞ୍ଛାନିଧି ଦେ)

ଏକ ବ୍ରାଉନସୁଗାର ଜବତ ମାମଲାର ଶୁଣାଣି କରି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ଜଜ୍ ମୋହନ ରାଓ ଦୋରା ଅଭିଯୁକ୍ତ ବେପାରୀ ଅଶୋକ କୁମାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଯେ, ୨୦୨୧ ନଭେମ୍ବର ୮ତାରିଖରେ ଏସ୍‌ଟିଏଫ୍, ସିଆଇଡ଼ି ଭୁବନେଶ୍ୱର ଓ ବାଲେଶ୍ୱର ଅବକାରୀ ବିଭାଗ, ସହଦେବଖୁଣ୍ଟା ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ସହଦେବଖୁଣ୍ଟା ଥାନା ଅରଡ଼ବଜାର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବ୍ରାଉନସୁଗର ବେପାରୀ ସହଦେବଖୁଣ୍ଟା ଥାନା ନୂଆବଜାର ଅଞ୍ଚଳର ଅଶୋକ କୁମାର ବେହେରା ଓ ରାଣୀପାଟଣାରେ ରହୁଥିବା ବିହାରର ବିଜୟ କୁମାର ଯାଦବଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଅଶୋକ କୁମାରଙ୍କଠାରୁ ୧କେଜି ୫୦ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିଲା। ଏନେଇ କୋର୍ଟରେ ସ୍ପେଶାଲ ମାମଲା (ନଂ. ୩୦୫/୨୦୨୧) ରୁଜୁ ହୋଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଜବତ ବ୍ରାଉନସୁଗାରର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହି ମାମଲାରେ ୮ଜଣ ସାକ୍ଷ୍ୟ ଓ ୭୦ରୁ ଊର୍ଦ୍ଧ୍ୱ ଦଲିଲ ଓ ଦସ୍ତାବିଜକୁ ଆଧାର କରି ଜଜ୍ ବ୍ରାଉନସୁଗାର ବେପାରୀ ଅଶୋକଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ବିଜୟଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜୟନ୍ତ କୁମାର ସାହୁ ଏହି ମାମଲା ପରିଚାଳନା କରୁଥିଲେ।

# ପାଣି ପାଇଁ ରାସ୍ତାରେ ବସିଲେ, ଯନ୍ତ୍ରୀଙ୍କୁ ଘେରିଲେ

ନୀଳଗିରି, ୨୨।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ମାଙ୍କିଡ଼ିଆସାହିକୁ ୨/୩ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏହାର ପ୍ରତିବାଦ କରି ଗୁରୁବାର ସ୍ଥାନୀୟ ବାସିନ୍ଦା ଛତ୍ରପୁର ବଜାର ୧୯ ନଂ. ରାଜ୍ୟ ରାଜପଥ ୨ ଘଣ୍ଟା ଧରି ଅବରୋଧ କରିବା ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ନୀଳଗିରି ଆରଡବ୍ଲୁଏସ୍‌ଏସ୍‌ର କନିଷ୍ଠଯନ୍ତ୍ରୀ ମହେଶ୍ୱର ସିଂ ଘଟଣାସ୍ଥଳରେ ପହଞ୍ଚିବା ପରେ ଧାରଣାରତ ଲୋକେ ତାଙ୍କୁ ଘେରିଯାଇଥିଲେ। ଖବରପାଇ ବରହମପୁର ଆଇଆଇସି ପ୍ରେମଦା ନାୟକ, ସ୍ଥାନୀୟ ସରପଞ୍ଚ ମାଳତି ମାର୍ଣ୍ଡି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ସ୍ଥାନୀୟ ବିଡିଓ ବିକ୍ରମକେଶରୀ ପରିଡା ପହଞ୍ଚି ପାଇପ ଲାଇନ୍ ସଂଯୋଗର ବ୍ୟବସ୍ଥା କରିଥିବା ଜଣାଯାଇଛି।


ରାସ୍ତା ଉପରେ ଲୋକେ ଗରା ରଖି ଅବରୋଧ କରିଛନ୍ତି।

ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତର ମାଙ୍କିଡ଼ିଆସାହିକୁ ବସୁଧା ଯୋଜନାରେ ପାନୀୟଜଳ ଯୋଗାଣ ହୋଇଆସୁଥିଲା। ମାତ୍ର ସମ୍ପୃକ୍ତ ପଞ୍ଚାୟତର କିଛି ଅଞ୍ଚଳକୁ ଉକ୍ତ ଯୋଜନାରେ ଜଳଯୋଗାଣ ପାଇଁ ନୂତନ ପାଇପ୍ ସଂଯୋଗ ପାଇଁ ରାସ୍ତା ଖୋଳାଯାଉଥିବା ବେଳେ ୨/୩ଦିନ ତଳେ ମାଙ୍କିଡ଼ିଆ ସାହିକୁ ସଂଯୋଗ କରିଥିବା ପାଇପଲାଇନ୍ କଟି ଯାଇଥିଲା। ଫଳରେ ମାଙ୍କିଡ଼ିଆ ସାହି ଏବଂ ସରୁଚମ୍ପା, ଚଡୁରିପଡା, ଉପର ଭାଗାବନ୍ଧ, ମୁଖୀସାହି, ସୟମ୍ବରଡୁବା ଆଦି ଅଞ୍ଚଳର କିଛି ଲୋକ ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟର ପୁରସ୍କାର ବିତରଣ ସମାରୋହ

ବଞ୍ଜୋ,୨୨।୧(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥିଭାବେ ତହସିଲଦାର ଡ. ପଲ୍ଲବୀ ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ସର୍ବେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ଶିକ୍ଷୟିତ୍ରୀ ଇତିଶ୍ରୀ ସୁତାରଙ୍କ ନିର୍ଦ୍ଦେଶନାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା। ଶିକ୍ଷକ ଭୋଜରାଜ ମହାନ୍ତ, ଅଭିଷେକ ଆନନ୍ଦ, ଶଶିବାଳା, ରାମେଶ୍ୱର ମୀନାଙ୍କ ମିଳିତ ସହଯୋଗରେ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ବିପର୍ଯ୍ୟସ୍ତ ରାସ୍ତା, ପ୍ରଦୂଷଣରେ ହନ୍ତସନ୍ତ ସହରବାସୀ

### ରାସ୍ତା ମରାମତି ପାଇଁ ମାମଲା

କେନ୍ଦୁଝର,୨୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସର୍ବସାଧାରଣ ରାସ୍ତାଘାଟର ମରାମତି ହେଉ ନ ଥିବାରୁ ଖାଲଖମାରେ ଲୋକେ ହଇରାଣ ହେଉଛନ୍ତି। ଧୂଳି ଉଡ଼ି ପ୍ରଦୂଷଣ ବଢୁଥିବା ବେଳେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ଜିଲା ଓକିଲ ସଂଘର ସଦସ୍ୟ ବରିଷ୍ଠ ଆଇନଜୀବୀ ଦେବାଶିଷ ପତି ସ୍ଥାୟୀ ଲୋକ ଅଦାଲତରେ ଗୁରୁବାର ଏକ କେସ୍ ଦାଖଲ କରିଛନ୍ତି। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏଥିରେ ପକ୍ଷଭୁକ୍ତ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବା ସହ ପାଣି ସିଞ୍ଚନ କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସହରର ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବାରୁ ଯାତାୟାତ ବ୍ୟାହତ ହେଉଛି।



ରାସ୍ତାରେ ଧୂଳି ଉଡୁଛି।

ଧୂଳି, ଧୂଆଁରେ ସହରବାସୀ ନୟାନ୍ତ ହୋଇପଡିଛନ୍ତି । ବାୟୁ ପ୍ରଦୂଷଣ ଯୋଗୁ ଅଣ୍ଟା, କାଶ, ଶ୍ୱାସ ଆଦି ରୋଗରେ ଲୋକମାନେ ପୀଡ଼ିତ ହୋଇ ଚିକିତ୍ସାଧୀନ ହେଉଛନ୍ତି । ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ଏପରିକି ମଣ୍ଡୁଆଠାରୁ ମହାବୀର ଛକ ପର୍ଯ୍ୟନ୍ତ ରାସ୍ତାକୁ ପାଇପ ବିଛାଇବା ପାଇଁ ଖୋଳି ଦିଆଯାଇଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ସେହିପରି ଅନେକ ଦୁର୍ଘଟଣାର ଶିକାର ହେଉଥିବା ବେଳେ ଧୂଳି ଉଡ଼ି ବାୟୁମଣ୍ଡଳକୁ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଫଳରେ ଦୋକାନୀ, ଛାତ୍ରୀଛାତ୍ର, ସରକାରୀ ଓ ବେସରକାରୀ ସଂସ୍ଥାର କର୍ମଚାରୀ, ରାସ୍ତାକଡ଼ରେ ବିକ୍ରିବଟାକରି ପେଟ ପୋଷୁଥିବା ଛୋଟ ବ୍ୟବସାୟୀ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି କାରଣରୁ ଲୋକମାନେ ଆଖି, ହୃଦ୍, ଫୁସ୍‌ଫୁସ୍ ଆଦି ରୋଗର ଶିକାର ହେଉଛନ୍ତି। ଏଣୁ ରାସ୍ତା ତୁରନ୍ତ ମରାମତି କରିବା ପାଇଁ ଆଦେଶ କରିବାକୁ ଆଇନଜୀବୀ ପତି ଅଦାଲତରେ ନିବେଦନ କରିଛନ୍ତି।

## ଗଡ଼ଚଣ୍ଡୀ ପୀଠରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି



ଛେନାପଦି,୨୨।୧(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୁନ୍ଦରାପାଳସ୍ଥିତ ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ ଭିତରେ ବିରାଜମାନ ମା’ ଗଡ଼ଚଣ୍ଡୀ। କେନ୍ଦୁଝର ଜିଲାର ପୁରାତନ ଦେବୀପୀଠ ହୋଇଥିବା ବେଳେ ପୀଠରେ ବର୍ଷ ତମାମ ଭିଡ଼ ଲାଗି ରହେ। ଭିଡ଼କୁ ନଜରରେ ରଖି ସ୍ଥାନୀୟ ଲୋକେ ଉଠା ଦୋକାନ କରି ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ମାତ୍ର ଏଠାରେ ବହୁ ମାତ୍ରାରେ ମାଙ୍କଡ ଥିବାରୁ ଦୋକାନ ପାଲ ଚିରିଦେବା ସହ ସାମଗ୍ରୀ ନେଇ ଗଛକୁ ପଳାଉଛନ୍ତି। ଫଳରେ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ଜାଲି ଦେଇଥିଲେ ସୁଦ୍ଧା ମାଙ୍କଡ଼ ଜାଲି ଚିରି ଦୋକାନ ସାମଗ୍ରୀ ନେଇଯାଉଛନ୍ତି। ଏଭଳି ପରିସ୍ଥିତି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଗଲେ ଦୋକାନୀ ଓ ଶ୍ରଦ୍ଧାଳୁ ସୁବିଧା ପାଇବେ ବୋଲି ଦୋକାନୀ ଆନନ୍ଦ ଚନ୍ଦ୍ର ସା, ଦାମୋଦର ଦାସ, ଦିନେଶ ଚନ୍ଦ୍ର ପେଢ଼ା, ରାଜକିଶୋର ସାହୁ, ଛବିନ୍ଦ୍ର ସା, ରବିନ୍ଦ୍ର ଦାସ ପ୍ରମୁଖ ଦୋକାନୀ ଦାବି କହିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ଉପ ଜିଲାପାଳ ନୀଳମାଧବ ସୁନା ଏଥିପ୍ରତି ଦୃଷ୍ଟି ଦେବାକୁ କହିଛନ୍ତି।

## ସୁଭଦ୍ରା ଶକ୍ତି ମେଳାରେ ‘ପରିବର୍ତ୍ତନର ସ୍ୱର’ ପ୍ରଦର୍ଶିତ

କେନ୍ଦୁଝର,୨୨।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଓ ଜିଲା ପ୍ରଶାସନର ସହଯୋଗରେ ସୁଭଦ୍ରା ଶକ୍ତି ମେଳା ଓ ଆତ୍ମ ନିର୍ଭର ଭାରତ ମେଳା କାଳୀପଡ଼ିଆଠାରେ ଅନୁଷ୍ଠିତ ହେଉଛି। ମେଳାରେ ବୁଧବାର ନାରୀ ସଶକ୍ତିକରଣ ଉପରେ ସଚେତନତାଧର୍ମୀ କ୍ଷୁଦ୍ର ନାଟକ ‘ପରିବର୍ତ୍ତନର ସ୍ୱର’ ପ୍ରଦର୍ଶିତ ହୋଇଥିଲା। ଏକ ମେଧାବୀ ଗରୀବ ଛାତ୍ରୀକୁ ଏକ ତରଫା ଭଲପାଇ ଜଣେ ପଥଭ୍ରଷ୍ଟ ଯୁବକ ଏସିଡ୍ ପକାଇ ତା’ର ଜୀବନକୁ ଦୁର୍ବିସହ କରିଥିଲା। ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ଫଳରେ ମେଧାବୀ ଛାତ୍ରୀ କିଭଳି ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନୂଆ ଜୀବନ ପାଇପାରିଛି ତାହା ଏହି କ୍ଷୁଦ୍ର ନାଟିକା ‘ପରିବର୍ତ୍ତନର ସ୍ୱର’ ମାଧ୍ୟମରେ କଳାକାର ପରିବେଷଣ କରିଥିଲେ। ମାର୍ଗଦର୍ଶକ ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା, ମୁଖ୍ୟ ଉପଦେଷ୍ଟା ଭାବେ ଆଇନ୍‌ସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ରହିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ ଚକ୍ର ରଚନା କରିଥିଲେ। ବରିଷ୍ଠ ଆଇନଜୀବୀ ରବିନ୍ଦ୍ର ସେଠୀ ନିର୍ଦ୍ଦେଶନା ଦେଇଥିଲେ। ଚନ୍ଦ୍ରଶେଖର ଜେନା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସୁଭଦ୍ରା ମେଳାରେ ପ୍ରାଧିକରଣ ଦ୍ୱାରା ଏହିଭଳି ସଚେତନତାଧର୍ମୀ ନାଟକକୁ ଦର୍ଶକ ତଥା ଜିଲାବାସୀ ପସନ୍ଦ କରିଥିଲେ।

# ଟୁସୁ ମେଳାରେ ବେଆଇନ କୁକୁଡ଼ା ଲଢ଼େଇ



ମେଳାରେ ଚାଲିଥିବା କୁକୁଡ଼ା ଲଢ଼େଇ।

### ପୋଲିସକୁ ଦେଖି ଛତ୍ରଭଙ୍ଗ ଦେଲେ

ପାଟଣା,୨୨।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକାପଦା ପଞ୍ଚାୟତ ପୁରୁଣା ପାଣି ସ୍କୁଲ ନିକଟ ପଡ଼ିଆରେ ଅନୁଷ୍ଠିତ ଟୁସୁ ମେଳାରେ ଗୁରୁବାର ବେଆଇନ କୁକୁଡ଼ା ପଡ଼ା(ଲଢ଼େଇ) ହେଉଥିଲା। ଖବର ପାଇ ପୋଲିସ ଚଢ଼ାଉ କରିଥିବା ବେଳେ ପଡ଼ା ପକାଇଥିବା ଓ ବାଜି ଲଗାଇଥିବା ଲୋକେ ଖସି ପଳାଇଥିଲେ।

ସୂଚନା ଅନୁଯାୟୀ, କମିଟି ତରଫରୁ ଟୁସୁ ମେଳା ପାଇଁ ଅନୁମତି ନିଆଯାଇ ପର୍ବପାଳନ ନାରେ ବେଆଇନ କୁକୁଡ଼ା ପଡ଼ା ଚାଲିଥିଲା। କୁକୁଡ଼ା ଲଢ଼େଇରେ ଲକ୍ଷାଧିକ ଟଙ୍କା ବାଜି ଲାଗୁଥିବା ବେଳେ ଅନେକ ଶହ କୁକୁଡ଼ା ମୃତ୍ୟୁ ଘଟୁଛି। ଖବର ପାଇ ପାଟଣା ପୋଲିସ ପକ୍ଷରୁ ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ମାତ୍ର ପୋଲିସ ଆସିବା ଜାଣି କୁକୁଡ଼ା ପଡ଼ା କରୁଥିବା ଓ ବାଜି ଲଗାଉଥିବା ଲୋକେ ଛତ୍ରଭଙ୍ଗ ଦେଇ ଦୌଡ଼ି ପଳାଇଥିଲେ। ପୋଲିସ ଟୁସୁ ମେଳା ଆୟୋଜକଙ୍କୁ ଡାକି ବେଆଇନ କୁକୁଡ଼ା ପଡ଼ା ନ କରିବାକୁ କହିଥିଲା। ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ବେଆଇନ ଭାବେ ହେଉଥିବା କୁକୁଡ଼ା ପଡ଼ା ବନ୍ଦ କରିବାକୁ ଏସ୍‌ପି ନୀତିନ କୁଶଳକର ଦାଗୁଡୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଚଢ଼ାଉ କରିବାକୁ ସଧାରଣରେ ଦାବି ହେଉଛି।

## ମାଟ୍ରିକ୍ ପରୀକ୍ଷା ଦେବେ ୧୮୮୬ ଛାତ୍ରୀଛାତ୍ର

### ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ

ଚମ୍ପୁଆ,୨୨।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ଆଗାମୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଚମ୍ପୁଆ ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ୧୮୮୬ ଜଣ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଥିବା ବେଳେ ବ୍ଲକ୍‌ରେ ୧୦ ଗୋଟି ପରୀକ୍ଷା କେନ୍ଦ୍ରରେ ୮୮୦ ଜଣ ଛାତ୍ର ଓ ୧୦୦୬ ଜଣ ଛାତ୍ରୀ ବୋର୍ଡ ପରୀକ୍ଷା ଦେବେ। ପରୀକ୍ଷା ସୁଚାରରୂପେ ପରିଚାଳନା ପାଇଁ ଅବ୍‌ଜର୍ଭର୍ ନିଯୁକ୍ତ କରାଯାଇଛି। ସୁପରିଣ୍ଟେଣ୍ଡେ ମାଧ୍ୟମରେ ପରୀକ୍ଷା କରାଯିବ ଏବଂ ପରୀକ୍ଷା ପରିଚାଳକଙ୍କୁ ନିଯୁକ୍ତ କରାଯାଇଛି। ୧୯ ଫେବୃଆରୀ ୨୦୨୬ରୁ ପରୀକ୍ଷା ଆରମ୍ଭ ହୋଇ ୨୧ ମାର୍ଚ୍ଚ ୨୦୨୬ରେ ଶେଷ ହେବ ବୋଲି ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକ ସୂଚନା ଦେଇଛନ୍ତି।

## ହଦଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ଗୃହର ପ୍ରବେଶ ଉତ୍ସବ



ବଉଲା,୨୨।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହଦଗଡ଼ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହର ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସରପଞ୍ଚ ନିରୁପମା ନନ୍ଦି, ସିଡିପିଓ ଉମାମଣୀ ମହାପାତ୍ର, ସୁପରଭାଇଜର ପ୍ରମୁଖ ଯୋଗଦେଇ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପଞ୍ଚାୟତର ପିଇଓ ଉମାକାନ୍ତ ସା, ଏଡିଇଓ ମୋହନ ନାୟକ, ପୂର୍ବତନ ସରପଞ୍ଚ ମଦନ ମୋହନ ନନ୍ଦି ଉପସ୍ଥିତ ଥିଲେ। ୱାର୍ଡ ସଭ୍ୟାସଭ୍ୟ ଜୟନ୍ତୀ ନାୟକ, ସୁସୁଲ ନାୟକ, ଜୁମାଲ ହୋ, ସୁନାରାମ ହେମ୍ବ୍ରମ, ଜ୍ୟୋସ୍ନାରାଣି ନାୟକ, ରଶ୍ମିତା ଜେନା, ମୀନତି ଟୁଡୁ, ସବିତା ସୁରେନ୍, ରମାକାନ୍ତ ନାୟକ, ଆଶିଷ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ଅବସରରେ ପୂର୍ବତନ ସରପଞ୍ଚ ଗୌରାଙ୍ଗ ବେହେରା, ଅଭିମନ୍ୟୁ ନାୟକ, ବିଣା ବିନ୍ଧିଆ, ମଦନ ମୋହନ ନନ୍ଦି, ମମତା ନାୟକ, ଅଶୋକ ଜେନାଙ୍କୁ ଅତିଥି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ମଦନ ମୋହନ ନନ୍ଦି ପରିଚାଳନା କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଇଁ ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଅତିଥିମାନେ।

ପାଟଣା,୨୨।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ସ୍ତରୀୟ ୭୭ତମ ସଧାରଣତନ୍ତ୍ର ଦିବସ ଉପଲକ୍ଷେ ଗୁରୁବାର ପାଟଣା ମୁଖ୍ୟାଳୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସାମ ପାଟଣାଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ରଚନା, ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜୁନିୟର, ସବ୍‌ଜୁନିୟର ଓ ସିନିୟର୍ ଗ୍ରୁପ ପାଇଁ ଅନୁଷ୍ଠିତ ପ୍ରତିଯୋଗିତା ସମ୍ପନ୍ନ ହୋଇଥିବା ବେଳେ ଫଳାଫଳ ୨୬ ଜାନୁଆରୀ ସୋମବାର ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଘୋଷଣା ଓ ପୁରସ୍କାର ପ୍ରଦାନ କରାଯିବ। ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପାର୍ଥ ସାରଥୀ ଜେଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ମୁଖ୍ୟ ବକ୍ତାଭବେ ପାଟଣା ବିଡିଓ ମାନସ ଦଣ୍ଡପାଟ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ଗଣେଶ୍ୱର କର, ନିଖିଳ ଉତ୍କଳ ପ୍ରାଥମିକ ବିଦ୍ୟାଳୟ ଜିଲା ସମ୍ପାଦକ କମଳାକାନ୍ତ ପତି, ପାଟଣା ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା

ଯୋଡ଼ା,୨୨।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ) ଆନୁକୂଲ୍ୟରେ ବୁଧବାରସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ସୁଜିତ ରଥଙ୍କ ସଂଯୋଜନାରେ ଯୋଡ଼ା ଏସ୍‌ଡିଓ ସୁଦୀପ୍ତ ବିଶାଳ, ଜେଇ ଗୋପକୃଷ୍ଣ ପାତ୍ର, ସୁରକ୍ଷା ଅଧିକାରୀ ଦିଲ୍ଲୁ ରାଉତ, ଲାଇନ୍ ମ୍ୟାନ ଦୀପକ ବେହେରାଙ୍କ ସମେତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଯୋଡ଼ା ଟିପିଏନ୍‌ଓଡିଏଲ କାର୍ଯ୍ୟାଳୟ ପରିସରରୁ ସଡ଼କ ସୁରକ୍ଷା ସଚେତନତା ସମ୍ବନ୍ଧୀୟ ପ୍ଲା-କାର୍ଡ ଧରି ଓ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ। ପରେ ଯୋଡ଼ା ଏନ୍‌ଏସି ଗେଟ୍ ଛକ, ତାରିଣୀ ଛକ, ବ୍ଲକ୍ ଛକ ଓ ଥାନା ନିକଟ ସଚେତନତା ଶୋଭାଯାତ୍ରାରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର, ଦୃତ ଗତିରେ ଗାଡ଼ି ଚାଳନା ନ କରିବାକୁ ପରାମର୍ଶ ଦେବା ସହ ବାଇକ ଚାଳନା ସମୟରେ ହେଲମେଟ ବ୍ୟବହାର ଓ ଯାନବାହନ ଚାଳନା ସମୟରେ ସିଟ୍‌ବେଲ୍ଟ ବ୍ୟବହାର କରିବା, ନିଶାଶକ୍ତ ଅବସ୍ଥାରେ ଗାଡି ନ ଚଳାଇବା ଏବଂ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଚାଳକଙ୍କୁ ଅନୁରୋଧ କରାଯାଇଥିଲା। ହେଲମେଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରି ହେଲମେଟ୍ ପିନ୍ଧିବା ନିମନ୍ତେ ପରାମର୍ଶ ଦେବା ସହିତ ହେଲମେଟ୍ ପରିଧାନ କରିଥିବା ବାଇକ୍ ଚାଳକକୁ ଚକୋଲେଟ ଦେଇ ସଚେତନତା କରିଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା

ବଞ୍ଜୋ,୨୨।୧(ପ୍ରଦୋଷ କୁମାର ବିଶ୍ୱାଳ )

କେନ୍ଦୁଝର ଜିଲା ଆନନ୍ଦପୁର ଶାଳପଡ଼ାଠାରେ ଥିବା ସରକାରୀ ଆଇଟିଆଇ କଲେଜ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥିଭାବେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ, ଅତିରିକ୍ତ ଜିଲା ଦୌରାଜଜ ଦେବଦତ୍ତ ଦାସ ମହାପାତ୍ର ଯୋଗଦେଇ ବର୍ତ୍ତମାନର ଯୁବପିଢ଼ି କିପରି ନିଶା କବଳରୁ ନିଜକୁ ନିବୃତ୍ତ ରଖି ଏକ ସୁସ୍ଥ ସମାଜ ଓ ପରିବେଶ ଗଠନ କରାଯାଇପାରିବ ସେ ନିମନ୍ତେ ନିଜର ବକ୍ତବ୍ୟ ରଖିଥିଲେ। ନିଶା କବଳରେ ଥିବା ଯୁବପିଢିଙ୍କୁ ସକାରାତ୍ମକ ଚିନ୍ତାଧାରା ଓ ଉଚିତ ପଦକ୍ଷେପ ଗ୍ରହଣ କରି ସେମାନଙ୍କୁ କେମିତି ସାମାଜିକ ମୁଖ୍ୟସ୍ରୋତକୁ ଅଣାଯାଇ ପାରିବ ସେ ଦିଗରେ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ଗୌରବ ପୁରୋହିତ, ସିଭିଲ ଜଜ୍ ସିନିୟର୍ ଡିଭିଜନ କମଳ ପଣ୍ଡା, ବାର ଆସୋସିଏଶନର ସଭାପତି ଦୟାନିଧି ଦାଶ, ଆଇନଜୀବୀ ବାଇଧର ସେଠୀ, ହେମରଞ୍ଜନ ବେହେରା ଯୋଗଦେଇଥିଲେ। ମାଦକ ଦ୍ରବ୍ୟର ପରିଣାମ, ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ, ସାମାଜିକ କ୍ଷତି ଓ ସେଥି ପ୍ରତି ସକାରାତ୍ମକ ଚିନ୍ତାଧାରା, ସଚେତନ ଜୀବନଶୈଳୀ ଓ ବ୍ୟକ୍ତିଗତ ନିଷ୍ଠା ଉପରେ ଆଲୋଚନା ହୋଇଥିଲା। ଶେଷରେ ସରକାରୀ ଆଇଟିଆଇ କଲେଜର ଅଧ୍ୟକ୍ଷ ବଳରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ମଧ୍ୟ ଉପସ୍ଥିତ ଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ, ତାଲୁକ ଆଇନ ସେବା କର୍ମଚାରୀ ଏବଂ କଲେଜ କର୍ମଚାରୀ ସହଯୋଗ କରିଥିଲେ।




ସଭାରେ ଉପସ୍ଥିତ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଓ ଅନ୍ୟମାନେ।

# ଆଧୁନିକ ପଦ୍ଧତିରେ ଷ୍ଟ୍ରବେରି ଚାଷ ଦେଇଛି ପରିଚୟ

### ଖଣି ଅଞ୍ଚଳର ସଫଳ ଚାଷୀ ଗଙ୍ଗାଧର

ଯୋଡ଼ା,୨୨।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳର ଲାଲ ମାଟିରେ ଚାଷର ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି ଚମକପୁର ପଞ୍ଚାୟତ ଅଧୀନ ରେଭେନ୍ସାପୁର (କ) ଗାଁର ଗଙ୍ଗାଧର ମୁଣ୍ଡା। ସ୍ଥାନୀୟ ବୃନ୍ଦାଶ୍ରମ ନିକଟସ୍ଥ ସୁନା ନଦୀ କୂଳରେ ଆଧୁନିକ ପଦ୍ଧତିରେ ଷ୍ଟ୍ରବେରି ଓ ଅନ୍ୟ ପରିବା ଚାଷକରି ସଫଳତାର ନୂଆ କାହାଣୀ ଲେଖିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସହଯୋଗ, ପ୍ରାକୃତିକ ପଦ୍ଧତିରେ ଚାଷକରି ସେ ସଫଳ ଚାଷୀ ହେବା ସହ ସ୍ୱାବଲମ୍ବୀ ହୋଇପାରିଥିବା କହିଛନ୍ତି।



ସୂଚନା ଅନୁଯାୟୀ, ୨୦୨୦ରେ ଏକ ସରକାରୀ ପ୍ରକଳ୍ପ ପାଇଁ ନିଜ ଜମି ହରାଇବା ପରେ ଗଙ୍ଗାଧର ଯୋଡ଼ା ଅଞ୍ଚଳକୁ ଆସିଥିଲେ। ଜମିହରା ପରିବାରର ଅଧିକାଂଶ ଲୋକ ଖଣିରେ ଶ୍ରମିକଭାବେ କାମ କରୁଥିବା ବେଳେ ଗଙ୍ଗାଧର ପିଲାଦିନରୁ କୃଷକ ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ସ୍ଥାନୀୟ ଜମି ମାଲିକଙ୍କ ସହଯୋଗରେ ପଡ଼ିଆ ପଡ଼ିଥିବା ୪ ଏକର ଜମିରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସାୟନିକ ସାର ବ୍ୟବହାର ଫଳରେ ମାଟିର ଉର୍ବରତା ହ୍ରାସ ପାଉଥିବା ଦେଖି ଗଙ୍ଗାଧର ଚିନ୍ତିତ ଥିଲେ। ଏହି ସମୟରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ତାଙ୍କୁ ସହାୟତାର ହାତ ବଢ଼ାଇଥିଲା। ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ମଲ୍ଟିଂ, ବୀଜାମୃତ ଏବଂ ଜୀବାମୃତ ଭଳି ପ୍ରାକୃତିକ ଚାଷ ପ୍ରଣାଳୀ ବାବଦରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାଦ୍ୱାରା ଚାଷ ଖର୍ଚ୍ଚ କମିବା ସହ ଅମଳ ମଧ୍ୟ ବୃଦ୍ଧି ପାଇଲା। ଜମିରେ ବିଭିନ୍ନ ପ୍ରକାର ପନିପରିବା, ଶାଗ ଏବଂ ପିଜୁଳି, ଅମୃତଭଣ୍ଡା ଭଳି ଫଳଚାଷ କରିବା ସହ ଷ୍ଟ୍ରବେରି ଚାଷ କରି ଗଙ୍ଗାଧର ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିଗତ ୩ ବର୍ଷ ଧରି ଷ୍ଟ୍ରବେରି ଚାଷ କରିଆସୁଥିବା ବେଳେ ଏହା ଲାଭଦାୟକ ଚାଷ ବୋଲି ଗଙ୍ଗାଧର କୁହନ୍ତି। ଷ୍ଟ୍ରବେରି ଚାଷରୁ ବାର୍ଷିକ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ କରନ୍ତି।

ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଲିହାଉସ, ବିହନ ଏବଂ ବୈଷୟିକ ପରାମର୍ଶ ବଳରେ ସେ ମାସିକ ପ୍ରାୟ ୨୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଖଣି ଗୁଣ୍ଡରୁ ଫସଲକୁ ସୁରକ୍ଷା ଦେବା ପାଇଁ ସେ ଡ୍ରିପ୍ ଇରିଗେଶନ ଏବଂ ସ୍ପ୍ରିଙ୍କଲର ବ୍ୟବହାର କରୁଛନ୍ତି। ଚାଷ ପାଇଁ ଆଗ୍ରହୀ ଥିବା ଲୋକ ଗଙ୍ଗାଧରଙ୍କ ଫସଲ ବୁଲି ଦେଖିବା ସହ ତାଙ୍କଠାରୁ ପ୍ରାକୃତିକ ଚାଷ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝୁଛନ୍ତି। ଖଣିର ଛାଇ ତଳେ ଗଙ୍ଗାଧର ବୁଣିଥିବା ଏହି ସବୁଜ ସ୍ୱପ୍ନ ସାରା କେନ୍ଦୁଝର ଜିଲାର ଚାଷୀଙ୍କୁ ଏକ ନୂଆ ଦିଗ ଦେଖାଇଛି। ଗଙ୍ଗାଧରଙ୍କ ସଫଳତା ସମ୍ପର୍କରେ ଟାଟା ଷ୍ଟିଲ ଫାଉଣ୍ଡେଶନର ଯୋଡ଼ା ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ରବୀନ୍ଦ୍ର କୁମାର କହିଛନ୍ତି, ଗଙ୍ଗାଧରଙ୍କ ସଫଳତା ପ୍ରମାଣ କରିଛି ଯେ, ଠିକ୍ କୌଶଳ ଏବଂ ସହଯୋଗ ମିଳିପାରିଲେ ପ୍ରତିକୂଳ ପରିବେଶରେ ମଧ୍ୟ କୃଷିକୁ ଜୀବିକା ଭାବେ ଗ୍ରହଣ କରାଯାଇପାରିବ।

# ୬ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

**ବାରିପଦା,୨୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ରାଷ୍ଟ୍ରପତି ଭବନ ସେକ୍ରେଟେରିଏଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଫେବୃଆରୀ ୨ରୁ ୭ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେବେ ବୋଲି ପ୍ରସ୍ତାବ ରହିଛି। ସେଥି ମଧ୍ୟରୁ ୪,୫ ଓ ୬ ତାରିଖ ତିନି ଦିନ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶିମିଳିପାଳ ଅଭୟାରଣ୍ୟରେ ସମୟ ବିତାଇବେ।

ସୂଚନା ଅନୁଯାୟୀ, ଏକ ବର୍ଷ ପରେ ରାଷ୍ଟ୍ରପତି ଫେବୃଆରୀ ୨ ତାରିଖ ସୋମବାର ରାଷ୍ଟ୍ରପତି ଭବନରୁ ବାହାରି ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ମଙ୍ଗଳବାର ହେଲିକପ୍ଟର ଯୋଗେ ଯାଜପୁର ଜିଲା ମା' ବିରଜାଙ୍କ ମନ୍ଦିରକୁ ଯାଇ ଦେବୀ ଦର୍ଶନ କରିବେ। ସେଠାରୁ ବାହାରି ବାଲେଶ୍ୱର ଜିଲା ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଏବଂ ଏକ ଅଡିଟୋରିୟମର ଶୁଭ ଉଦ୍ଘାଟନ କରିବେ। ସେଠାରୁ ଅପରାହ୍ନରେ ବାହାରି ପୁରୀ ଜିଲା ତାଳବଣିଆ ହେଲିପ୍ୟାଡରେ ଅବତରଣ କରିବେ ଓ ଶ୍ରୀମନ୍ଦିର ଯାଇ ଜଗନ୍ନାଥ ଦର୍ଶନ ସହ ରାଜ୍ୟପାଳଙ୍କ ଭବନରେ ରାତ୍ରିଯାପନ କରିବେ। ୪ ତାରିଖ ସକାଳୁ ବାହାରି ମୟୂରଭଞ୍ଜ ଜିଲା ରାଇରଙ୍ଗପୁରସ୍ଥିତ ଡାଣ୍ଡବୋଷ ହେଲିପ୍ୟାଡରେ ଅବତରଣ କରିବେ। ପରେ ମହୁଲଡିହାସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଛାତ୍ରୀଙ୍କ ସହ ଭାବ ବିନିମୟ କରିବେ। ସେଠାରୁ ବାହାରି ବଇଦାପୋଷିଠାରେ ପହଞ୍ଚି ଏକ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଶୁଭ ଉଦ୍ଘାଟନ କରିବେ। ଅପରାହ୍ନରେ କଟେରୀ ପଡ଼ିଆରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଇଆଇଏଫଏମ, ଓୟୁଏଟି କ୍ୟାମ୍ପସ, ଆର୍ଚେରୀ ସେଣ୍ଟର, ଆୟୁଷ ସେଣ୍ଟର ଓ ଭିତର ଫ୍ରିଷ୍ଟ ଆପ୍ରେଗ୍ରେସନ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହା ସହିତ ଆଦିବାସୀ ଗବେଷଣା କେନ୍ଦ୍ର ଓ ଏମ୍ପିସି ବିଶ୍ୱବିଦ୍ୟାଳୟର ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସର ଶୁଭ ଉଦ୍ଘାଟନ କରିବେ । ୫ତାରିଖ ଗୁରୁବାର ଉପରବେଡ଼ା, ପାହାଡ଼ପୁର ଓ ରାଇରଙ୍ଗପୁରଠାରେ ଡକ୍ୟୁମେଣ୍ଟାରୀ ଫିଲ୍ମ ସୁଟିଂରେ ଯୋଗଦେବା ପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପରିଦର୍ଶନରେ ଯାଇ ଦେବ ଦର୍ଶନ କରିବେ। ଅପରାହ୍ନରେ ଡାଣ୍ଡବୋଷ ହେଲିପ୍ୟାଡରୁ ଯଶିପୁର ଯାଇ ଶିମିଳିପାଳ ଅଭୟାରଣ୍ୟରେ ସମୟ ବିତାଇବେ।

# ଉଡ଼ାବାଲିରେ ଉଡ଼ିଲା ତ୍ରିରଙ୍ଗା

## ଉପକୂଳ ସୁରକ୍ଷା ପାଇଁ ଖର୍ଚ୍ଚ ହେବ ୧୪୯ କୋଟି: ଡିଜିପି

**ଭଦ୍ରକ,୨୨।୧(ସନାତନ ରାଉତ)**

୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଭଦ୍ରକ ଜିଲା ଧାମରା ବନ୍ଦର ନିକଟସ୍ଥ ଉଡ଼ାବାଲି ଦ୍ୱୀପରେ ତ୍ରିରଙ୍ଗା ଉଡ଼ାଯାଇଛି। ଉପକୂଳ ସୁରକ୍ଷା ଓ ଉପକୂଳରେ ଶହୀଦଙ୍କ ଲାଗି ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୧୩ଟି ବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଓଡ଼ିଶାର ଏସବୁ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସନ୍ଦେଶ ଦିଆଯାଉଛି। ଉପକୂଳ ସୁରକ୍ଷା ପାଇଁ ସରକାର ଗତ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟରେ ଉଡ଼ାବାଲି ଦ୍ୱୀପ ଲାଗି ୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ସାମୁଦ୍ରିକ ପୋଲିସର କ୍ଷମତା ବଢ଼ାଇବା ଓ ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଚଳିତବର୍ଷ ଅତିରିକ୍ତ ବଜେଟରେ ୧୪୯ କୋଟି ଟଙ୍କା ବରାଦ କରାଯାଇଛି। ସାମୁଦ୍ରିକ ପାଟ୍ରୋଲିଂ ସକାଶେ ଯନ୍ତ୍ରଚାଳିତ ସ୍ପିଡ୍‌ବୋଟ୍, ଟ୍ରଲର, ଡ୍ରୋନ୍, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତା ନିୟୋଜନ, ମାଛଧରା ଅବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୋଲିସ ନିୟୋଜନ ଏବଂ ସିସି କ୍ୟାମେରା ସ୍ଥାପନ ଏବଂ ସମସ୍ତ ସାମୁଦ୍ରିକ ଥାନାରେ କଣ୍ଟ୍ରୋଲ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହାକୁ



ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଜାତୀୟ ପତାକାକୁ ସାଲ୍ୟୁଟ୍ କରୁଛନ୍ତି।

### ସାମୁଦ୍ରିକ ଥାନାଗୁଡ଼ିକରେ ପ୍ରତିଷ୍ଠା ହେବ ପୋଲିସ କଣ୍ଟ୍ରୋଲ ସେଣ୍ଟର

ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡୋ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଆଗାମୀ ୩ଦିନ ମଧ୍ୟରେ କନିକା ସ୍ୟାଣ୍ଡସ, ଲଙ୍ଗ୍ ହୁଇଲର୍, କୋକୋନଟ୍ ହୁଇଲର୍, ସ୍ମଲ୍ ହୁଇଲର, ନୟା ଟାପୁ, ବୁଦ୍ଧିଆବାଲି, ହୁକିଟୋଲା, କାଦୁଆପାଳ, ଧାନିଛଡ଼ା, ପାରିକୁଦ, ନଳବଣ ଏବଂ କାଳିଜାଇ ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହାସହ ଅନୁପ୍ରବେଶ ଉପରେ କଡ଼ା ନଜର ରଖାଯିବ। ସେହିପରି ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାବେଳେ ଲାଇଫ୍ ଜ୍ୟାକେଟ୍ ବ୍ୟବହାର କରିବା, ଅନୁପ୍ରବେଶକାରୀଙ୍କ ବିଷୟରେ ସୂଚନା ଦେବା ସହ ସତର୍କ ରହିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସପ୍ତମ ଓଡ଼ିଶା ଏନ୍‌ସିସି ବାଟାଲିୟନର କମାଣ୍ଡାଣ୍ଟ ଏସ୍.ଏସ୍. ରଘୁବଂଶୀଙ୍କୁ ସମ୍ମାନିତ କରାଯାଇଛି। ମତ୍ସ୍ୟଜୀବୀ ରମାକାନ୍ତ ଭୂୟାଁ, ସୁଧୀର ପାତ୍ର ଓ ପିଣ୍ଟୁ ମଣ୍ଡଳଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସେଠାରେ ଚାରାରୋପଣ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଲୱେ ତଥା ଉପକୂଳ ସୁରକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଅରୁଣ ବୋଥ୍ରା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଭଦ୍ରକ ଏସ୍‌ପି ମନୋଜ ରାଉତ ଯୋଗ ଦେଇଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ରିଜର୍ଭ ଇନ୍ସପେକ୍ଟର ଦେବାଶିଷ ଭୂୟାଁ, ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଗତବର୍ଷ ଜାନୁଆରୀ ୨୨ରେ ଏଠାରେ ଅନୁରୂପ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରକାଶଥାଉ କି, ଏହି ଦ୍ୱୀପର ନାମ କନିକା ଥିଲା। ଉକ୍ତ ଦ୍ୱୀପରେ ସରୁ ବାଲି ଉଡ଼ିବା ଯୋଗୁ ମତ୍ସ୍ୟଜୀବୀମାନେ ପରବର୍ତ୍ତୀ ସମୟରେ ତାହାର ନାମ ଉଡ଼ାବାଲି ଦେଇଥିଲେ। ଧାମରା ବନ୍ଦରରୁ ସାମୁଦ୍ରିକ ପଥରେ ୮ କିଲୋମିଟର ଦୂରରେ ଏହା ଅବସ୍ଥିତ। ପଶ୍ଚିମବଙ୍ଗ ଏହି ଦ୍ୱୀପକୁ ନିଜର ବୋଲି ଦାବି କରିଥିଲା। ଏହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି।

# ବାହୁଦା ନଦୀରେ ବୁଡ଼ି ୨ ଛାତ୍ର ମୃତ

## ସରସ୍ୱତୀ ପୂଜା ପାଇଁ ବିଦ୍ୟାଳୟରେ ସାଜସଜ୍ଜା କରି ଘରକୁ ଫେରୁଥିଲେ

**ଦିଗପହଣ୍ଡି/ଚିକିଟି,୨୨।୧(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)**

ରାତି ପାହିଲେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା। ମାତ୍ର ବିଦ୍ୟାଳୟରେ ପୂଜା ସାଜସଜ୍ଜା ଦାୟିତ୍ୱରେ ଥିବା ଛାତ୍ରଙ୍କ ମଧ୍ୟରୁ ୨ ଜଣ ବାହୁଦାନଦୀ ପଠାକୁ ଶୌଚ ହେବାକୁ ଯାଇଥିବାବେଳେ ଗଣ୍ଡରେ ବୁଡି ପ୍ରାଣ ହରାଇଛନ୍ତି। ସମ୍ପୃକ୍ତ ୨ଛାତ୍ର ହେଲେ ଗଞ୍ଜାମ ଜିଲା ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ୮ମ ଶ୍ରେଣୀ ଛାତ୍ର ଶାଶ୍ୱତ ପାତ୍ର (୧୩) ଏବଂ ବୋମକେଇ ଗ୍ରାମର ୭ମ ଶ୍ରେଣୀ ଛାତ୍ର ବିଶ୍ୱାସ ପ୍ରଧାନ (୧୨)। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନୂଆପଡ଼ା ଗ୍ରାମସ୍ଥିତ ମାର୍ଗଦର୍ଶୀ ଶିଶୁ ମନ୍ଦିରର ଏହି ଦୁଇ ଛାତ୍ରଙ୍କ ସହ ଅନ୍ୟମାନେ ବିଦ୍ୟାଳୟରେ ହେଉଥିବା ସରସ୍ୱତୀ ପୂଜା ପାଇଁ ସାଜସଜ୍ଜା ଦାୟିତ୍ୱରେ ଥିଲେ। ପୂଜା ସାଜସଜ୍ଜା ପାଇଁ ଗୁରୁବାର ମଧ୍ୟାହ୍ନରେ ବିଦ୍ୟାଳୟ ଛୁଟି ହୋଇଯାଇଥିଲା। ବିଶ୍ୱାସ ମଧ୍ୟ ସାଇକେଲ ଯୋଗେ ଘରକୁ ଯାଇ ନିଜ ବହିପତ୍ର ରଖି ବିଦ୍ୟାଳୟକୁ ଆସିଥିଲେ। ଶାଶ୍ୱତ ଆଉ ଘରକୁ ଯାଇ ନ ଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ଘରେ ଛାଡିଦେବା ବ୍ୟବସ୍ଥା କରିବେ ବୋଲି କହିଥିଲେ। ତେବେ ସାଜସଜ୍ଜା ସରିବା ପରେ ସନ୍ଧ୍ୟାରେ ଶାଶ୍ୱତ,ବିଶ୍ୱାସଙ୍କ ସହ ଅନ୍ୟମାନେ ନିଜନିଜ ଗ୍ରାମକୁ ଫେରୁଥିଲେ। ଶାଶ୍ୱତ ଓ ବିଶ୍ୱାସ ଚାନ୍ଦପୁର-ନୂଆପଡ଼ା ବ୍ରିଜ ତଳେ ଥିବା ବାହୁଦା ନଦୀ ଗଣ୍ଡକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ବିଶ୍ୱାସ ନଦୀ ଗଣ୍ଡର ଗଭୀର ପାଣିକୁ ଚାଲିଯାଇଥିଲେ। ଶାଶ୍ୱତ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ଥିବା ଅନ୍ୟ ସହପାଠୀମାନେ ଏହା ଦେଖି ଚିତ୍କାର କରିଥିଲେ। ଆଖପାଖରେ ଥିବା ଲୋକେ ଦୌଡ଼ି ଆସି ଉଭୟଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଖବରପାଇ ଚିକିଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପ୍ରଥମେ ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁରରେ ଉପସ୍ଥିତ ଡାକ୍ତରୀ ଟିମ୍‌ର ସମସ୍ତ ଚେଷ୍ଟା ସତ୍ତ୍ୱେ ଉଭୟଙ୍କ ମୃତ୍ୟୁ ଘଟିଥିଲା ବୋଲି ଶାଶ୍ୱତଙ୍କ ସମ୍ପର୍କୀୟ କାଲୁ ଚରଣ ପାତ୍ର କହିଛନ୍ତି। ସୂଚନା ପାଇ କେ. ନୂଆଗାଁ ଥାନା ପୋଲିସ ଟିମ୍ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିଥିଲା।

# 'କୋଟିଆ ବିକାଶ' ପାଇଁ ୨୯୦ କୋଟି

## ୨୦ବିଭାଗ ନେଲା ଦାୟିତ୍ୱ

**ଭୁବନେଶ୍ୱର,୨୨।୧ (ରବିନାରାୟଣ ଜେନା)**

ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ କୋରାପୁଟ ଜିଲା କୋଟିଆର ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଲୋକେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ତାକୁ ନେଇ ସରକାର 'କୋଟିଆ ବିକାଶ' ନକ୍ସା ପ୍ରସ୍ତୁତ କରିଛନ୍ତି। ଏହି ନକ୍ସାରେ ୨୯୦କୋଟି ୪୪ଲକ୍ଷ ଟଙ୍କା ଉକ୍ତ ଅଞ୍ଚଳରେ ବିନିଯୋଗ କରାଯିବାକୁ ଲକ୍ଷ୍ୟ ରହିଛି।

ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ସମ୍ପୃକ୍ତ ୨୦ ବିଭାଗକୁ ତା'ର କାର୍ଯ୍ୟ ସମ୍ପାଦନା କରିବାକୁ କୁହାଯାଇଛି। ଜାନୁଆରୀ ୧୭ରେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାହୁ ସମ୍ପୃକ୍ତ ବିଭାଗକୁ ପତ୍ର ଲେଖି ଦର୍ଶାଇଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳକୁ ଏକ ପ୍ରତିନିଧି ମଣ୍ଡଳୀ ଗସ୍ତ କରିଥିଲା। ଏହାକୁ ନେଇ ରାଜସ୍ୱମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆର ବିକାଶ ପାଇଁ ଯେଉଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ତା'ର ଆଧାରରେ ତୁରନ୍ତ ଉକ୍ତ ଅର୍ଥ ବିନିଯୋଗର 'ଆକ୍ସନପ୍ଲାନ୍' ପ୍ରଦାନ କର। ବିଭାଗର ତଥ୍ୟ ଅନୁଯାୟୀ, କୋଟିଆର ବିକାଶ ପାଇଁ କୃଷି ବିଭାଗ ପକ୍ଷରୁ ପ୍ରାୟ ୫୦ଟି ସ୍ଥାନରେ ପନିପରିବା ଓ ମକା ଚାଷ ଲାଗି ୧କୋଟି ୫୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ରହିଛି। ସେହିପରି କୋଟିଆ ଅଞ୍ଚଳରେ ଥିବା ଅଭାବୀ ପରିବାରକୁ ବିଦ୍ୟୁତ୍ ସଂଯୋଗ କରିବା ଲାଗି ଶକ୍ତି ବିଭାଗ ପକ୍ଷରୁ ୭କୋଟି ୧୯ଲକ୍ଷ ଟଙ୍କାର ଭିତ୍ତିଭୂମି ପ୍ରସ୍ତୁତ କରାଯିବାକୁ ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ୭୦ଲକ୍ଷ, ସ୍ୱାସ୍ଥ୍ୟ ବିଭାଗ ୪କୋଟି ୪୧ଲକ୍ଷ, ଗୃହ ବିଭାଗ ପକ୍ଷରୁ ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ରହିଛି। ଏହାସହିତ ଉଦ୍ୟାନକୃଷି ବିଭାଗ ପକ୍ଷରୁ ୮କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ଜୀବନଜୀବିକା ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମିଶନ ଶକ୍ତି ୭କୋଟି, ଓରମାସ୍ ୧.୫୪କୋଟି, ପଞ୍ଚାୟତିରାଜ ବିଭାଗ ୪୪କୋଟି, ରାସ୍ତା ଓ କୋଠାବାଡ଼ି ଭିତ୍ତିଭୂମି ପାଇଁ ୪୦.୩୭କୋଟି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୩୩.୪୫କୋଟି, ଗଣଶିକ୍ଷା ବିଭାଗ ପକ୍ଷରୁ ୪୦କୋଟି, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨.୮୬କୋଟି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୩୨କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୫୫ଲକ୍ଷ, ପଶୁସମ୍ପଦ ବିଭାଗ ପକ୍ଷରୁ ୪.୮୫କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୪.୫୭କୋଟି ଏବଂ ଅନ୍ୟାନ୍ୟ କ୍ଷେତ୍ର ଲାଗି ପ୍ରାୟ ୧୭କୋଟି ଟଙ୍କା ବିନିଯୋଗ କରାଯିବାକୁ ରହିଛି।

ସୂଚନାଯୋଗ୍ୟ, କୋଟିଆ ପାଇଁ ଏବେ ୫ଟି ବଡ଼ ଆହ୍ୱାନ ରହିଛି। ଉକ୍ତ ଅଞ୍ଚଳରେ ନେଟ୍‌ୱର୍କ ବ୍ୟବସ୍ଥା ଠିକ୍ ନ ଥିବାବେଳେ ୨୧ଟି ଗ୍ରାମର ଜମି ସର୍ଭେ ହୋଇନାହିଁ। ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ୍‌ଆଇଆର୍) ହୋଇ ନ ଥିବାବେଳେ ଲୋକଙ୍କ ଆଧାରକାର୍ଡ ବିଭିନ୍ନ ସରକାରୀ ଯୋଜନା ସହିତ ସଂଲଗ୍ନ ହୋଇନାହିଁ। ଏହି ଦୃଷ୍ଟିରୁ ପ୍ରଥମେ ଉକ୍ତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ ହେବାର ଆବଶ୍ୟକତା ରହିଛି ବୋଲି ପତ୍ରରୁ ଜଣାଯାଇଛି।

# ମଙ୍ଗଳା ମନ୍ଦିର ୩ ୟ ହୁଣ୍ଡିରୁ ୯, ୧୭, ୩୬୦ ଟଙ୍କା ସଂଗ୍ରହ

**ଅସ୍ତରଙ୍ଗ,୨୨।୧(ମମତା ଜେନା)**

କାକଟପୁରର ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳାଙ୍କ ବେଢ଼ା ପରିସରରେ ଥିବା ତୃତୀୟ ହୁଣ୍ଡିରୁ ୯ଲକ୍ଷ ୧୭ ହଜାର ୩୬୦ ଟଙ୍କା ସଂଗ୍ରହ କରାଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ, ପୋଲିସ ପ୍ରଶାସନ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ, ବ୍ୟାଙ୍କ ଶାଖା ପରିଚାଳକଙ୍କ ସମେତ ମନ୍ଦିର କର୍ମଚାରୀମାନେ ଉପସ୍ଥିତ ରହି ହୁଣ୍ଡି ଖୋଲିବା ପରେ ମନ୍ଦିର ଅଫିସ କାର୍ଯ୍ୟାଳୟକୁ ସଂଗୃହୀତ ଅର୍ଥ ନିଆଯାଇ ସିସିଟିଭି ନଜରରେ ଗଣାଯାଇଥିଲା। ଭକ୍ତମାନେ ଏହି ହୁଣ୍ଡିରେ ମା'ଙ୍କୁ ଅର୍ଥ ସମେତ କିଛି ସୁନା ଓ ରୁପା ମଧ୍ୟ ଦାନ କରିଥିବା ଦେଖିବାକୁ ମିଳିଥିଲା। ସଂଗୃହୀତ ସୁନା, ରୁପାକୁ ମନ୍ଦିର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
ODISHA MINING CORPORATION LTD. Mining Happiness

No.30001/1/2526

**Short Notice**

**For Sale of High Carbon Ferrochrome (HCFC)**

The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferro Chrome Plant, OMC Ltd. situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on **dt.27.01.2026 from 11.00 AM to 2.00 PM.**

For details, please visit the website of MSTC i.e. www.mstcecommerce.com.

OIPR-30001/30005/1/25-26/0001 **Chief General Manager (S&M)**

**ROURKELA MUNICIPAL CORPORATION**
Uditnagar, Rourkela, Pin-769012
Mail Id: rourkelamunicipality@gmail.com, Telephone: (0661) 2500388
TCN No.: 770 Date: 21.01.2026

**TENDER FOR INSURANCE OF MUNICIPAL VEHICLES**

**No.C-2155** : Rourkela Municipal Corporation (RMC) invites tender from intending reputed Contractors for Insurance of Municipal Vehicles. The detail of the Bid document is available in the RMC website i.e. www.rmc.nic.in. The interested Bidders may download the Bid document from RMC website from 21.01.2026 onwards.

The sealed Bid shall be submitted to the Commissioner, Rourkela Municipal Corporation, Uditnagar, Rourkela, Dist.-Sundargarh (Odisha), PIN-769012 on or before 04/02/2026 by 1.00 P.M. (in any working day) through registered post/Speed post/ Courier or in person super scribing as **"Tender for Insurance of Municipal Vehicles"**. The Tenders will be opened in presence of Bidders or their authorized representatives who wish to attend on the same day at 4.00 P.M. If the last date of submission, opening of tender and other schedule happens to be a holiday, the next working day will be treated as the schedule for the same.

Authority reserves the right to accept/ reject any or all the Tenders without assigning any reason thereof.

Sd./- Commissioner
OIPR- Rourkela Municipal Corporation

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**
E-Mail I.D.- rw_cuttack@yahoo.co.in, Ph.No.0671-2440662

**Cancellation of Tender Call Notice No. Tender-Online-RWD Ctc-15/2025-26, dt.20.12.2025**

**No-O-2117:** Due to unavaoidable circumstances the Tender Call Notice No.Tender-Online-RWD Ctc-15/2025-26 date 20.12.2025 is here by cancelled. All other terms & conditions remain unchanged. **Sd./- Superintending Engineer**
OIPR- **Rural Works Division, Cuttack**

**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO II**
**BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**
**Bid Identification No- C.C. (R&B) - 02**
**e - Procurement Notice No. 41 of 2025-26**

**No.B-1014** : The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for **Three** Number **Barricading** works to be received in online bidding, **Single** cover system as detailed in: https://tendersorissa.gov.in. The details of bid documents will be available in the above website from **22.01.2026 to 5.00 P.M of 31.01.2026**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **01.02.2026** in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer,
OIPR- BBSR (R&B) Division No.II, BBSR

**Notice-90 Dt.16.01.2026**

**No-F-111:** Tender Call Notice for engagement of 09 (Nine) Numbers of Group-D personnel in the Registration offices of Dhenkanal District on outsourcing basis through service provider agency.

Please visit Government website http://dhenkanal.odisha.gov.in

(1) Availability of Bid documents in Govt. portal.
(2) Last date of submission of tender document through Registered Post/ Speed Post at the District Sub-Registrar, Dhenkanal from 16.01.2026 to 30.01.2026 upto 5 P.M.

Sd./-
COLLECTOR & DISTRICT MAGISTRATE,
OIPR- DHENKANAL

**OFFICE OF THE NOTIFIED AREA COUNCIL, BOUDHGARH**
e-mail: boudhgarhnac@yahoo.co.in, Ph. No.: 06841-223024
**Quotation Call Notice No. 215/NAC Date: 20.01.26**

No. C-2149: Sealed quotations are invited from the Manufacturer/ Authorised Dealers/Companies/Firms/General order supplier having valid licence, PAN Card, GST Registration Certificate for **"Supply installation and commissioning of Computer and other items for Boudhgarh NAC"**. The quotation paper will be available in the official website of NAC, Boudhgarh i.e. **www.boudhgarhnac.in**, which can be downloaded in any working day from Dt.27.01.26 at 10.00 A.M. to Dt.03.02.26 upto 5.00 P.M. The quotation should be reached at Office of the NAC, Boudhgarh through Speed Post/ Regd. Post/Courier service or in person on or before Dt.04.02.26 by 2.00 P.M. and same will be opened on same day at 4.00 P.M. in presence of quotationer or their authorized agent who may wish to attend. The rate should be quoted inclusive all taxes. The payment will be made after inspection and successful installation of equipment. All other details will be available in the DTCN.

The authority reserves the right to accept or reject any or all quotation without assigning any reason thereof.

Sd./- Executive Officer
OIPR- NAC, Boudhgarh

No.A-1312

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, DRAINAGE DIVISION, JAGATSINGHPUR-754103**
email Id : eeddjspur@gmail.com

**e-procurement Notice No.SEDD-JSPUR-07/2025-26**

| | | | |
|---|---|---|---|
| 1 | Name of Works | : | Improvement, Construction of slope protection & Box Culvert |
| 2 | Total number of works | : | 02 (Two) nos. of Package |
| 3 | Bid Identification No. | : | 1. SEDD-JSPUR/JSP-11/2025-26<br>2. SEDD-JSPUR/JSP-12/2025-26 |
| 4 | Estimated Cost | : | Rs.82.95 Lakhs & Rs.81.61 Lakhs |
| 5 | Period of completion | : | 10 (Ten) Calendar months |
| 6 | Availability of Tender On-Line | : | From 22.01.2026 at 16.30 Hours to 05.02.2026 upto 17.30 Hours |
| 7 | Date of Opening of Technical Bid | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur |
| 8 | Class of Contractor | : | "B" Class |
| 9 | EMD required | : | As per DTCN |
| 10 | Cost of Tender paper | : | Rs.10,000/- |
| 11 | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. website www.tendersorissa.gov.in. Addendum / Corrigendum / Cancellation if any required will be published only in Govt. website www..tendersorissa.gov.in

Sd./- Superintending Engineer
OIPR- Drainage Division, Jagatsinghpur

**ZILLA SWASTHYA SAMITI, RAYAGADA**
(Contractual Engagement of Different Posts under NHM Program)
**Advt. No. 02/Rayagada Date: 20.01.2026**

**CONTRACTUAL ENGAGEMENT**

No. E-691: Zilla Swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website **www.rayagada.odisha.gov.in**. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post/Speed Post/ Courier on or before **16.02.2026 by 5.00 P.M.** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, PIN - 765002. The undersigned is not responsible for any postal delay or inconveyance. Application received after due date will be rejected. The envelope containing the application should be superscripted clearly the name of the post applied for ........................ under NHM otherwise it will be rejected. Application received after due date and time will be rejected without any notice. No personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.

No. of vacances under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/reject any or all the applications without assinging any reason thereof.

OIPR- Sd./- CDM & PHO-cum-DMD, Rayagada

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA**
**DIST-NABARANGPUR, PIN-764085**
Email I.D.- eepodagadadam@gmail.com

**e-Procurement Notice**
**Bid Identification No.EEPDD-06(03)/2025-26, Dated 17.01.2026**

**No.A-1296:**Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

| | |
|---|---|
| 1.Name of the Work | Civil Works |
| **2.No.of Works** | **Three Numbers** |
| 3.Estimated Cost | Rs.84.88 Lakhs (TCN SL.NO.1),<br>Rs.78.88 Lakhs (TCN SL.NO.2),<br>Rs.51.26 Lakhs (TCN SL.NO.3), |
| 4.Eligibility of the bidders | 'B' Class contractors (Odisha P.W.D. or equivalent class of other licensing authority) as per Detail Tender Call Notice. |
| 5.Period of Completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Officer Hour |
| 7. Time for Receipt of bid in the portal | From 27.01.2026 11.00 AM to 10.02.2026 (upto 5.00 PM) |
| 8. Date & Place of opening of the bids on-line | 11.02.2026 (11.30 A.M.)<br>O/o the E.E., Podagada Dam Division, UIDC Khatiguda |
| 9. Name and address of the Tender Inviting Authority (TIA) | Executive Engineer, Podagada Dam Division, At/Po- Khatiguda, District: Nabarangpur |

Further details can be seen from the e-Procurement portal http://tendersodisha.gov.in

Sd./- Executive Engineer,
OIPR- Podagada Dam Division, Khatiguda

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 735/ଭୁ.ଉ.କ., ଭୁବନେଶ୍ୱର ତା.09.01.26 ରିଖ
LB-II-70/76

**ସୂଚନା**

**No.CAD-3058:**ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲକ୍ଷ୍ମୀସାଗର ହାଉସିଂ ସ୍କିମ୍, **Stage-IV**, ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ.-**LB-106** କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୫୫୩୭, ତା.୧୩.୦୫.୨୦୧୪ ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ସ୍ୱର୍ଗତ ଗୋପିନାଥ ପଟ୍ଟନାୟକଙ୍କ ନାମରୁ ବିଷ୍ଣୁପ୍ରିୟା ପଟ୍ଟନାୟକ (ସ୍ତ୍ରୀ), ଦେବାଶିଷ ପଟ୍ଟନାୟକ (ପୁତ୍ର) ଓ ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ ଓରଫ ମହାନ୍ତି (ବିବାହିତା କନ୍ୟା)ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ଉକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ- ବିଷ୍ଣୁପ୍ରିୟା ପଟ୍ଟନାୟକ ଗତ ତା.୨୯.୦୮.୨୦୨୩ ରିଖରେ ମୃତ୍ୟୁବରଣ କରିଅଛନ୍ତି । (**Death Certificate Issue No.10277/2023 dated 18.10.2023**)

**Legal heir certificate Misc.Case No. E-LHC/2023/282139 dated 24.01.2024** ଅନୁଯାୟୀ ବିଷ୍ଣୁପ୍ରିୟା ପଟ୍ଟନାୟକଙ୍କର ଉତ୍ତରାଧିକାରୀ ଦେବାଶିଷ ପଟ୍ଟନାୟକ (ପୁତ୍ର) ଓ ଶ୍ରୀମତୀ ସ୍ନିଗ୍ଧା ମହାନ୍ତି (ବିବାହିତା କନ୍ୟା) ଅଟନ୍ତି ।

ଇତି ମଧ୍ୟରେ ଶ୍ରୀମତୀ ସ୍ନିଗ୍ଧା ମହାନ୍ତି ପଞ୍ଜିକୃତ ନାଦାବି ପତ୍ର (**Registered deed of Relinguishment Document No.11082501526 dated 18.02.2025**) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ ଦେବାଶିଷ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଅଛନ୍ତି । ସୁତରାଂ ଦେବାଶିଷ ପଟ୍ଟନାୟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଇନାଲରେ ବାପୁଜୀ କ୍ଲବ



ପ୍ରୟାସ ସିଂହଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ସର୍ବଭାରତୀୟ ଲାଲମନି କ୍ରିକେଟ

**ସୋନପୁର,୨୨।୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ ଟର୍ନାମେଣ୍ଟରେ ଗୁରୁବାର ଚତୁର୍ଥ ଦିବସ ମ୍ୟାଚ ବଲାଙ୍ଗୀର ୱାଇଏସସିସି ଓ ଭୁବନେଶର ବାପୁଜୀ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାପୁଜୀ କ୍ଲବ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ଶ୍ରେଷ୍ଠ ଋଷଭ ସର୍ବାଧିକ ୫୫ ରନ କରିଥିଲେ। ବାପୁଜୀ କ୍ଲବ ପକ୍ଷରୁ ସୟଦ ଜାକି ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ। ଜବାବରେ ବାପୁଜୀ କ୍ଲବ ୧୮.୪ ଓଭରରେ ୬ ଉଇକେଟ ହରାଇ ୧୩୯ ରନ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ବିକାଶ ଦୀକ୍ଷିତ ସର୍ବାଧିକ ୪୫ ରନ କରିଥିଲେ। ସେହିପରି ଟି୧୦ ମ୍ୟାଚରେ ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୮୬ ରନ କରିଥିଲେ। ଦଳ ପକ୍ଷରୁ ଶ୍ରେଷ୍ଠ ଋଷଭ ସର୍ବାଧିକ ୩୩ ରନ କରିଥିଲେ। ବାପୁଜୀ କ୍ଲବ ପକ୍ଷରୁ ନମନ ଧ୍ରୁବ ସର୍ବାଧିକ ୩ ଉଇକେଟ ହାସଲ କରିଥିଲେ। ସହଜ ବିଜୟ ଲକ୍ଷ୍ୟକୁ ବାପୁଜୀ କ୍ଲବ ୬.୨ ଓଭରରେ ୪ ଉଇକେଟ ହରାଇ ୯୦ ରନ ହାସଲ କରିଥିଲେ। ପ୍ରାୟସ ସିଂହ ୧୮ ରନ କରିଥିଲେ। ବଲାଙ୍ଗୀର ଦଳ ପକ୍ଷରୁ ଡିନା ଦାସ ୨ ଉଇକେଟ ହାସଲ କରିଥିଲେ। ଭୁବନେଶ୍ୱର ବାପୁଜୀ କ୍ଲବ ଉଭୟ ମ୍ୟାଚରେ ବିଜୟ ହାସଲ କରି ଲାଲମନି କ୍ରିକେଟର ଫାଇନାଲରେ ପ୍ରବେଶ କରିଛି। ବାପୁଜୀ କ୍ଲବ୍ର ଖେଳାଳୀ ପ୍ରାୟସ ସିଂହଙ୍କୁ ସୋନପୁର ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଲକ୍ଷ୍ମଣ ମାଝୀ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୌର ପରିଷଦ ଅଧକ୍ଷା ତାମସି ତାମସ୍ୱିତା ନାୟକ, କାଉନସିଲର କଇରୁ ସ୍ୱାଇଁ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ କୁମାର ପଣ୍ଡା ମ୍ୟାଚକୁ ଉଦ୍‌ଘାଟନ କରିଥିଲେ।

## ଜାତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ

# ମଧ୍ୟ ପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୨୨।୧ (ବିଜୟ ରଣା)**

ଓଡ଼ିଶା ମହିଳା ଦଳ ଚମତ୍କାର ପ୍ରଦର୍ଶନ ସହ ଫାଇନାଲରେ ମଧ୍ୟ ପ୍ରଦେଶକୁ ୩୨ ରନରେ ପରାସ୍ତ କରି ସ୍ଥାନୀୟ ହାଇଟେକ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଇଣ୍ଡସଇଣ୍ଡ ବ୍ୟାଙ୍କ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୪ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଜବାବରେ ମଧ୍ୟ ପ୍ରଦେଶ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୪୧ ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ସୂଚନାଯୋଗ୍ୟ, ଇଣ୍ଡସଇଣ୍ଡ ବ୍ୟାଙ୍କ ସହଯୋଗରେ କ୍ରିକେଟ ଆସୋସିଏଶନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାବି) ଅନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ହାଇଟେକ୍ କଲେଜ ଓ ହସ୍ପିଟାଲ ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେଶନ ସିଏସଆର ମୁଖ୍ୟ ଋଷି ପଠାନିଆ, କାବି ସଭାପତି ବୁସେ ଗୌଡ଼ ଓ ଶୈଳେନ୍ଦର ଯାଦବ, ମହିଳା ଓ ଶିଶୁ ବିକାଶ ଚେୟାରପର୍ସନ ଡ. କଳ୍ପନା ଦାସ, ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଉପ ସଚିବ ଭାସ୍କର ରାଇତୋ, ଏସଏସ୍ଇପିଡି ବିଭାଗ ଉପସଚିବ ବସନ୍ତ ବେହେରା ଏବଂ ଓଡ଼ିଶା ଦୃଷ୍ଟି ବାଧିତ କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି. ଜାଫର ଇକବଲ ପ୍ରମୁଖ ଅନ୍ୟତମ ଥିଲେ।

# ଜିସି-ତୁଫାନ୍ସ ଏଲିମିନେଟର



ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

## ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର,୨୨।୧(ଅନାଦି କର)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଏହି ବଡ଼ ବିଜୟ ସତ୍ତ୍ୱେ ସୁରମା ଦଳ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିବାରେ ବିଫଳ ହୋଇଛି। ସୁରମା ଦଳକୁ ଏଲିମିନେଟରରେ ପ୍ରବେଶ କରିବା ପାଇଁ ଏହି ମ୍ୟାଚ୍‌କୁ ୭ ଗୋଲର ବ୍ୟବଧାନରେ ଜିତିବାର ଆବଶ୍ୟକତା ଥିଲା। ଲିଗ୍‌ର ଅନ୍ତିମ ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ଶୁକ୍ରବାର ଖେଳାଯିବାକୁ ଥିବା ଏଲିମିନେଟର ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ପରସ୍ପରକୁ ଭେଟିବେ। ସେହିଭଳି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ କ୍ୱାଲିଫାୟର-୧ ମ୍ୟାଚ୍ ଖେଳାଯିବ।

ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯୁବ ସେବା ଓ କ୍ରୀଡ଼ା ବିଭାଗର କମିଶନର କମ୍ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ହକି ଅଲିମ୍ପିଆନ ନମିତା ଟପ୍ପୋ, ହକି ଇଣ୍ଡିଆ ନିର୍ଦ୍ଦେଶକ ବି ଏନ ଭୂଷଣ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ। ମ୍ୟାଚ୍ ଆରମ୍ଭରୁ ସୁରମା ଦଳ ଆକ୍ରମଣାତ୍ମକ ରଣନୀତି ସହ ଖେଳିଥିଲା। ଫଳରେ ପ୍ରଥମ ୧୦ ମିନିଟ୍ ମଧ୍ୟରେ ୩ ଗୋଲ ସ୍କୋର କରିଥିଲା। ଜେରେମି ହେୱାର୍ଡ (ଦ୍ୱିତୀୟ ଓ ସପ୍ତମ) ପେନାଲ୍ଟି କର୍ନର (ପିସି)ରୁ ଦୁଇଟି ଗୋଲ କରିଥିବା ବେଳେ ମାର୍ଟିନେଜ ଲୁକାସ (୧୧ତମ) ଫିଲ୍ଡ ଗୋଲ କରିଥିଲେ। ଏହି ସ୍କୋର ଲାଇନ୍ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ୩୪ତମ ମିନିଟ୍‌ରେ ଦଳକୁ ମିଳିଥିବା ପିସିକୁ ଜେରେମି ହେୱାର୍ଡ ଗୋଲରେ ପରିଣତ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଏହାର ୯ ମିନିଟ୍ ପରେ ପାଇପର୍ସ ଦଳକୁ ମିଳିଥିବା ପିସିକୁ ଟୋମାସ ଡୋମେନ (୪୩ତମ) ଗୋଲରେ କନଭର୍ଟ କରି ଗୋଟିଏ ଗୋଲ ପରିଶୋଧ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜେରେମି (୪୫ତମ) ଓ ନିକୋଲାସ କିନାନ (୪୭ତମ) ଗୋଲ ସ୍କୋର କରିଥିଲେ।

## ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦

# ସାମସନ, କିଶନଙ୍କ ଉପରେ ନଜର

**ରାଇପୁର,୨୨।୧(ପି.ଟି.)**

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଶହୀଦ ବୀର ନାରାୟଣ ସିଂ ଷ୍ଟାଡିୟମରେ ଖେଳାଯିବ। ନାଗପୁରଠାରେ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ସହଜରେ ପରାସ୍ତ କରିଥିବା ଭାରତୀୟ ଦଳ ସିରିଜ୍‌ରେ ୨-୦ରେ ଆଗୁଆ ହେବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ସଞ୍ଜୁ ସାମସନ ଓ ଇଶାନ କିଶନଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବା ବେଳେ ସାମସନଙ୍କୁ ଓପନିଂ ପୋଜିଶନରେ କ୍ରମାଗତ ସୁଯୋଗ ମିଳିବା ନିଶ୍ଚିତ। ପ୍ରଥମ ମ୍ୟାଚ୍‌ରେ ମିସ ଟାଇମିଂ ଯୋଗୁ କ୍ୟାଚ୍ ଆଉଟ୍ ହୋଇଥିବା ସାମ୍‌ସନଙ୍କୁ ଏକ ବଡ଼ ଇନିଂସର ଆବଶ୍ୟକତା ରହିଛି। ତାଙ୍କ ଭଳି କିଶନ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତିକୁ ଠିକ ପ୍ରମାଣ କରିବା ଲକ୍ଷ୍ୟରେ ରହିବେ। ତାଙ୍କୁ ଶ୍ରେୟସ ଆୟାରଙ୍କ ପରିବର୍ତ୍ତେ ଦଳରେ ସାମିଲ କରାଯାଇଛି। ନଂ-୮ ପୋଜିଶନ ପର୍ଯ୍ୟନ୍ତ ଭାରତୀୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଲମ୍ବି ଥିବାରୁ ବ୍ୟାଟରମାନେ ପ୍ରତ୍ୟେକ ବଲରେ ବଡ଼ ଶଟ୍ ଖେଳିବାକୁ ଉଦ୍ୟମ କରୁଛନ୍ତି। ଏଣୁ କିଶନ ନଂ-୩ ପୋଜିଶନରେ ସମାନ ଆଟାକିଂ ଷ୍ଟାଇଲରେ ବ୍ୟାଟିଂ କରିବେ। ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲକ୍ଷ୍ୟରେ ଥିବାରୁ ଅଧିନାୟକ ସୂର୍ଯ୍ୟକୁମାରଙ୍କ ଫର୍ମ ଉପରେ ସଭିଙ୍କ ନଜର ରହିଛି। ପ୍ରଥମ ମ୍ୟାଚ୍‌ରେ ସେ ୨୨ ବଲରେ ୩୨ ରନର ଇନିଂସ ଖେଳିଥିଲେ, ଯାହାକି ତାଙ୍କ ଆତ୍ମବିଶ୍ୱାସ ବଢ଼ାଇଥିବ। ଭାରତୀୟ ଦଳକୁ ପ୍ରଥମ ଦଳ ଭାବେ ଟାଇଟଲ ଡିଫେଣ୍ଡ କରିବାକୁ ହେଲେ ଅଭିଷେକ ଶର୍ମା ଫର୍ମରେ ରହିବା ଦରକାର। ତାଙ୍କ ପାଖରେ ବଡ଼ ବଡ଼ ଶଟ୍ ଖେଳିବାର ଏକ ବିରଳ ଦକ୍ଷତା ରହିଛି। ଲୋୟର ଅର୍ଡରରେ ରିଙ୍କୁ ସିଂ ପ୍ରଥମ ବଲରୁ ଆଟାକ କରୁଛନ୍ତି, ଯାହାକି ଟିମ ଇଣ୍ଡିଆ ପାଇଁ ଶୁଭ ସଙ୍କେତ।

ଯଦି ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟା ପାୱାରପ୍ଲେରେ ଉଇକେଟ ନେବା ଜାରି ରଖନ୍ତି, ତେବେ ଯଶପ୍ରୀତ ବୁମରାଙ୍କୁ ୩ ଓଭର ପାଇଁ ପାୱାରପ୍ଲେ ପରେ ଏକ ଅସ୍ତ୍ର ଭଳି ବ୍ୟବହାର କରାଯାଇପାରିବ। ବରୁଣ ଚକ୍ରବର୍ତ୍ତୀଙ୍କ ସହ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ।


# Classified Everyday 0674-2580101, 9692975378



## REAL ESTATE

### SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi-Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

## PURCHASE

**Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week.** D-75859





All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## LOST

I Somnath Gope have lost my B.Tech Certificates having Reg No.- 1501287446 of GITA College, Bhubaneswar. D-3176

## AFFIDAVIT

I, Malay Ranjan Dalai, S/o- Nirmal Chandra Dalai, At/P.O.- Gopalpur, P.S.- Cuttack Sadar, Cuttack- 753011, Odisha declared by affidavit- 495, dt- 22.01.2026 before Notary, Cuttack that I have changed name of my minor son Mihir Ranjan Dalai to Devansh Dalai. Henceforth, he will known as Devansh Dalai for all purposes. D-3175

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Keonjhar, dated 16.01.2026 I, ROUT HEMBRAM, AT- JAMBU, P.O.- MATHATENTULIA, P.S.- GONDIA, DIST- DHENKANAL, 759016 declare that I have changed the name of my daughter from AARADHYA AYRA HEMBRAM to ADYA AYRA. Henceforth, she shall be known as ADYA AYRA for all purposes. D-3174

By virtue of an affidavit sworn before Executive Magistrate, Bhubaneswar Dated- 21.01.2026, I, Gitanjali Maharana, aged about 43 years, Vill.- Ankushpur, P.O.- Ankushpur, Sadar- Ankushpur, District- Ganjam, PIN- 761100 declare that I have changed my name from Geetangli Maharana to Gitanjali Maharana. Henceforth, I shall be known as Gitanjali Maharana for all purposes.
Gitanjali Maharana
D- 237

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀମତୀ କନକଚମ୍ପା ମେହେର,
OAS (SAG) ଅତିରିକ୍ତ ରିଭିଜନ୍ କୋର୍ଟ ନଂ.୧,
ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୧୬୪/୨୦୨୫

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ, ଦେବପ୍ରିୟା ବିଧାର ..........ବାଦୀ

ବନାମ

ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .........ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୩- ବୈକୁଣ୍ଠ ରାଉତରାୟ, ପିତା- ଦିଗମ୍ବର ରାଉତରାୟ, ପ୍ରତିବାଦୀ ନଂ.୪- ବନମାଳୀ ରାଉତରାୟ, ପିତା- ମଣି ରାଉତରାୟ, ପ୍ରତିବାଦୀ ନଂ.୫- ବାମଦେବ ରାଉତରାୟ, ପିତା- ବରଜୁ ରାଉତରାୟ, ପ୍ରତିବାଦୀ ନଂ.୬- ଲୋକନାଥ ରାଉତରାୟ, ପିତା- ଫକିର ରାଉତରାୟ, ପ୍ରତିବାଦୀ ନଂ.୭- ଫୁଲିଆ ପାତ୍ର, ପିତା- ଡମେଇ ପାତ୍ର, ପ୍ରତିବାଦୀ ନଂ.୮- ଉଲ୍ଲାସ ପାତ୍ର, ପିତା- ଡମେଇ ପାତ୍ର, କ୍ରମିକ ନ୩ମ୍ବର ଠାରୁ ନ୮ମ୍ବରଙ୍କ ସା- ଝୁଟଗଡ଼, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୯- ପ୍ରଫୁଲ୍ଲ କୁମାର ବିଧାର, ପିତା- ବେଣୁଧର ବିଧାର, ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭଲପର୍ସ, ସା- ପି.କେ. ପ୍ୟାଲେସ୍ ଦାଢା, ଭାୟା- ବାରଙ୍ଗ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ପ୍ରତିବାଦୀ ନଂ.୧୦- କୀର୍ତ୍ତିପ୍ରଭା ମହାନ୍ତି, ସ୍ୱାମୀ- ଦିଲ୍ଲୀପ କୁମାର ଦାସ, ସା- ପୋତାପୋଖରୀ, ଥାନା- ଚାଉଳିଆଗଞ୍ଜ, ଜିଲ୍ଲା- କଟକ, ପିନ୍- ୭୫୩୦୦୪, ପ୍ରତିବାଦୀ ନଂ.୧୧- କୈଳାଶ ଚନ୍ଦ୍ର ସ୍ୱାଇଁ, ପିତା- ଭ୍ରମରବର ସାଇଁ, ସା/ପୋ/ଥାନା- ନିଆଳି, ଜିଲ୍ଲା- କଟକ, ପିନ୍ : ୭୫୪୦୦୪, ଓଡ଼ିଶା। ପ୍ରତିବାଦୀ ନଂ.୧୨- ତୁଷାର ରଞ୍ଜନ ସ୍ୱାଇଁ, ପିତା- ଭ୍ରମରବର ସ୍ୱାଇଁ, ସା/ପୋ/ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪, ଓଡ଼ିଶା। ପ୍ରତିବାଦୀ ନଂ.୧୩- ସ୍ୱର୍ଣ୍ଣଲତା ସାହାଣୀ, ସ୍ୱାମୀ- ଉପେନ୍ଦ୍ର କୁମାର ମୁଦୁଲି, ସା- ସିଠାଲୋ, ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪, ପ୍ରତିବାଦୀ ନଂ.୧୪- ସନ୍ଧ୍ୟାରାଣୀ ଦେବୀ, ସ୍ୱାମୀ- ଗୁରୁପ୍ରସାଦ ଆଚାର୍ଯ୍ୟ, ସା/ପୋ: ପଳାସ, ଥାନା- ନିଆଳି, ଜିଲ୍ଲା- କଟକ, ଓଡ଼ିଶା। ପ୍ରତିବାଦୀ ନଂ.୧୫- ମଞ୍ଜୁଶ୍ରୀ ରାଉତ, ସ୍ୱାମୀ- ଭାଗୀରଥି ରାଉତ, ସା- ଶାସନପଦା, ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୩, ୪, ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ, ନୋଟିସ ଜାରି ନହୋଇ ଫେରସ୍ତ ହୋଇଅଛି। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା୨୩।୦୨।୨୦୨୬ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧି ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ୍ ଅନୁଯାୟୀ ଉପରୋକ୍ତ କେସ୍ ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍ କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନ୩ମ୍ବର, ମୌଜା- ଭୁଆଷୁଣୀ

ସାବକ ଖାତା- ୧୫୦, ସାବକ ପ୍ଲଟ୍- ୩୮୧, ଏରିଆ- ଏ୦.୬୨୮ଡି. ସ୍ଥ ଏ୦.୧୪୭ଡି., ହାଲ୍ ଖାତା- ୮୭୫, ହାଲ୍ ପ୍ଲଟ୍- ୧୯୧୮, ଏରିଆ- ଏ୦.୨୪୫ଡି. ସ୍ଥ ଏ୦.୧୪୭ଡି.

ଏଣୁ ଉପରୋକ୍ତ ମାମଲାର ଉପରବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ- ଭୁବନେଶ୍ୱର
ତାରିଖ-

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଧିକାରୀ

ଧ-୩୧୭୮

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**୰ବିନ ସିଂହ**

ପଛିକୋଟଗଡ଼, ଯାଜପୁର
ଆବିର୍ଭାବ: ୧୯୫୭
ତିରୋଧାନ: ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପୁତ୍ର: ଅପୁ ଓ ପରିବାରବର୍ଗ।

ଧ-୩୧୭୨

### ପଞ୍ଚବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**

ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨

ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୩୧୭୩

### ହକି ଇଣ୍ଡିଆ ଲିଗ୍

# ଓଡ଼ିଶା ଖେଳାଳିଙ୍କ ଚାହିଦା ବଢୁଛି

**ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶା ଖେଳାଳିଙ୍କ ଚାହିଦା କ୍ରମେ ବଢୁଛି। ୨୦୧୩ ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମାତ୍ର ୬ ଖେଳାଳି ସ୍ଥାନ ପାଇଥିଲେ। ମାତ୍ର ଏଥର ଏହି ସଂଖ୍ୟା ପାଖାପାଖି ୩ ଗୁଣା ବଢ଼ି ୧୬ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ଅମିତ ରୋହିଦାସ ତାମିଲନାଡୁ ଡ୍ରାଗନ୍ସ ଦଳର ଅଧିନାୟକ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି...**



ଅମିତ ରୋହିଦାସ

ପ୍ରଶାନ୍ତ ବାର୍ଲା

ଅମନଦୀପ ଲାକ୍ରା

ରୋହିତ କୁଲୁ

ହକି ଇଣ୍ଡିଆ ଲିଗ୍‌ର ୭ମ ସଂସ୍କରଣ ଏବେ ଶେଷ ପର୍ଯ୍ୟାୟରେ। ଏଥର ଚେନ୍ନାଇରୁ ଆରମ୍ଭ ହୋଇଥିବା ଏହି ସମ୍ମାନଜନକ ଲିଗ୍ ରାଞ୍ଚି ମଧ୍ୟ ଦେଇ ଏବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚାଲିଛି। ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ଶୁକ୍ରବାର କ୍ୱାଲିଫାୟର-୧ ଓ ଏଲିମିନେଟର, ୨୫ରେ କ୍ୱାଲିଫାୟର-୨ ଏବଂ ୨୬ରେ ଫାଇନାଲ ଅନୁଷ୍ଠିତ ହେବ। ରେକର୍ଡ ଦେଖିଲେ ଏହି ଲିଗ୍‌ରେ ଓଡ଼ିଶା ଖେଳାଳିଙ୍କ ଚାହିଦା କ୍ରମେ ବଢୁଛି। ୨୦୧୩ ମସିହାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମାତ୍ର ୬ ଖେଳାଳି ସ୍ଥାନ ପାଇଥିଲେ। ମାତ୍ର ଏବେ ୨୦୨୬ରେ ପାଖାପାଖି ୩ ଗୁଣା ଅର୍ଥାତ୍ ୧୬ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍‌ରୁ ପ୍ରତିନିଧିତ୍ୱ କରୁଛନ୍ତି। ଅର୍ଥାତ୍ ଅଧିକ ୧୦ ଖେଳାଳି ଏବେ ଖେଳୁଛନ୍ତି। ୨୦୧୩ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ ଅମିତ ରୋହିଦାସ, ଷ୍ଟାନିଲ ମିଞ୍ଜ, ଅରବିନ୍ଦ କୁଜୁର, ସୁଶାନ୍ତ ତିର୍କୀ, ବୀରେନ୍ଦ୍ର ଲାକ୍ରା (ସମସ୍ତେ ରାଞ୍ଚି ରାଇନୋସ) ଏବଂ ସୁରେଶ ଟପ୍ପୋ (ୟୁପି ୱିଜାର୍ଡ୍ସ)। ପୂର୍ବରୁ ଓଡ଼ିଶାର ଅନେକ ଖେଳାଳି ବିଭିନ୍ନ ଦଳରେ ସାମୟିକ ଭାବେ ପଡ଼ିଆରେ ପ୍ରବେଶ ସୁଯୋଗ ପାଉଥିଲେ। ମାତ୍ର ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରିବାପରେ ଏବେ ଅନେକ ଓଡ଼ିଶା ଖେଳାଳି ସିନିୟର ସ୍ତରରେ ଷ୍ଟାର୍ଟିଂ ଇଲେଭେନ ଅର୍ଥାତ୍ ବିଭିନ୍ନ ଦଳର ମୁଖ୍ୟ ଖେଳାଳି ପାଲଟି ଯାଇଛନ୍ତି। ଅମିତ ରୋହିଦାସ ଅକର୍ଡ ତାମିଲନାଡୁ ଡ୍ରାଗନ୍ସ ଦଳର ନେତୃତ୍ୱ ମଧ୍ୟ ନେଇଛନ୍ତି। ବର୍ତ୍ତମାନ ଚାଲିଥିବା ଲିଗ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୧୬ ଖେଳାଳି ହେଲେ ଅମିତ ରୋହିଦାସ, ଆନନ୍ଦ ଲାକ୍ରା, ଅଦ୍ରୋହିତ ଏକ୍କା, ସୁଶୀଲ ଧନୱାର (ସମସ୍ତେ ତାମିଲନାଡୁ ଡ୍ରାଗନ୍ସ), ପ୍ରଶାନ୍ତ ବାର୍ଲା, ସୁଦୀପ ଚିରମାକୋ (ଉଭୟ ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲ), ଅମନଦୀପ ଲାକ୍ରା, ଶିଳାନନ୍ଦ ଲାକ୍ରା (ଉଭୟ ହାଇଦ୍ରାବାଦ ତୋଫାନ୍ସ), ଅନମୋଲ ଏକ୍କା, ନିଲମ ସଞ୍ଜୀପ ଖେସ୍ (ଉଭୟ ରାଞ୍ଚି ରୟାଲ୍ସ), ବିବେକ ଲାକ୍ରା (ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ) ଏବଂ ରୋହିତ କୁଲୁ, ରୋଶନ କୁଜୁର, ଦୀପକ ପ୍ରଧାନ, ଦୀପସାନ ତିର୍କୀ ଓ ପ୍ରତାପ ଲାକ୍ରା (ସମସ୍ତେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ)। ଓଡ଼ିଶା ଖେଳାଳିମାନେ ଏବେ ଡିଫେନ୍ସ ବିଭାଗଠାରୁ ଆରମ୍ଭ କରି ମିଡ୍‌ଫିଲ୍ଡ ଏବଂ ଫରୱାର୍ଡ ଲାଇନ୍‌ରେ ମଧ୍ୟ ନିଜ ଦକ୍ଷତା ଦେଖାଉଛନ୍ତି।

### ଏଥର ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ଓଡ଼ିଶା ଖେଳାଳି

**ତାମିଲନାଡୁ ଡ୍ରାଗନ୍ସ:** ଅମିତ ରୋହିଦାସ, ଆନନ୍ଦ ଲାକ୍ରା, ଅଦ୍ରୋହିତ ଏକ୍କା, ସୁଶୀଲ ଧନୱାର
**ଏଚ୍‌ଆଇଏଲ୍ ଗଭର୍ନିଂ କାଉନ୍ସିଲ:** ପ୍ରଶାନ୍ତ ବାର୍ଲା, ସୁଦୀପ ଚିରମାକୋ
**ହାଇଦ୍ରାବାଦ ତୋଫାନ୍ସ:** ଅମନଦୀପ ଲାକ୍ରା, ଶିଳାନନ୍ଦ ଲାକ୍ରା
**ରାଞ୍ଚି ରୟାଲ୍ସ:** ଅନମୋଲ ଏକ୍କା, ନିଲମ ସଞ୍ଜୀପ ଖେସ୍
**ରର୍ ବେଙ୍ଗଲ ଟାଇଗର୍ସ:** ବିବେକ ଲାକ୍ରା
**ବେଦାନ୍ତ କଳିଙ୍ଗ ଲାନ୍ସର୍ସ:** ରୋହିତ କୁଲୁ, ରୋଶନ କୁଜୁର, ଦୀପକ ପ୍ରଧାନ, ଦୀପସାନ ତିର୍କୀ, ପ୍ରତାପ ଲାକ୍ରା

### ଆକର୍ଷଣରେ ଅମିତ

ହକି ଇଣ୍ଡିଆ ଲିଗ୍‌ରେ ଅମିତ ହେଉଛନ୍ତି ଏପରି ଜଣେ ଖେଳାଳି ଯିଏକି ୨୦୧୩ ଉଦ୍‌ଘାଟନୀ ସଂସ୍କରଣରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଖେଳି ଆସୁଛନ୍ତି। ଭାରତୀୟ ହକି ଦଳର ଜଣେ ନିର୍ଭରଯୋଗ୍ୟ ଏବଂ ସ୍ଥିର ପ୍ରଦର୍ଶନକାରୀ ଡିଫେଣ୍ଡରଭାବେ ପରିଚିତ ଅମିତଙ୍କୁ ତାମିଲନାଡୁ ଡ୍ରାଗନ୍ସ ଫ୍ରାଞ୍ଚାଇଜ୍ ଅଧିନାୟକଭାବେ ମନୋନୀତ କରିଥିଲା। ଏହା ଓଡ଼ିଶା ହକି ପ୍ରେମୀଙ୍କୁ ବେଶ୍ ଉଲ୍ଲସିତ ଏବଂ ରୋମାଞ୍ଚିତ କରିଥିଲା। ଅମିତଙ୍କ ନେତୃତ୍ୱରେ ଡ୍ରାଗନ୍ସ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ୭ ମ୍ୟାଚରୁ ୧ ବିଜୟ, ୩ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୨ ପରାଜୟ ସହିତ ଦଳ ୧୦ ପଏଣ୍ଟ ହାସଲ କରିଥିଲା। ଏଥର ଯଦିଓ ଦଳ ଟପ୍-୪ରେ ରହି ନ ପାରି ନକ୍‌ଆଉଟ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି ତେବେ ଅଧିନାୟକଭାବେ ଅମିତ ଅନେକ ଅଭିଜ୍ଞତା ଆହରଣ କରିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶାର ୧୬ ଖେଳାଳି ସ୍ଥାନପାଇବାକୁ ବାଇ-ଚାନ୍ସ କୁହାଯାଇ ପାରିବ ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଜିଲା ଓ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକ୍ରମ, ହାଇ ପରଫର୍ମାନ୍ସ ସେଣ୍ଟରରେ ଉନ୍ନତ ମାନର ଟ୍ରେନିଂ, ଭୁବନେଶ୍ୱର ଓ ରାଉରକେଲାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦୁଇଥର ବିଶ୍ୱକପଠାରୁ ଆରମ୍ଭ କରି କ୍ରମାଗତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଏବଂ ଅନ୍ୟ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନର କାରଣ ଏହା ପଛରେ ରହିଛି। ସୁନ୍ଦରଗଡ଼ର ସିମ୍‌ଡେଗା ହେଉ କିମ୍ବା ପୂରା ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ହକି ଏବେ କେବଳ ଏକ ପାରମ୍ପରିକ ଖେଳ ହୋଇ ରହିନାହିଁ ଏହା ଉଚ୍ଚାକାଂକ୍ଷା ଏବଂ ପେସାଦାର ଜୀବନରେ ଏକ ବଡ଼ ପରିଚୟ ଦେବାଭଳି କ୍ରୀଡ଼ାରେ ପରିଣତ ହୋଇଛି। ପୂର୍ବ ପିଢ଼ିରେ କୌଣସି ଜଣେ ଖେଳାଳି ଜାତୀୟ ଚାମ୍ପିୟନଶିପରେ ଆକର୍ଷଣୀୟ ପ୍ରଦର୍ଶନ କଲେ ଯାଇ ଦୃଷ୍ଟି ଆକର୍ଷଣ କରୁଥିଲେ, ମାତ୍ର ଏବେକାର ଖେଳାଳିମାନଙ୍କୁ ସଂରଚିତ ବ୍ୟବସ୍ଥା, କ୍ରୀଡା ଛାତ୍ରାବାସ ଏବଂ ଏଲିଟ୍ ଜୁନିୟର ଟୁର୍ନାମେଣ୍ଟ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି। ହକି ଇଭେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ସମାଗମ ମଧ୍ୟ ରାଜ୍ୟରେ ଏହି କ୍ରୀଡ଼ାପ୍ରତି ଲୋକଙ୍କର ଆଗ୍ରହକୁ ସୂଚିତ କରୁଛି।

# ଅଗ୍ନି ପରୀକ୍ଷାରେ ଗମ୍ଭୀର



ନିର୍ମଳ କୁମାର ମିଶ୍ର

ଗତ କିଛି ବର୍ଷ ହେବ ଭାରତୀୟ କ୍ରିକେଟ୍‌ର ଅଧୋଗତି ଦେଖିବାକୁ ମିଳିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଯଦିଓ ଦୁଇ ଦୁଇଟି ଆଇସିସି ଟ୍ରଫି ଜିତିଛି ତଥାପି ଘରୋଇ ଦ୍ୱିପାକ୍ଷିକ ସିରିଜଗୁଡିକ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି। ଟି୨୦ ବିଶ୍ୱକପ ବିଜୟ ପରେ ରୋହିତ ଶର୍ମା ଓ ବିରାଟ କୋହଲି ହଠାତ୍ ଟେଷ୍ଟ କ୍ରିକେଟ ଓ ଅନ୍ତର୍ଜାତୀୟ ଟି୨୦ ଫର୍ମାଟ୍‌ରୁ ଅବସର ନେବା ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବ୍ୟାପକ ପରୀକ୍ଷା ନିରୀକ୍ଷା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସିନିୟର ଖେଳାଳିମାନଙ୍କୁ ଅଣଦେଖା କରାଯିବା ସହିତ ସେମାନଙ୍କର ଅବସର ଭାରତୀୟ କ୍ରିକେଟର ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇଛି। ବର୍ତ୍ତମାନ ଆଇସିସି ଟେଷ୍ଟ ର୍‍ୟାକିଙ୍ଗରେ ଚତୁର୍ଥ ସ୍ଥାନରେ ରହିଥିବା ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବା କଷ୍ଟସାଧ୍ୟ ମନେହେଉଛି। ଦୁଇ ଦୁଇ ଥର ଫାଇନାଲ ଖେଳି ଚାମ୍ପିୟନ ହେବାର ସ୍ୱପ୍ନ ଅଧୁରା ରହିଛି। ବର୍ତ୍ତମାନ ର୍‍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଟପ୍-୩ରେ ରହିଛନ୍ତି। ଟେଷ୍ଟ ମ୍ୟାଚରେ ଭାରତର ପ୍ରଦର୍ଶନ ତଳମୁହାଁ ହୋଇଛି। ବିଦେଶୀ ଟିମ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଏହାର ନିଜ ମାଟିରେ ହରାଇବା ଫଳରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ, ମୁଖ୍ୟ କୋଚ ଏବଂ ଅନ୍ୟ କୋଚିଂ ଷ୍ଟାଫ୍‌ଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୌତମ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ କୋଚ ରୂପେ ୨୦୨୪ରେ କାର୍ଯ୍ୟ କରିବାଠାରୁ ଭାରତୀୟ ଦଳ ମୋଟ ୧୯ଟି ଟେଷ୍ଟ ଖେଳି ମାତ୍ର ୭ଟି ମ୍ୟାଚରେ ବିଜୟୀ ହୋଇ ସମାଲୋଚନାର ଶରବ୍ୟ ହୋଇଛି। ମୋଟ ଉପରେ କ୍ରିକେଟ୍‌ର ୩ଟି ଫର୍ମାଟ୍‌ରେ ଏପର୍ଯ୍ୟନ୍ତ ୬୬ ମ୍ୟାଚରୁ ୪୨ଟିରେ ବିଜୟୀ ହୋଇଥିବାରୁ ତାଙ୍କର ସଫଳତାର ହାର ପାଖାପାଖି ୬୩ ପ୍ରତିଶତ ରହିଛି। ତେବେ ଟେଷ୍ଟରେ ସଫଳତା ହାର ମାତ୍ର ୩୬ ପ୍ରତିଶତ ରହିଥିବାରୁ ମୋଟ ଉପରେ ପ୍ରଦର୍ଶନ ନୈରାଶ୍ୟଜନକ ବୋଲି କୁହାଯାଇ ପାରିବ। ଦିନିକିଆ ଫର୍ମାଟ୍‌ରେ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଏପର୍ଯ୍ୟନ୍ତ ୨୦ଟି ମ୍ୟାଚରୁ ୧୨ଟିରେ ଭାରତ ବିଜୟ ଲାଭ କରିଛି। ଏଥିରେ ସଫଳତା ହାର ଶତକଡା ୬୦ ରହିଛି। ଟି୨୦ ଫର୍ମାଟ୍‌ରେ ତାଙ୍କର ସଫଳତାର ହାର କିନ୍ତୁ ଶତକଡ଼ା ୮୫ ରହିଛି। ଭାରତ ଖେଳିଥିବା ମୋଟ ୨୭ ମ୍ୟାଚରୁ ୨୩ଟି ଜିତିଛି, ୩ଟି ହାରିଛି ଏବଂ ଗୋଟିଏ ମ୍ୟାଚ ବିନା ଫଳାଫଳରେ ସମାପ୍ତ ହୋଇଛି। ଏଥି ମଧ୍ୟରେ ଏସିଆ କପରେ ଚାମ୍ପିୟନ ହେବାର ସଫଳତା ରହିଛି। ତେବେ ଟେଷ୍ଟ କ୍ରିକେଟର ଅଧୋଗତି ତାଙ୍କର ଦକ୍ଷତାକୁ ନେଇ ପ୍ରଶ୍ନଉଠାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨-୨ରେ ଡ୍ର ରହିବା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜକୁ ଯଦିଓ ଭାରତ ୨-୦ରେ ଜିତିଥିଲା ତେବେ ତାଙ୍କର ପ୍ରଶିକ୍ଷଣ ଶୈଳୀ ଅନେକ ବିବାଦ ସୃଷ୍ଟି କରିଛି। ମାତ୍ରାଧିକ ପରୀକ୍ଷା ନିରୀକ୍ଷା ଅନେକ ସମୟରେ ବିପରୀତ ଫଳ ପ୍ରଦାନ କରିଛି। ବିଫଳତାର ଉଦାହରଣ ଦେଖିବାକୁ ଗଲେ ଭାରତ ୨୭ ବର୍ଷ ପରେ ନ୍ୟୁଜିଲାଣ୍ଡଠାରୁ ହ୍ୱାଇଟ ୱାଶ ହେଲା। ବର୍ଡର-ଗାଭାସ୍କର ଟ୍ରଫି ହାରିଲା ୧୦ବର୍ଷ ପରେ ଏବଂ ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାରୁ ବଞ୍ଚିତ ହେଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଥର ପାଇଁ ଘରୋଇ ଟେଷ୍ଟ ସିରିଜ୍ ହାରିବା ମଧ୍ୟ ବେଶ୍ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲା। ସେହିପରି ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡଠାରୁ ସ୍ୱଦେଶ ମାଟିରେ ଦିନିକିଆ ସିରିଜରେ ୧-୨ରେ ପରାସ୍ତ ହେବା ମଧ୍ୟ ଘରୋଇ କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି। ରବି ଶାସ୍ତ୍ରୀ ଏବଂ ରାହୁଲ ଦ୍ରାବିଡ ମୁଖ୍ୟ କୋଚ ଥିବା ସମୟରେ ଭାରତୀୟ ଦଳ ୩ଟି ଫର୍ମାଟ୍‌ରେ ଆଶାରୂପକ ସଫଳତା ମୁଖ୍ୟତଃ ଦ୍ୱିପାକ୍ଷିକ ସିରିଜଗୁଡିକରେ ପାଇଥିଲା। ତା'ର ପୁନରାବୃତ୍ତି ଘଟାଇବାକୁ ସକ୍ଷମ ହୋଇପାରି ନାହାନ୍ତି ଗୌତମ ଗମ୍ଭୀର। ସେ ଏବେ ୩ଟି ଫର୍ମାଟ୍‌ର ମୁଖ୍ୟ କୋଚ ରହିଛନ୍ତି। ମୁଖ୍ୟ କୋଚ ନିଯୁକ୍ତି ହେବା ପରେ ୩ଟି ଫର୍ମାଟ୍ ପାଇଁ ଭିନ୍ନ ଅଧିନାୟକ ନିଯୁକ୍ତି ଏବଂ ସ୍ୱତନ୍ତ୍ର ଟିମ୍ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ରୋହିତ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନୀ, ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରାଙ୍କ ଅବସର ପରେ ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଟେଷ୍ଟ ଓ ଏକଦିବସୀୟ ଖେଳିଆସୁଛି। ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି। ଯଦିବା ଦଳର ସଫଳତା ହାର ଭଲ ରହିଛି ମାତ୍ର ତାଙ୍କର ପ୍ରଦର୍ଶନ ନିମ୍ନମାନର ରହିଛି। ଶେଷ ୨୨ଟି ଟି୨୦ ମ୍ୟାଚରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ଆଭରେଜ ରହିଛି ମାତ୍ର ୧୩.୮୭। ତାଙ୍କ ନେତୃତ୍ୱରେ ଭାରତ ଯଦିଓ କ୍ରମାଗତ ଭାବେ ୮ଟି ଦ୍ୱିପାକ୍ଷିକ ସିରିଜ ଏବଂ ଏସିଆ କପ୍ ବିଜୟୀ ହୋଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚିନ୍ତାଜନକ ରହିଛି। ଆସନ୍ତା ଟି୨୧୦ ବିଶ୍ୱକପର ଅନ୍ୟତମ ଟାଇଟଲ ଦାବିଦାର ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ପ୍ରଥମ ମ୍ୟାଚରେ ସେ ୩୨ ରନ କରିଛନ୍ତି।

ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି ଟି୨୦ ବିଶ୍ୱକପର ୧୦ମ ସଂସ୍କରଣ। ୨୦ଟି ଟିମ୍ ମଧ୍ୟରେ ମୋଟ ୫୫ଟି ମ୍ୟାଚ ଖେଳାଯିବ। ଭାରତର ୫ଟି ଭେନ୍ୟୁ ଏବଂ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ଏହି ମ୍ୟାଚଗୁଡିକ ଅନୁଷ୍ଠିତ ହେବ। ଭାରତ ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଚଳିତ ସଂସ୍କରଣ ଘରୋଇ ମାଟିରେ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳ ଆତ୍ମସମ୍ମାନ ରକ୍ଷା କରିବା ପାଇଁ ନିଶ୍ଚିତ ଚାହିଁବ। ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ପାଇଁ ଚଳିତ ନ୍ୟୁଜିଲାଣ୍ଡ ସିରିଜ ଏବଂ ଆଗାମୀ ଟି୨୦ ବିଶ୍ୱକପ ଅଗ୍ନିପରୀକ୍ଷା ସଦୃଶ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ଫଳାଫଳ ବିଶ୍ୱକପ ଉପରେ ବଡ ପ୍ରଭାବ ପକାଇବ। ପୁଣି ଆଗକୁ ଆସୁଛି ୨୦୨୭ ଦିନିକିଆ ବିଶ୍ୱକପ୍। ଏଥିପାଇଁ ଗୌତମ ଗମ୍ଭୀରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଯଦିଓ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଏବଂ ବାରମ୍ବାର ଘରୋଇ ସିରିଜ ହାରିବାକୁ ନେଇ ଅନେକ ସମାଲୋଚନା କରାଯାଇଥିଲା ଏବଂ ପୂର୍ବତନ ଖେଳାଳି ଏବଂ ବର୍ତ୍ତମାନର ଜାତୀୟ କ୍ରିକେଟ ଏକାଡେମୀ (ବେଙ୍ଗାଲୁରୁ)ର ମୁଖ୍ୟ କୋଚ ଭି.ଭି.ଏସ୍. ଲକ୍ଷ୍ମଣଙ୍କ ନାମ ମୁଖ୍ୟ କୋଚ ପାଇଁ ଚର୍ଚ୍ଚାକୁ ଆସିଥିଲା ତେବେ ବିସିସିଆଇ ସମ୍ପାଦକ ଅଭିଜିତ୍ ସାଇକିଆ ଏହାକୁ ଖଣ୍ଡନ କରିଥିଲେ। ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଗୌତମ ଗମ୍ଭୀର କୋଚ ଦାୟିତ୍ୱ ନିର୍ବାହ କରିବେ ବୋଲି ସେ ସ୍ପଷ୍ଟ କରିଥିଲେ। ଭାରତ ଖେଳିବାକୁ ଥିବା ଆଗାମୀ ଦ୍ୱିପାକ୍ଷିକ ସିରିଜଗୁଡିକ ମଧ୍ୟରେ ମୁଖ୍ୟତଃ ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜ ଭାରତ ପାଇଁ ଏସିଡ ଟେଷ୍ଟ ହେବାର ସମ୍ଭାବନା ରହିଛି। ବାରମ୍ବାର ଖେଳାଳି ଏବଂ ବ୍ୟାଟିଂ କ୍ରମରେ ପରିବର୍ତ୍ତନ ଭାରତର କ୍ରମାଗତ ସଫଳତା ହାସଲରେ ବାଧକ ସୃଷ୍ଟି କରିଛି। ଭାରତ ମାଟିରେ ଖେଳାଯିବାକୁ ଥିବା ଆଗାମୀ ଟି୨୦ ବିଶ୍ୱକପ ଗୌତମ ଗମ୍ଭୀର ଏବଂ ଅନ୍ୟାନ୍ୟ କୋଚିଂ ଷ୍ଟାଫ୍‌ଙ୍କ ପାଇଁ ଆତ୍ମସମ୍ମାନ ଫେରାଇ ଆଣିବାକୁ ସୁଯୋଗ ସୃଷ୍ଟି କରିବ। ନଚେତ୍ ପରିବର୍ତ୍ତନ ଅବସମ୍ଭାବୀ ମନେହେଉଛି।

**ବର୍ତ୍ତମାନ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଟପ୍-୩ରେ ରହିଥିବାବେଳେ ଭାରତର ପ୍ରଦର୍ଶନ ତଳମୁହାଁ ହୋଇଛି। ବିଦେଶୀ ଟିମ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଏହାର ନିଜ ମାଟିରେ ହରାଇବା ଫଳରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି...**



ଗୌତମ ଗମ୍ଭୀର

### ସକ୍ସେସ

ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ
କିଲିମାଞ୍ଜାରୋ ପରବତ
ଫାଷ୍ଟେ ଦୃଷ୍ଟି ବାଧିତ ଲେଡି ଛୋନଜିନ
ଆରୋହଣ କଲା ମିତ
ପ୍ରବଳ ବରଫ ପାତ
ପ୍ରତିକୂଳ ପାଗ ସତ୍ତ୍ୱେ ସେ ସକ୍ସେସ
ଉଡ଼ିଲା ତ୍ରିରଙ୍ଗା ନେତ.... ୧

ସିନିୟର ୱାନ୍‌ଡେ ଓମେନ କ୍ରିକେଟ
ମ୍ୟାଚ ଯାଆ ରାଜକୋଟ
ସୁଶ୍ରୀ ଦିବ୍ୟାଦର୍ଶିନୀ ଓଡିଶା କ୍ୟାପ୍‌ଟେନ
ଧରିଛି ଟିମ୍‌ର ଛାଟ



ଦେଖାଇବ ନୂଆ ବାଟ
ଇନ୍ଦ୍ରାଣୀ, ଅଞ୍ଜଳି, ମୋନାଲିସା, ରାଣୀ
ଶିଳ୍ପା, ଶୁଭ୍ରା ଏକଜୁଟ... ୨

ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ
ପ୍ରମୋଦଙ୍କୁ ଦୁଇ ସୁନା
ପୁଜ୍ୟମ, ନୁରୁଲ ବ୍ରୋଞ୍ଜ ଜିତିଛନ୍ତି
ଓଡ଼ିଶା ଗୌରବ ଅନା
ବଢି ଫିଟ୍ ବାଲା ଛେନା
ମାନସିକ ସ୍ୱାସ୍ଥ୍ୟ, ଧ୍ୟାନ, ନିଷ୍ଠା ବଳେ
ସକ୍ସେସ ମିଳଇ ସିନା...୩

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
52 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୩/୨୦୨୬ Bhubaneswar, Friday, January 23/ 2026


# ଟି୨୦ ବିଶ୍ୱକପ୍‌ରୁ ବାଂଲାଦେଶ ବାଦ୍

ନୂଆଦିଲ୍ଲୀ,୨୨।୧

ଜିଦ୍‌ରେ ଅଟଳ ଥିବା ବାଂଲାଦେଶ ଆସନ୍ତା ୭ ତାରିଖରୁ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଦଳ ପଠାଇବାକୁ ମନା କରିଛି। ଭାରତରୁ ଶ୍ରୀଲଙ୍କାକୁ ମ୍ୟାଚ୍ ସ୍ଥାନାନ୍ତର ଲାଗି କରାଯାଇଥିବା ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଏହି ନିଷ୍ପତ୍ତି ନେଇଛି। ବିଶ୍ୱକପ୍‌ରେ ଖେଳିବ କି ନାହିଁ ସ୍ପଷ୍ଟ କରିବା ପାଇଁ ବିସିବିକୁ ଆଇସିସି ପକ୍ଷରୁ ବୁଧବାର ୨୪ ଘଣ୍ଟାର ଅଲ୍ଟିମେଟମ ଦିଆଯାଇଥିଲା। ବାଂଲାଦେଶର ଯୁବ ଓ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ ଓ ଜାତୀୟ ଦଳର ଖେଳାଳିଙ୍କ ସହ ଆଲୋଚନା ପରେ ବିସିବି ବିଶ୍ୱକପ୍‌ରେ ନ ଖେଳିବାକୁ ନିଷ୍ପତ୍ତି ନେଇଛି। ଫଳରେ ବିଶ୍ୱକପ୍ ଖେଳୁ ନ ଥିବା ଦଳମାନଙ୍କ ମଧ୍ୟରେ ଉଚ୍ଚ ର୍‍ୟାଙ୍କିଂ ପ୍ରାପ୍ତ ଦଳ ଭାବେ ସ୍କଟଲାଣ୍ଡକୁ ସାମିଲ କରାଯିବାର ଅଛି। ହେଲେ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ।

ବୈଠକ ପରେ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ କହିଛନ୍ତି, ଆମ କ୍ରିକେଟରମାନେ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। କିନ୍ତୁ ଭାରତରେ ଆମ ଖେଳାଳିଙ୍କର ଖେଳିବାକୁ ନେଇ ସୁରକ୍ଷା ବିପଦ ରହିଛି। ବିଶ୍ୱକପ୍‌ରେ ଖେଳିବା ଲାଗି ଆମେ ଏବେ ବି ଆଶା ରଖିଛୁ। ଆମ ଦଳ ପ୍ରସ୍ତୁତ ଅଛି। ଆମେ ଆଶା କରୁଛୁ ଆଇସିସି ଆମ ଖେଳାଳିଙ୍କର ସୁରକ୍ଷା ବିପଦକୁ ବୁଝି ଆମକୁ ଶ୍ରୀଲଙ୍କାରେ ଖେଳିବାକୁ ଅନୁମତି ଦେବ। ସେହିଭଳି ବିସିବି ସଭାପତି ଆମିନୁଲ ଇସ୍ଲାମ ବୁଲବୁଲ ପ୍ରକାଶ କରିଛନ୍ତି, ଆମେ ବିଶ୍ୱକପରେ ଖେଳିବାକୁ ଚାହୁଁ। କିନ୍ତୁ ଆମେ ଭାରତରେ ଖେଳିବୁ ନାହିଁ। ଆମେ ଲଢ଼େଇ ଜାରି ରଖିବୁ। ଆଇସିସି ବୋର୍ଡ ମିଟିଂରେ ଚକିତ କଲା ଭଳି ଅନେକ ନିଷ୍ପତ୍ତି ନିଆଯାଇଥିଲା। କେବଳ ମୁସ୍ତାଫିଜୁର ରହମାନଙ୍କ ସମସ୍ୟା ଏକମାତ୍ର ବିଷୟ ନୁହେଁ। ଭାରତ ଏକାକୀ ନିଷ୍ପତ୍ତି ନେଉଛି। ଭାରତରୁ ଆମ ମ୍ୟାଚ୍ ସ୍ଥାନାନ୍ତର କରାଯାଇପାରିବ ନାହିଁ ବୋଲି ଆଇସିସି ଆମକୁ କହୁଛି। ଅନ୍ତର୍ଜାତୀୟ କ୍ରିକେଟର ପରିଚାଳକ ଭାବେ ଆଇସିସିର ଅସ୍ତିତ୍ୱ ଉପରେ ଆମର ସନ୍ଦେହ ରହିଛି। ଏହାର ଲୋକପ୍ରିୟତା ହ୍ରାସ ପାଉଛି। କ୍ରିକେଟ ଅଲିମ୍ପିକ୍ସକୁ ଯାଉଥିବା ବେଳେ ଯଦି ଆମ ଭଳି ଏକ ଦେଶ ବିଶ୍ୱକପ୍ ନ ଖେଳିବ, ତେବେ ତାହା ଆଇସିସିର ବିଫଳତା।

## ଜିଦ୍‌ରେ ଅଟଳ ବିସିବି




# ରଣ୍‌ଜୀ ଟ୍ରଫି: ତାମିଲନାଡୁ ୨୮୧/୭

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ବ୍ରେକ୍ ପରେ ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନର ଅବଶିଷ୍ଟ ଭାଗ ବୁଧବାର ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଏଲିଟ ଗ୍ରୁପ୍ 'ଡି' ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ତାମିଲନାଡୁ ୭ ଉଇକେଟ ହରାଇ ୨୮୧ ରନ ସଂଗ୍ରହ କରିଛି। ୨୦୨୫ ନଭେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ମ୍ୟାଚ ସହ ରଣଜୀ ଟ୍ରଫି ମ୍ୟାଚ ବନ୍ଦ ରହିଥିଲା। ସେତେବେଳେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୯୯ ରନରେ ବିଜୟୀ ହୋଇଥିଲା। ଓଡ଼ିଶା ଏପର୍ଯ୍ୟନ୍ତ ୫ ମ୍ୟାଚ ଖେଳି ୧ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ୧୨ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିବା ତାମିଲନାଡୁ ଓପନର ଅତୀଶ ଏସ.ଆର. (୫୦), ପ୍ରଦୋଷ ରଞ୍ଜନ ପାଲ (୭୮), ସି.ଆନ୍ଦ୍ରେ ସିଦ୍ଧାର୍ଥ (୫୬) ଓ ନିଧିଶ ରାଜଗୋପାଳ (୫୪)ଙ୍କ ଅର୍ଦ୍ଧଶତକ ସହାୟତାରେ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ନିଜ ଇନିଂସ ମଧ୍ୟରେ ପ୍ରଦୋଷ ତୃତୀୟ ଉଇକେଟରେ ଅତୀଶଙ୍କ ସହ ୬୫ ଓ ଚତୁର୍ଥ ଉଇକେଟରେ ସିଦ୍ଧାର୍ଥଙ୍କ ସହ ୭୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ୮୩ ଓଭର ପରେ ଖେଳ ବନ୍ଦ ରହିବା ବେଳକୁ ରାଜଗୋପାଳ ୫୪ ଓ ଅଧିନାୟକ ସାଇ କିଶୋର ୧୨ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୮ମ ଉଇକେଟରେ ଦୁହେଁ ୨୯ ରନ ଯୋଗ କରିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ବୋଲିଂ ଆକ୍ସନରେ ଓଡ଼ିଶାର ରାଜେଶ ମହାନ୍ତି।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ: ୨୮୧/୭ (ପ୍ରଦୋଷ ରଞ୍ଜନ ପାଲ-୭୮, ସି.ଆନ୍ଦ୍ରେ ସିଦ୍ଧାର୍ଥ-୫୬, ନିଧିଶ ରାଜଗୋପାଳ-୫୪, ଅତୀଶ ଏସ.ଆର-୫୦, ରାଜେଶ ମହାନ୍ତି-୨/୫୦, ଗୋବିନ୍ଦ ପୋଦ୍ଦାର-୨/୮୫, ଦେବବ୍ରତ ପ୍ରଧାନ-୧/୩୭, ସମ୍ବିତ ବରାଳ-୧/୩୫, ବିପ୍ଳବ ସାମନ୍ତରାୟ-୧/୨୯)।

# ୨୭ ମିଲିଅନ ଡଲାର କ୍ଷତି ସହିବ ବିସିବି

ଢ଼ାକା,୨୨।୧

ଟି୨୦ ବିଶ୍ୱକପ୍ ଲାଗି ଭାରତ ଟ୍ରାଭେଲ ନ କରିବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ପାଖାପାଖି ୨୭ ମିଲିଅନ ଆମେରିକୀୟ ଡଲାର (୩୨୫ କୋଟି ଟାକା) କ୍ଷତି ସହିବାକୁ ପଡ଼ିବ। ଏଥିସହିତ ପ୍ରସାରଣ, ସ୍ପନସରଶିପ ବାବଦକୁ ରାଜସ୍ୱ ସମେତ ଆର୍ଥିକ ବର୍ଷର ଆୟ ୬୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ପ୍ରଭାବିତ ହୋଇପାରେ। ବିସିବିର ଏଭଳି ନିଷ୍ପତ୍ତି ପାଇଁ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ଭାରତୀୟ ଦଳ ଦ୍ୱିପାକ୍ଷୀକ ସିରିଜ୍ ପାଇଁ ବାଂଲାଦେଶ ଟୁର କରିବ ନାହିଁ। ଏହି ସିରିଜ୍‌ର ଟିଭି ପ୍ରସାରଣ ଅଧିକାର ଅନ୍ୟ ଦେଶ ସହିତ ୧୦ ଦ୍ୱିପାକ୍ଷୀକ ସିରିଜ୍‌ରୁ ହେବାକୁ ଥିବା ଆୟ ସହ ସମାନ।

# ଜୋକୋଭିଚ୍ ତୃତୀୟ ରାଉଣ୍ଡରେ

ମେଲବୋର୍ନ, ୨୨।୧ (ଏପି)

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୧୪୧ ର୍‍ୟାଙ୍କିଂପ୍ରାପ୍ତ ଇଟାଲୀର ୨୩ ବର୍ଷୀୟ ଫ୍ରାନ୍ସିସ୍କୋ ମାଷ୍ଟ୍ରେଲିଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଜୋକୋଭିଚ୍‌ଙ୍କର ଏହା ହେଉଛି ୩୯୯ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ବିଜୟ। ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଆଉ ଗୋଟିଏ ମ୍ୟାଚ ଜିତିଲେ ସେ ପ୍ରଥମ ଖେଳାଳି ଭାବେ ୪୦୦ ଛୁଇଁବେ। ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ବୋଟିକ୍ ଭାନ୍ ଡି' ଜାଣ୍ଡସ୍କଲପ୍‌ଙ୍କୁ ଭେଟିବେ, ଯିଏକି ସାଙ୍ଗ୍ ଜୁନ୍‌ଚେଙ୍ଗ୍‌ଙ୍କୁ ୭-୬ (୬), ୬-୨, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଗତଥରର ମହିଳା ସିଙ୍ଗଲ୍ସ ଚାମ୍ପିୟନ ମାଡିସନ କିଜ୍ ନିଜ ଦେଶ ଆମେରିକାର ଆଶଲିନ୍ କ୍ରୁଏଜରଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, କିଜ୍ ୧୨ ମାସ ପୂର୍ବେ ତାଙ୍କର ଗ୍ରାଣ୍ଡସ୍ଲାମ ପଦାର୍ପଣ କରିଥିଲେ। ସେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ବଜାୟ ରଖିବା ଲାଗି ଚେଷ୍ଟା କରୁଛନ୍ତି। କିଜ୍ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱର ପୂର୍ବତନ ନମ୍ବର ୱାନ କାରୋଲିନା ପ୍ଲିସ୍‌କୋଭାଙ୍କୁ ଭେଟିବେ, ଯିଏକି ଇଣ୍ଡୋନେସିଆର ଜାନିସ ଟିଜେନଙ୍କ ବିପକ୍ଷ ମ୍ୟାଚ ୬-୪, ୬-୪ରେ ଜିତିଛନ୍ତି। ୨୦୨୪ ୟୁଏସ୍ ଓପନ ପରେ ପ୍ଲିସକୋଭାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଥିଲା। ଏଥିରୁ ସୁସ୍ଥ ହେବାପରେ ସେ ମାତ୍ର ୩ଟି ମ୍ୟାଚ ଖେଳିଥିଲେ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଅନ୍ୟ ଦୁଇ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ମହିଳା ଖେଳାଳିଙ୍କ ମଧ୍ୟରେ ୪ ନମ୍ବର ମାନ୍ୟତାପ୍ରାପ୍ତ ଆମାଣ୍ଡା ଆନିସିମୋଭା ଡବଲ୍ସ ଚାମ୍ପିୟନ କାଟରିନା ସିନିଆକୋଭାଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ୬ଷ୍ଠ ସିଡ୍ ଜେସିକା ପେଗୁଲା ତାଙ୍କ ଡବଲ୍ସ ପାର୍ଟନର ମ୍ୟାକ୍ କାର୍ଟନୀ କ୍ଲେସରଙ୍କୁ ୬-୦, ୬-୨ରେ ପରାସ୍ତ କରିଛନ୍ତି। ଗତ ଦୁଇଟି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ରନରଅପ୍ ହୋଇଥିବା ଆନିସିମୋଭା ବର୍ତ୍ତମାନ ତାଙ୍କ ଦେଶ ଆମେରିକାର ପେଟନ ଷ୍ଟିଅର୍ନସଙ୍କ ସହ ମୁକାବିଲା କରିବେ। ପେଗୁଲା ବର୍ତ୍ତମାନ ଓକ୍‌ସାନା ସେଲେଖମେଟେଭାଙ୍କୁ ଭେଟିବେ, ଯିଏକି ୨୦୨୫ ସେମିଫାଇନାଲିଷ୍ଟ ପାଉଲା ବଦୋସାଙ୍କୁ ୬-୪, ୬-୪ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

# ଫୁଟ୍‌ବଲର ପାଶାଙ୍କ ପରଲୋକ

ନୂଆଦିଲ୍ଲୀ, ୨୨।୧(ପି.ଟି.)

ଭାରତ ଓ ଇଷ୍ଟବେଙ୍ଗଲର ପୂର୍ବତନ ଡିଫେଣ୍ଡର ଇଲିଆସ ପାଶାଙ୍କ ଗୁରୁବାର ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ୨ଝିଅ ଓ ୨ପୁଅ ଅଛନ୍ତି। ପାଶା କର୍ନାଟକର ଜଣେ ଶ୍ରେଷ୍ଠ ଫୁଟ୍‌ବଲର ଥିଲେ। ପାଶାଙ୍କ ବିୟୋଗରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍ଏଫ୍) ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ୧୯୮୭ଜାନୁଆରୀ ୨୭ରେ କୋଝିକୋଡ୍‌ରେ ନେହେରୁ କପ୍‌ରେ ବୁଲ୍‌ଗେରିଆ ବିପକ୍ଷ ମ୍ୟାଚରେ ସେ ଭାରତ ସିନିୟର ଦଳ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ନେହେରୁ କପ୍ (୧୯୮୭ ଓ ୧୯୯୧)ର ଦୁଇଟି ସଂସ୍କରଣ, ୧୯୯୧ ସାଫ୍ ଗେମ୍ସ ଏବଂ ୧୯୯୨ ଏସିଆନ କପ୍ କ୍ୱାଲିଫାୟର୍ସ ଖେଳିଛନ୍ତି। ପାଶା ନର୍ଥ ବେଙ୍ଗାଲୁରୁ ଅନ୍ତର୍ଗତ ବ୍ୟାଲିକାଭାଲସ୍ଥିତ ବିନାୟକ ଫୁଟ୍‌ବଲ କ୍ଲବ ତରଫରୁ ଖେଳି ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ।




Authorized Dealers: Balasore: Neelam Hero - 9289922519, Baripada: Aditya Hero - 9289922585, Bhadrak: Sanjib Hero - 9289922608, Jaleswar: Sai Hero - 9289922844, Keonjhar: Supreme Hero - 9289922182, Associate Dealers: Baliapal: Baba Motor - 9438757377, Soro: Twinkle Motors - 9861594852, Basta: Shivam Motors - 7735958754, Rairangpur: Maa Sakambari Motors - 7008581719, Karanjia: JK Motors - 9040909925, Mayurbhanj: Mahaveer Motors - 7326872255/9853290346, Basudevpur: Bidyalalita Automobile - 9827487072, Telkoi: Panchamukhi Motors - 9717004926, Barbil: Wheels Motors - 9776931870, Bahalda: Suraj Motors - 7978159399, Udula: Mahaveer Motors - 9853290346, Amarda: Laxmi Motors - 8249028380, Bhogarai: Aditya Automobiles - 7205048019.






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ